ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପ୍ରେମଚନ୍ଦଙ୍କ କାହାଣୀ

ଗ୍ରନ୍ଥମନ୍ଦିର

Digitized by PPRACHIN, SOA

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ପ୍ରେମଚନ୍ଦଙ୍କ କାହାଣୀ

[ପ୍ରଥମ ଖଣ୍ଡ]

ଅନୁବାଦ :
ଶ୍ରୀମତୀ ଗାୟତ୍ରୀ ମିଶ୍ର, ଏମ୍. ଏ.

ଗ୍ରନ୍ଥ ମନ୍ଦିର

Digitized by PPRACHIN, SOA

ପ୍ରକାଶକ : ଅଭିରାମ ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨
ଗ୍ରନ୍ଥମନ୍ଦିର, ବାରକ୍ସ, ବ୍ରହ୍ମପୁର-୧

ମୁଦ୍ରକ : ପୂର୍ଣ୍ଣଚନ୍ଦ୍ର ପରିଡ଼ା
ନବରତ୍ନ ପ୍ରିଣ୍ଟର୍ସ, କଟକ-୯

ପ୍ରଥମ ସଂସ୍କରଣ : ୧୯୮୭

ମୂଲ୍ୟ : ଟ ୭-୦୦

Digitized by PPRACHIN, SOA

ସୂଚୀ

୧ । ଗ୍ରାମଲକ୍ଷ୍ମୀ		୧
୨ । ମନ୍ତ୍ର		୧୪
୩ । ଜମିଦାରଙ୍କ କୂଅ		୩୯
୪ । ରାଣୀ ଧାରଣ୍ଡା		୪୫
୫ । ଦୁଧର ମୂଲ୍ୟ	...	୭୪

Digitized by PPRACHIN, SOA

ରାମଲୀଳା

ବହୁତ ଦିନ ହେଲା ରାମଲୀଳା ଦେଖିନଥାଏ । ମାଙ୍କଡ଼ ମୁଖା ଲଗାଇ, ଆଣ୍ଠୁ ପର୍ଯ୍ୟନ୍ତ ପାଇଜାମା ପିନ୍ଧି ଏବଂ କଳା ରଙ୍ଗର ଗ୍ଲେଟ କୁର୍ତ୍ତା ପିନ୍ଧି ମଣିଷମାନଙ୍କୁ ମାଙ୍କଡ଼ଭଳି ଡିଆଁ-ଡେଇଁ କରିବା ଦେଖିଲେ ଏବେ ହସଲାଗୁଚି; ଆଗଭଳି ମଜା ଲାଗୁନାହିଁ । କାଶୀରେ ହେଉଥିବା ଯାତ୍ରା ପୃଥିବୀ ପ୍ରସିଦ୍ଧ ଥିଲା । ଶୁଣିଛି, ଲୋକମାନେ ଦୂରଦୂରାନ୍ତରୁ ଏଠାକୁ ଆସନ୍ତି ଯାତ୍ରା ଦେଖିବାପାଇଁ । ମୁଁ ମଧ୍ୟ ବଡ଼ ଆଗ୍ରହରେ ଦେଖିବାକୁ ଗଲି; କିନ୍ତୁ ସେଠାକାର ଲୀଳା ଏବଂ ନପଟ ମଫସଲର ଯାତ୍ରା ଭିତରେ କୌଣସି ପାର୍ଥକ୍ୟ ଦେଖିବାକୁ ପାଇଲି ନାହିଁ । ହିଁ, ରାମନଗର ଯାତ୍ରାରେ ସାଜସଜ୍ଜା କିଛି ଠିକିଏ ବରଂ ଭଲ ଥିଲା । ରାକ୍ଷସ ଏବଂ ମାଙ୍କଡ଼ମାନଙ୍କର ମୁଖାଗୁଡ଼ିକ ପିତଳରେ ତିଆରି, ଗଦାଗୁଡ଼ିକ ମଧ୍ୟ ପିତଳର । ସମ୍ଭବ ସମସ୍ତରେ ବନବାସୀ ଭାଇମାନଙ୍କର ମୁକୁଟରେ ସୁନ୍ଦର କାରୁକାର୍ଯ୍ୟ ହୋଇଥାଏ । କିନ୍ତୁ ଏହି ସାଜସଜ୍ଜା ବ୍ୟତୀତ, ସେଠାରେ ମଧ୍ୟ ସେହି ଡିଆଁକୁଦା ଛଡ଼ା ଆଉ କିଛି ଅଧିକ ନଥିଲା । ତଥାପି ସେଠାରେ ଲକ୍ଷ ଲକ୍ଷ ଲୋକଙ୍କର ଭିଡ଼ ଲାଗି ରହୁଥିଲା ।

ମୋର ପିଲାଦିନେ ମତେ ବି ରାମଲୀଳା ଦେଖିବାକୁ ବହୁତ ଖୁସି ଲାଗୁଥିଲା । ଆନନ୍ଦ କହିଲେ ଠିକ୍ ହେବ ନାହିଁ—ସେ ଆନନ୍ଦ କୌଣସି ଉନ୍ମାଦନାଠାରୁ କମ୍ ନଥିଲା । ଦୈବଯୋଗକୁ ସେତେ-ବେଳେ ଆମ ଘରଠାରୁ ଅଳ୍ପ ଦୂରରେ ରାମଲୀଳା ପଡ଼ିଆଟି ଥିଲା ।

Digitized by PPRACHIN, SOA

ଯେଉଁ ଘରେ କଳାକାରମାନଙ୍କୁ ସାଜସଜ୍ଜା କରାଯାଉଥିଲା, ସେଇଟା ଆମ ଘରକୁ ଲାଗିଥିଲା । ଦିନ ଦୁଇଟାଠାରୁ ଅଭିନେତା-ମାନଙ୍କର ସଜବାଜ ଆରମ୍ଭ ହେଉଥିଲା । ମୁଁ ଦିପହରଠାରୁ ସେଠାରେ ଯାଇ ବସୁଥିଲି । ସେଠାରେ ଯେଉଁ ଉତ୍ସାହରେ ଗ୍ଛୋଟ-ମୋଟ କାମଗୁଡ଼ିକ କରୁଥିଲି, ସେହି ଉତ୍ସାହରେ ବର୍ତ୍ତମାନ ପେନ୍‌ସନ୍ ଆଣିବା ପାଇଁ ମଧ୍ୟ ଯାଉନାହିଁ ।

ଗୋଟିଏ କୋଠରୀରେ ରାଜକୁମାରମାନେ ବେଶ ହେଉ-ଥିଲେ । ସେମାନଙ୍କ ଦେହରେ ହଳଦିଆ ରଙ୍ଗ ବଟା ହୋଇ ବୋଳା ଯାଉଥିଲା । ମୁହଁରେ ପାଉଡ଼ର ଲଗାଯାଉଥିଲା ଏବଂ ପାଉଡ଼ର ଉପରେ ଲାଲ, ଶାଗୁଆ, ନୀଳ ରଙ୍ଗର ଗ୍ଛୋଟ ଗ୍ଛୋଟ ଟୋପିମାନ ଦିଆହେଉଥିଲା । ସେମାନଙ୍କର ସାରା କପାଳ, ଭ୍ରୂଲତା, ଗାଲ ଏହି ଗ୍ଛୋଟ ଗ୍ଛୋଟ ଟୋପାରେ ସଜ୍ଜିତ ହୋଇ ଉଠୁଥିଲା । କେବଳ ଜଣେ ଲୋକ ଏହି କାମ କୌଶଳରେ କରି-ଜାଣୁଥିଲା । ସେ ଜଣକ ପରେ ଜଣେ କରି ରାମ, ଲକ୍ଷ୍ମଣ ଓ ସୀତା ତିନିଜଣଙ୍କୁ ଏପରି ବେଶ କରୁଥିଲା । ରଙ୍ଗ ଜାଗାମାନଙ୍କରେ ପାଣି ଆଣିବା, ହଳଦିଆ ରଙ୍ଗ ବାଟିବା, ପଙ୍ଖା ଧରି ବିଞ୍ଚିବା ଇତ୍ୟାଦି ମୋର କାମ ଥିଲା । ଏହି ସବୁ ବନ୍ଦୋବସ୍ତ ପରେ ଯେତେବେଳେ ବିମାନ ବାହାରେ, ରାମଚନ୍ଦ୍ରଙ୍କ ପଛରେ ବସି ମୁଁ ଯେପରି ଉଲ୍ଲସିତ, ଗର୍ବିତ ଏବଂ ରୋମାଞ୍ଚିତ ହେଉଥିଲି, ବର୍ତ୍ତମାନ ଲାଟ-ସାହେବଙ୍କ ଦରବାରରେ ଚୌକି ଉପରେ ବସିଲେ ମଧ୍ୟ ସେ ଆନନ୍ଦ ମିଳିବ ନାହିଁ । ଥରେ ବ୍ୟବସ୍ଥାପକ ସଭାରେ ହୋମ୍ ମେମ୍ବର ଯେତେବେଳେ ମୋର ଗୋଟେ ପ୍ରସ୍ତାବକୁ ସମର୍ଥନ କରି-ଥିଲେ, ସେତେବେଳେ ମୁଁ ସେହିପରି କିଛି ଉଲ୍ଲାସ, ଗର୍ବ ଓ ରୋମାଞ୍ଚ ଅନୁଭବ କରିଥିଲି । ହଁ, ଆଉ ଥରେ ଯେତେବେଳେ

Digitized by PPRACHIN, SOA

ମୋର ବଡ଼ ପୁଅ ତହସିଲ୍‌ଦାରୀରେ ପ୍ରଶଂସିତ ହୋଇଥିଲା—ସେତେବେଳେ ମଧ୍ୟ ମୋ ମନରେ ଏପରି ଏକ ଆନନ୍ଦର ଲହରୀ ଖେଳିଯାଇଥିଲା; କିନ୍ତୁ ଏଥିରେ ଏବଂ ସେହି ବାଲ୍ୟ ଭାବବିହ୍ୱଳତାରେ ଢେର୍ ପାର୍ଥକ୍ୟ ଥିଲା । ସେତେବେଳେ ଲାଗୁଥିଲା ମୁଁ ସତେ ଯେପରି ସ୍ୱର୍ଗରେ ବସିଛି ।

ଶବରର ନୌକା-ବିହାର ଅଭିନୟ ହେବାକୁ ଥାଏ । ମୁଁ ଦୁଇ ଚାରିଜଣ ପିଲାଙ୍କର କଥାରେ ପଡ଼ି ଗୁଡ଼ିଡାଣ୍ଡି ଖେଳିବାକୁ ଯାଇଥିଲି—ସଜବାଜ ଦେଖିବାକୁ ଯାଇନଥିଲି । ରଥ ବାହାରିଲା ପରେ ମଧ୍ୟ ମୁଁ ଖେଳ ବନ୍ଦ କରି ନଥିଲି । ସେତେବେଳେ ଥିଲା ମୋର ଖେଳିବା ପାଳି । ଏହି ନୌକା ହରାଇବା ପାଇଁ ବହୁତ ବଡ଼ ଆତ୍ମତ୍ୟାଗ ଦରକାର ଥିଲା ଯାହା ମୁଁ କରିପାରିନଥାନ୍ତି ।

ଯାହାହେଉ ମୋର ପାଳି ସରିଲା । ମୁଁ ଚାହିଁଥିଲେ ଆଉ ଦଶ ପାଞ୍ଚ ମିନିଟ୍ ଜବରଦସ୍ତି ଖେଳିପାରିଥାନ୍ତି । ଏପରି ସୁଯୋଗ ମଧ୍ୟ ମୋର ଥିଲା । ତଥାପି ମୁଁ ସିଧା ଦଉଡ଼ିଲି ନାଳ ଆଡ଼କୁ । ବିମାନ ସେତେବେଳକୁ ଜଳ ତଟରେ ପହଞ୍ଚି ସାରିଥିଲା । ମୁଁ ଦୂରରୁ ଦେଖିଲି—ନାଉରିଆ ନୌକା ନେଇ ଆସୁଛି । ଏହା ଦେଖି ମୁଁ ଦୌଡ଼ିବାକୁ ଆରମ୍ଭ କଲି, କିନ୍ତୁ ପ୍ରବଳ ଜନ ଗହଳି ଭିତରେ ଦୌଡ଼ିବା କଷ୍ଟକର ହେଲା । ଶେଷରେ ଯେତେବେଳେ ଭିଡ଼ କଟେଇ ପ୍ରାଣପଣେ ଚେଷ୍ଟାକରି ଯାଇ ଘାଟରେ ପହଞ୍ଚିଲି ସେତେବେଳକୁ ଶବର ନୌକା ଖୋଲିସାରିଥିଲା ।

ରାମଚନ୍ଦ୍ରଙ୍କୁ ମୁଁ କେତେ ଶ୍ରଦ୍ଧା କରୁଥିଲି । ନିଜ ପାଠ ବିଷୟରେ ଚିନ୍ତା ନ କରି ତାଙ୍କୁ ପଢ଼େଇଦେଉଥିଲି, କାଳେ ଫେଲ୍ ହେଇଯିବେ ବୋଲି । ମୋଠାରୁ ବୟସରେ ବଡ଼ ହୋଇ ମଧ୍ୟ ମୋ ତଳ ଶ୍ରେଣୀରେ ସେ ପଢ଼ୁଥିଲେ । କିନ୍ତୁ ସେଇ ରାମଚନ୍ଦ୍ର

Digitized by PPRACHIN, SOA

ନୌକାରେ ବସି ଏପରି ମୁହଁ ବୁଲେଇ ଚାଲିଗଲେ ସତେ ଯେପରି ମତେ ଚିହ୍ନି ନାହାନ୍ତି । ଏହି ନାଟକଗୁଡ଼ିକ ମଧ୍ୟ ବେଳେ ବେଳେ ସତ୍ୟ ପରି ବୋଧହୁଏ । ତେଣୁ ମୁଁ ଭାବିଲି ଯେତେବେଳେ ଭକ୍ତମାନଙ୍କ ଉପରେ ତାଙ୍କର ତୀକ୍ଷ୍ଣ ଦୃଷ୍ଟି ନିବଦ୍ଧ, ସେ ମତେ ଅବା କାହିଁକି ପଚାରିବେ ? ମୁଁ ବିକଳ ହୋଇ ଗୋଟେ କଅଁଳା ବାଛୁରୀଭଳି ଡେଇଁବାକୁ ଲାଗିଲି । କେତେବେଳେ ଡେଇଁ ଡେଇଁ ନାଳ ଆଡ଼କୁ ଯାଉଥାଏ ତ କେତେବେଳେ କେଉଁ ସାଙ୍ଗକୁ ଖୋଜିବା ପାଇଁ ପଛଆଡ଼କୁ ଦୌଡ଼ୁଥାଏ । କିନ୍ତୁ ସମସ୍ତେ ଆପଣା ଆପଣା ଚିନ୍ତାରେ ବୁଡ଼ି ରହିଥିଲେ; ମୋର ଡାକ ତେଣୁ କାହା କାନରେ ପଶିଲା ନାହିଁ । ତା ପରେ ଜୀବନରେ ମୁଁ ବହୁତ ବଡ଼ ବଡ଼ ବିପଦର ସମ୍ମୁଖୀନ ହୋଇଛି; କିନ୍ତୁ ମୋର ମନରେ ସେଦିନଭଳି କେବେ ଦୁଃଖ ହୋଇନଥିଲା ।

ମୁଁ ନିଷ୍ଟୟ କରିଥିଲି; ଆଉ କେବେ ରାମଚନ୍ଦ୍ର ସାଙ୍ଗରେ କଥାବାର୍ତ୍ତା କରିବି ନାହିଁ କିମ୍ବା କୌଣସି ଖାଇବା ଜିନିଷ ମଧ୍ୟ ଦେବିନି; କିନ୍ତୁ ସେମାନେ ଯେମିତି କେନାଲ ପାର ହୋଇ ପୋଲ ଆଡ଼କୁ ଆସିଲେ ମୁଁ ଦଉଡ଼ିଯାଇ ବିମାନ ଉପରେ ଚଢ଼ିଗଲି ଏବଂ ଏତେ ଖୁସି ହୋଇଗଲି ଯେ ପୂର୍ବର ସବୁ ରାଗ ମୋର ମନରୁ ଧୋଇହୋଇଗଲା । ରାମଲୀଳା ସେଠିତବେଳକୁ ଶେଷ ହୋଇଯାଇ-ଥିଲା । ରାଜ୍ୟାଭିଷେକ ହେବାକୁ ବାକିଥିଲା । କିନ୍ତୁ କୌଣସି ଅଜ୍ଞାତ କାରଣ ହେତୁ ଡେରି ହେଉଥିଲା । ବୋଧହୁଏ କମ୍ ଚାନ୍ଦା ଆଦାୟ ହୋଇଥିଲା । ଏବେ ଆଉ ରାମଚନ୍ଦ୍ରଙ୍କ କଥା କେହି ପଚାରୁ-ନଥିଲେ । ଘରକୁ ଯିବାପାଇଁ ତାଙ୍କୁ ଛୁଟି ମିଳୁ ନ ଥିଲା । କିମ୍ବା ତାଙ୍କର ଖାଇବା ପିଇବା ପାଇଁ ମଧ୍ୟ କୌଣସି ବନ୍ଦୋବସ୍ତ ହୋଇପାରୁନଥିଲା । ଚୌଧୁରୀ ସାହେବଙ୍କ ଘରୁ ପ୍ରାପ୍ତ ତିନିଟା

Digitized by PPRACHIN, SOA

ବେଳକୁ କିଛି ଖାଇବାକୁ ମିଳୁଥିଲା । ବାକି ସାରା ଦିନ ପାଣି ଟିକିଏ ପାଇଁ ମଧ୍ୟ କେହି ପଚାରୁନଥିଲେ । କିନ୍ତୁ ମୋର ଶ୍ରଦ୍ଧା ଏବେ ମଧ୍ୟ ପୂର୍ବଭଳି ଥିଲା । ମୋର ଦୃଷ୍ଟିରେ ସେ ବର୍ତ୍ତମାନ ମଧ୍ୟ ରାମଚନ୍ଦ୍ର ହୋଇଥିଲେ । ଘରେ ମତେ କୌଣସି ଖାଇବା ଜିନିଷ ମିଳିଥିଲେ ମୁଁ ତାହା ନେଇ ରାମଚନ୍ଦ୍ରଙ୍କୁ ଦେଇ ଆସୁଥିଲି । ନିଜେ ଖାଇବା ଅପେକ୍ଷା ତାଙ୍କୁ ଖୁଆଇବାରେ ଅଧିକ ଆନନ୍ଦ ପାଉଥିଲି । କିଛି ମିଠା କିମ୍ବା ଫଳ ପାଇଲେ ମୁଁ ତତ୍‌କ୍ଷଣାତ୍ ତାକୁ ଧରି ଗାଁ ମଣ୍ଡପ ଆଡ଼େ ଦୌଡ଼ୁଥିଲି । ଯଦି ସେଠାରେ ରାମଚନ୍ଦ୍ରଙ୍କୁ ନପାଏ ତେବେ ଘରଆଡ଼େ ଖୋଜେ ଏବଂ ସେ ଜିନିଷଟି ତାଙ୍କୁ ନଖୁଆଇବା ପର୍ଯ୍ୟନ୍ତ ମତେ ଶାନ୍ତି ମିଳେନାହିଁ ।

ଯାହାହେଉ, ରାଜ୍ୟାଭିଷେକ ଉତ୍ସବ ପାଖେଇ ଆସିଲା । ରାମଲୀଳା ପଡ଼ିଆରେ ଏକ ବିରାଟ ତମ୍ବୁ ଟଣାଗଲା । ସେଠାରେ ଖୁବ୍ ସଜାସଜି ମଧ୍ୟ ହେଲା । ନାଚବାଲୀମାନଙ୍କର ଦଳ ମଧ୍ୟ ଆସିଲା । ସନ୍ଧ୍ୟାରେ ରାମଚନ୍ଦ୍ରଙ୍କର ପଟୁଆର ବାହାରିଲା ଏବଂ ପ୍ରତ୍ୟେକ ଦ୍ୱାରରେ ତାଙ୍କର ଆରତି କରାଗଲା । ଶ୍ରଦ୍ଧାନୁସାରେ କିଏ ଟଙ୍କା ତ କିଏ ପଇସାଏ ଦେଲା । ମୋର ବାପା ପୋଲିସ୍ ଚାକିରି କରୁଥିଲେ, ସେଥିପାଇଁ ସେ କିଛି ନ ଦେଇ ଆରତି କଲେ । ସେତେବେଳେ ମୁଁ ଏତେ ଲଜ୍ଜାବୋଧ କଲି ଯେ ମୋର ମୁଣ୍ଡ ତଳକୁ ହୋଇଗଲା । ଭାଗ୍ୟକୁ ସେତେବେଳେ ମୋ ପାଖରେ ଗୋଟେ ଟଙ୍କା ଥିଲା । ମାମୁ ଦଶହରା ଖର୍ଚ୍ଚ ପାଇଁ ମତେ ଗୋଟେ ଟଙ୍କା ଦେଇ ଯାଇଥିଲେ—ସେଇ ଟଙ୍କାଟା ଥିଲା । ଦଶହରାଦିନ ମଧ୍ୟ କିଛି ଖର୍ଚ୍ଚ କରି ନଥିଲି । ମୁଁ ଏବେ ସେ ଟଙ୍କାଟା ଆଣି ଆରତି ଥାଳିରେ ପକେଇଦେଲି । ଏହା ଦେଖି ବାପା ମୋତେ ଲାଲ ଲାଲ ଆଖିରେ ଚାହିଁଲେ । ସେ କିଛି ନ କହିଲେ ମଧ୍ୟ ତାଙ୍କ ମୁହଁର

Digitized by PPRACHIN, SOA

ଘରରୁ ଜଣାପଡ଼ୁଥିଲା ଯେ ମୋର ଏହି କାର୍ଯ୍ୟ ଦ୍ୱାରା ତାଙ୍କର ସମ୍ମାନରେ ଆଞ୍ଚ ଆସିଲା । ଗତ ଦଶଟାବେଳକୁ ଏ ପରିକ୍ରମା ପୂର୍ଣ୍ଣ ହେଲା । ଆରତିଥାଳ ଟଙ୍କାପଇସାରେ ଭର୍ତ୍ତି ହୋଇଯାଇଥିଲା । ଠିକ୍ ଭାବେ ଅନୁମାନ କଲେ ଜଣାପଡ଼ିବ ଯେ ସେଥିରେ ଚାରି-ପାଞ୍ଚଶହ ଟଙ୍କାରୁ କମ୍ ନଥିଲା । ଚୌଧୁରୀବାବୁ ଏହାଠାରୁ କିଛି ଅଧିକ ଖର୍ଚ୍ଚ କରିସାରିଥିଲେ । ସେ ବର୍ତ୍ତମାନ ବଡ଼ ଚିନ୍ତିତ ହୋଇ ପଡ଼ିଲେ, କିପରି ଅତି କମ୍‌ରେ ଆଉ ଦୁଇଶହ ଟଙ୍କା ଅଧିକ ଆଦାୟ ହୋଇପାରିବ । ଏବଂ ସେ ଭାବିଲେ ଏହା ପାଇଁ ସବୁଠାରୁ ଭଲ ଉପାୟ ହେଉଛି ନାଚବାଲିମାନଙ୍କଦ୍ୱାରା ସଭାରୁ ଆଦାୟ କରିବା । ଯେତେବେଳେ ଲୋକମାନେ ବସିଯିବେ ଏବଂ ସଭା ଆସ୍ତେ ଆସ୍ତେ ରଙ୍ଗୀନ ହୋଇଉଠିବ, ଆବାଦିଜାନ୍ ରସିକ-ମାନଙ୍କର ହାତ ଧରି ଏପରି ବ୍ୟବହାର କରିବ ଯେ ଲୋକମାନେ ଲଜ୍ଜାରେ କିଛି ନା କିଛି ଦେବାକୁ ବାଧ୍ୟ ହେବେ ।

ଆବାଦିଜାନ୍ ଓ ଚୌଧୁରୀବାବୁଙ୍କର ବହୁତ ପରାମର୍ଶ ହେଲା । ମୁଁ ଘଟଣାକ୍ରମେ ସେ ଦୁଇଜଣଙ୍କର କଥାବାର୍ତ୍ତା ଶୁଣୁଥିଲି । ଚୌଧୁରୀବାବୁ ଭାବଥିବେ, ଏ ପିଲାଟା କିଛି ବୁଝିପାରିବନି । କିନ୍ତୁ ଭଗବାନଙ୍କ କୃପାରୁ ମୋର ବୁଦ୍ଧି ହୋଇ ଯାଇଥିଲା—ସମସ୍ତ ଘଟଣା ବୁଝିପାରିଥିଲି ।

ଚୌଧୁରୀ କହିଲେ—ଶୁଣ ଆବାଦିଜାନ୍, ତୁମେ ବହୁତ ଅଧିକା ମାଗୁଛ । ଆମର ପୂର୍ବରୁ କିଛି ଜଣାଶୁଣା ନାହିଁ । ଭଗବାନ ଚାହିଁଲେ ତୁମର ଏଠାକୁ ସବୁବେଳେ ଯିବା ଆସିବା ଲାଗିରହିବ । ଏଥର ବହୁତ କମ୍ ଚାନ୍ଦା ଆଦାୟ ହେଲା—ନହେଲେ ଏତେ ବାକ୍ ବିତଣ୍ଡା ହୋଇ ନଥାନ୍ତା ।

Digitized by PPRACHIN, SOA

ଆବାଘ—ଆପଣ ମୋତେ ମଧ୍ୟ ଜମିଦାରୀ ଗୃଳକ ଦେଖାଉଛନ୍ତି ନା କଣ ? କିନ୍ତୁ ଏଠାରେ ହଜୁରଙ୍କ ଗୃଳକ ପଡ଼ିବନି । ଆଚ୍ଛା କଥା ! ଟଙ୍କା ମୁଁ ଆଦାୟ କରିବ ଆଉ ଆପଣ ନିଶ ମୋଡ଼ିବେ । ଉପାର୍ଜନ କରିବାର ଗୋଟେ ଭଲ ପନ୍ଥା ବାହାର କଲେ ! ସତେ ପ୍ରକୃତରେ ଏପରି ରୋଜଗାର କଲେ ଆପଣ ଅଳ୍ପ ଦିନରେ ରଜାହୋଇଯିବେ । ତା ଆଗରେ ଆପଣଙ୍କ ଜମିଦାରୀ ମଧ୍ୟ ହାର ମାନିଯିବ । ବାସ୍, କାଲିଠାରୁ ଆପଣ ଗୋଟେ ଆଡ୍ଡା ଖୋଲିଦିଅନ୍ତୁ । ଖୁଦାଙ୍କ ରଣ, ଗୋଟିଏ ରାତିରେ ଆପଣ ଧନୀ ହୋଇଯିବେ ।

ଚୌଧୁରୀ—ତୁମେ ପରିହାସ କରୁଚ ?

ଆବାଘ—ଆପଣ ମଧ୍ୟ ମୋ ଆଗରେ ଗୃଳକ ଦେଖାଉଚନ୍ତି । ଆପଣଙ୍କ ଭଳି କେତେ ଲୋକ ମୋ ଇସାରାରେ ପ୍ରତିଦିନ ନାଚୁଚନ୍ତି ।

ଚୌଧୁରୀ—ପ୍ରକୃତରେ ତୁମର ଉଦ୍ଦେଶ୍ୟ କଣ ?

ଆବାଘ—ଯାହା ଆଦାୟ ହେବ ସେଥିରୁ ଅଧା ମୋର ଓ ଅଧା ଆପଣଙ୍କର ହେବ । ଯଦି ରାଜି ଅଛନ୍ତି ତେବେ କଥା ଦିଅନ୍ତୁ ।

ଚୌଧୁରୀ—ହଉ ତୁମ କଥା ରହିଲା ।

ଆବାଘ—ଆଚ୍ଛା, ତାହା ହେଲେ ମୋତେ ପ୍ରଥମେ ଶହେ ଟଙ୍କା ଦେଇଦିଅନ୍ତୁ—ନ ହେଲେ ପରେ ପୁଣି ଦିନ ଗଡ଼େଇବେ ।

ଚୌଧୁରୀ—ବାଃ ! ସେତେବେଳେ ଅଧା ଭାଗ ନେବ—ପୁଣି ଏବେ ମଧ୍ୟ ନେବ ।

ଆବାଘ—ଆଚ୍ଛା ! ତାହାହେଲେ ଆପଣ କଣ ଭାବିଚନ୍ତି ମୁଁ ମୋର ପାରିଶ୍ରମିକ ଛାଡ଼ିଦେବି ? ବହୁତ ଗୃଳକ ଲୋକ ତ ଆପଣ ! ହଁ, କାହିଁକି ଅବା ନ ହେବେ ?

Digitized by PPRACHIN, SOA

ଚୌଧୁରୀ—ତାହାହେଲେ କଣ ଦୁଇଥର ପାରିଶ୍ରମିକ ପାଇବ ବୋଲି ଠିକ୍ କରିଚ ?

ଆବାଦୀ—ଆପଣ ଶହେଥର ପ୍ରତିବାଦ କଲେ ମଧ୍ୟ ମୁଁ ଛାଡ଼ିବ ନାହିଁ । ମୋର କଣ ଗରଜ ପଡ଼ିଛି ଯେ ମୁଁ ଲୋକଙ୍କ ପଛରେ ଗୋଡ଼େଇଯିବି ? ମୋର ଶହେଟଙ୍କା କୁଆଡ଼େ ପଳାଉ ନାହିଁ ।

ଚୌଧୁରୀଙ୍କର କଥା ରହିଲା ନାହିଁ । ଆବାଦୀ ପାଖରେ ତାଙ୍କୁ ହାର ମାନିବାକୁ ପଡ଼ିଲା । ନାଚ ଆରମ୍ଭ ହେଲା । ଆବାଦିଜାନ୍ ଥିଲା ଅତି ଚପଳମନା ରମଣୀ । ସେ ଯୌବନରେ ପଦାର୍ପଣ କରି ସାରିଥିଲା ଏବଂ ବେଶ୍ ସୁନ୍ଦରୀ ମଧ୍ୟ ଥିଲା । ତାର ଢଙ୍ଗଢାଙ୍ଗ ଏତେ ଆକର୍ଷଣୀୟ ଥିଲା ଯେ ମୁଁ ମଧ୍ୟ ସେଥିରେ ମୋହିତ ହୋଇଯାଉ-ଥିଲି । ସେ ଲୋକମାନଙ୍କୁ ଚିହ୍ନିବାରେ ମଧ୍ୟ ଅଭିଜ୍ଞ ଥିଲା । ଯାହା ପାଖରେ ଟଙ୍କା କଉଡ଼ି ଥିଲା ତାଠାରୁ କିଛି ନିଶ୍ଚୟ ହଡ଼ାଉଥିଲା । ପାଞ୍ଚଟଙ୍କାରୁ କମ୍ ବୋଧହୁଏ କେହି ଦେଇନଥିବେ । ସେ ମୋ ବାପାଙ୍କ ପାଖରେ ମଧ୍ୟ ଯାଇ ବସିପଡ଼ିଲା । ମୁଁ ଲଜ୍ଜାରେ ଅଧୀର ହୋଇପଡ଼ିଲି । ସେ ଯେତେବେଳେ ବାପାଙ୍କ ହାତ ଧରିପକାଇଲା ମୁଁ ଯେପରି ଲଜ୍ଜାରେ ଅଚଳ ପାଲଟିଗଲି । ମୁଁ ଭାବୁଥିଲି ବାପା ତା ହାତ ଛାଡ଼ିଦେବେ କିମ୍ବା ତାକୁ ସେଥିପାଇଁ ଧିକ୍କାର କରିବେ । କିନ୍ତୁ, ହେ ଭଗବାନ୍ ! ମୁଁ ଏ କଣ ଦେଖୁଛି ! ମୋ ଆଖି ଖରାପ ହୋଇଯାଇ ନାହିଁ ତ ! ଦେଖିଲି ପିତାଜୀ ମୃଦୁ ହସ ହସୁଚନ୍ତି, ଯାହା ତାଙ୍କ ମୁହଁରେ ମୁଁ ପୂର୍ବରୁ କେବେ ଦେଖିନାହିଁ । ତାଙ୍କ ଆଖିରୁ ଯେପରି ସ୍ନେହବିନ୍ଦୁ ଝରିପଡ଼ୁଥିଲା । ତାଙ୍କର ଶରୀର ପୁଲକିତ ହୋଇ ଉଠୁଥିଲା; ଭଗବାନ କିନ୍ତୁ ମୋର ଡାକ ଶୁଣିଲେ । ଦେଖିଲି, ସେ ଧୀରେ ତାଙ୍କ ହାତଟି ଆବାଦୀର କଅଁଳିଆ ହାତ ମୁଠାରୁ

Digitized by PPRACHIN, SOA

ଖସାଇ ଆଣିଲେ । ଆରେ ପୁଣି ଏ କଣ ହେଲା ! ଆବାଦ୍ଦ ତାଙ୍କ ବେକ ଗୁରିପଟେ ନିଜ ବାହୁ ଛନ୍ଦିସାରିଲେଣି । ଏଥର ବାପା ତାଙ୍କୁ ନିଶ୍ଚୟ ପିଟିବେ । କେଡ଼େ ଅଲାଜୁକୀ ମାଇକିନାଟାଏ ମ !

ଏହି ସମୟରେ ଜଣେ ଭଦ୍ରବ୍ୟକ୍ତି ହସି ହସି କହିଲେ—"ଏଠାରେ ତୁମର ଗୃଲିବ ଚଳିବନି, ଆବାଦ୍ଦଜାନ୍ ! ଯାଅ, ଆଉ କେଉଁଠି ଦେଖ ।"

ସେହି ଭଦ୍ରବ୍ୟକ୍ତି ଜଣକ ମୋ ମନର କଥା କହିଥିଲେ ଏବଂ ତାହାର ମଧ୍ୟ ଯଥାର୍ଥତା ଥିଲା । କିନ୍ତୁ କେଜାଣି କାହିଁକି ବାପା ଆହୁରି କ୍ରୋଧାନ୍ୱିତ ହୋଇଉଠିଲେ ଏବଂ ନିଟରେ ହାତ ପକାଇଲେ । ସେ ଖୋଲିଖୋଲି ଭାବରେ କିଛି କହିଲେନି ସତ; କିନ୍ତୁ ତାଙ୍କର କ୍ରୋଧଜର୍ଜରିତ ମୁଖ ସତେ ଯେପରି ଚିତ୍କାର କରି କହୁଥିଲା—"ତୁ ମତେ କ'ଣ ବୋଲି ପାଇଛୁ କି ? ଏପରି ଅବସରରେ ତ ଲୋକମାନେ ଜୀବନ ମଧ୍ୟ ବଳିଦେବା ପାଇଁ ପ୍ରସ୍ତୁତ ଥାନ୍ତି—ଟଙ୍କା କେତୋଟା ତା ତୁଳନାରେ ଅତି ତୁଚ୍ଛ ! ତୋର ଯଦି ଇଚ୍ଛା ହେଉଛି ପଇସା ଦେଇ ନାଚ ଉପଭୋଗ କରିପାରୁ । ତୋଠାରୁ ଦୁଇଗୁଣ ଟଙ୍କା ଯଦି ଅଧିକ ନ ଦେଇଛି, ମୋ ମୁହଁ ଆଉ ଦେଖାଇବି ନାହିଁ ।"

କି ଆଶ୍ଚର୍ଯ୍ୟ କଥା ମୁଁ ଶୁଣୁଛି ! ଘୋର ଅନର୍ଥ ଘଟିଲାଣି । ଏ ଭୂମି କାହିଁକି ଫାଟିଯାଉନି ! ଏ ଆକାଶ କାହିଁକି ଛିଡ଼ି ପଡ଼ୁନି ! ଏପରି କଥା ଶୁଣିବା ଅପେକ୍ଷା ମୋର ମରଣ ହୋଇଗଲେ ଭଲ ହୁଅନ୍ତା । ବାପା ପକେଟରେ ହାତ ପୂରାଇ କିଛି ବାହାରକଲେ ଏବଂ ଶେଠ୍‌କୁ ଦେଖାଇ ଆବାଦ୍ଦଜାନ୍ ହାତରେ ଦେଲେ । ଆରେ ! ଏଇଟା ଯେ ଗୋଟେ ସୁନା ମୋହର ! ସମସ୍ତେ ତାଳି ମାରିଲେ । ଶେଠ୍ ବୋକା ବନିଗଲେ । ବାପାଙ୍କ ଆଖିରୁ ସେତେବେଳେ ଗର୍ବମିଶ୍ରିତ ଉଲ୍ଲାସ ଝରିପଡ଼ୁଥିଲା—ସତେ ଯେପରି ସେ

Digitized by PPRACHIN, SOA

କେତେ ବଡ଼ ଦାମୀ ପୁରୁଷ । ମୁଁ ଆରତି ଥାଳରେ ଠଙ୍କାଟେ ପକାଇବା ଦେଖି ବାପା ଯେଉଁପରି ରାଗି ଅନାଇଁ ଥିଲେ, ସତେ ଯେପରି ମତେ ହାଣି ଖଣ୍ଡ ଖଣ୍ଡ କରିଦେବେ । ମୋର ସେହି ବ୍ୟବହାର ତାଙ୍କ ବଡ଼ ପଣିଆରେ ଆଞ୍ଚ ଆଣିଥିଲା । କିନ୍ତୁ ସେ ନିଜେ ଯେଉଁ ଘୃଣିତ, କୁତ୍ସିତ ଏବଂ ନିନ୍ଦନୀୟ ବ୍ୟବହାର ବର୍ତ୍ତମାନ କଲେ ସେଥିରେ ପୁଣି ସେ ଗର୍ବ ଓ ଆନନ୍ଦରେ ଫାଟି ପଡ଼ୁଛନ୍ତି !

ଆବାଦଜାନ୍ ଏକ ମନଲୋଭା ହସ ହସି ବାପାଙ୍କୁ ସଲାମ ଜଣାଇଲା ଏବଂ ଆଗକୁ ଚାଲିଲା । ମୁଁ ଆଉ ସେଠାରେ ବସି ରହି ପାରିଲି ନାହିଁ । ଲଜ୍ଜାରେ ମୋ ମୁଣ୍ଡ ତଳକୁ ହୋଇଯାଉଥିଲା । ମୁଁ ଏହା ନିଜ ଆଖିରେ ଦେଖି ନଥିଲେ କାହାଠାରୁ ଶୁଣି କେବେ ବିଶ୍ୱାସ କରିନଥାନ୍ତି । ମୁଁ ବାହାରେ ଯାହା କିଛି ଦେଖେ କିମ୍ବା ଶୁଣେ ତାହା ଯାଇ ମା'ଙ୍କ ଆଗରେ ବର୍ଣ୍ଣନା କରେ; କିନ୍ତୁ ଏହି ଘଟଣାଟି ମା'ଙ୍କୁ କହି ନଥିଲି । ମୁଁ ଜାଣିଥିଲି—ଏହା ଶୁଣି ସେ ଖୁବ୍‌ଶ ଦୁଃଖ ପାଇବେ । ସାରା ରାତି ନାଚ-ଗୀତର ଆସର ଜମିଥିଲା । ତବଲାର ତାଳ ଆସି କାନରେ ପଡ଼ୁଥାଏ । ମନ ହେଉଥିଲା ଟିକିଏ ଯାଇ ଦେଖି ଆସିବା ପାଇଁ; କିନ୍ତୁ ସାହସ ହେଉନଥିଲା । କାହାକୁ ମୁହଁ ଦେଖାଇବାକୁ ବି ସାହସ ହେଉ ନଥିଲା । ଯଦି କେହି ବାପାଙ୍କ ବିଷୟରେ ପଚାରେ ତାହାହେଲେ ମୁଁ କଣ କହିବି ?

ଭୋରରୁ ରାମଚନ୍ଦ୍ରଙ୍କୁ ବିଦାୟ ଦେବା କଥା । ମୁଁ ଶେଯରୁ ଉଠି ଆଖି ମଳମଳ ଗାଁ ମଣ୍ଡପ ଆଡ଼କୁ ଦୌଡ଼ିଲି । ମନରେ ଆଶଙ୍କା ହେଉଥିଲା, ରାମଚନ୍ଦ୍ର ଚାଲେଇ ଯାଇଥିବେ ବୋଧହୁଏ । ପହଞ୍ଚି ଦେଖିଲି—ନାଚବାଲୀମାନଙ୍କର ସବାରି ଯିବା ପାଇଁ ପ୍ରସ୍ତୁତ । କୋଡ଼ିଏ ପଚିଶଜଣ ଯାଏଁ ଶୋକାତୁର ଲୋକ ତାଙ୍କୁ

Digitized by PPRACHIN, SOA

ଘେର ହୁଡ଼ାହୋଇଥାନ୍ତି । ମୁଁ ସେମାନଙ୍କ ଆଡ଼କୁ ଥରେ ହେଲେ ଚାହିଁଲି ନାହିଁ । ସିଧାଯାଇ ରାମଚନ୍ଦ୍ରଙ୍କ ପାଖରେ ପହଞ୍ଚିଲି । ସେତେବେଳେ ଲକ୍ଷ୍ମଣ ଓ ସୀତା ବସି କାନ୍ଦୁଥିଲେ ଏବଂ ରାମଚନ୍ଦ୍ର କାନ୍ଧରେ ଗୋଟିଏ ଗ୍ଲେଟିଆ ଲୋଟା ଝୁଲଉ ଝୁଲଉ ସେମାନଙ୍କୁ ବୁଝାଉଥିଲେ । ମୋ ଛଡ଼ା ସେଠାରେ ଆଉ କେହି ନଥିଲେ । ମୁଁ ଯାଇ ରାମଚନ୍ଦ୍ରଙ୍କୁ କୁଣ୍ଠିତ ସ୍ୱରରେ ପଚାରିଲି—"ତୁମର ବଦାୟ-ପର୍ବ ହୋଇସାରିଲଣି ?"

ରାମଚନ୍ଦ୍ର—ହଁ ହୋଇଗଲା । ବଦାୟ-ପର୍ବ ଆଉ କଣ ? ଚୌଧୁରୀବାବୁ କହିଲେ ଯାଅ—ଆମେ ଚାଲିଆସିଲୁ ।"

"କାହିଁକି, ଲୁଗା ଟଙ୍କା କିଛି ମିଳିଲା ନାହିଁ ?"

"ବର୍ତ୍ତମାନ ଦେଲେନାହିଁ । ଚୌଧୁରୀବାବୁ କହିଲେ - ଏଥର ଟଙ୍କା କିଛି ବଳିଲା ନାହିଁ—ପରେ ଆସି ନେଇଯିବ ।"

"କିଛି ବି ଦେଲେ ନାହିଁ ?"

"ପଇସାଟିଏ ମଧ୍ୟ ଦେଲେନାହିଁ । କହୁଛନ୍ତି, କିଛି ବଳିଲା ନାହିଁ । ମୁଁ ଭାବିଥିଲି କିଛି ଟଙ୍କାପଇସା ମିଳିଥିଲେ ମୁଁ ପଢ଼ା ବହି କେତେଖଣ୍ଡ କିଣିଥାନ୍ତି । ବାଟଖର୍ଚ୍ଚ ମଧ୍ୟ ଦେଲେନାହିଁ । ଆହୁରି କହୁଛନ୍ତି—କେତେ ଅବା ଦୂର, ଚାଲିକରି ପଳାଅ ।"

ମୁଁ ଏପରି ରାଗିଉଠିଲି ଯେ ଇଚ୍ଛା ହେଲା ଯାଇ ସେ ଚୌଧୁରୀକୁ କିଛି ଉତ୍ତମ ମଧ୍ୟମ ଦେବାକୁ । ସେହି ବେଶ୍ୟାଗୁଡ଼ାକୁ ଟଙ୍କା ଦେଲେ । ସବାରି ଯୋଗାଡ଼ କରିଦେଲେ । ସବୁ ସୁବିଧା କରିଦେଲେ; କିନ୍ତୁ ବିଚରା ରାମଚନ୍ଦ୍ର ଓ ତାଙ୍କ ସାଥିମାନଙ୍କ ପାଇଁ କିଛି ନାହିଁ । ରାତିରେ ଯେଉଁ ଲୋକମାନେ ଆବାଦ୍ଜାନ୍ ଉପରେ ଦଶ-କୋଡ଼ିଏ କରି ଟଙ୍କା ବୃଷ୍ଟି କରୁଥିଲେ, ସେମାନେ ମଧ କଣ ଏମାନଙ୍କୁ ଦୁଇ ଚାରିଅଣା ପଇସା ଦେଇପାରିଲେ ନାହିଁ ! ବାପା

Digitized by PPRACHIN, SOA

ମଧ୍ୟ ଆବାଦ୍‌ଜାନଙ୍କୁ ଗୋଟିଏ ସୁନା ମୋହର ଦେଇଥିଲେ— ଯାଉଛୁ ଦେଖିବ, ଏମାନଙ୍କ ପାଇଁ ସେ କେତେ ଦେଉଛନ୍ତି ?

ମୁଁ ଦଉଡ଼ି ଦଉଡ଼ି ବାପାଙ୍କ ପାଖରେ ପହଞ୍ଚିଲି । ସେ କୁଆଡ଼େ ଯିବା ପାଇଁ ପ୍ରସ୍ତୁତ ହୋଇସାରିଥିଲେ । ମତେ ଦେଖି କହିଲେ—"କୁଆଡ଼େ ବୁଲୁଛୁ ? ବସି ପଢ଼ାପଢ଼ି କରୁନାହୁଁ ?"

ମୁଁ କହିଲି—"ମଣ୍ଡପଆଡ଼େ ଯାଇଥିଲି । ରାମଚନ୍ଦ୍ରଙ୍କୁ ମେଲଣି ଦିଆହେଉଥିଲା । ସେମାନଙ୍କୁ ଚୌଧୁରୀ ବାବୁ କିଛି ବିଦାୟ ଦେଲେ ନାହିଁ ।"

"ତୁ ସେଥିପାଇଁ ଚିନ୍ତା କରିବା ଦରକାର ନାହିଁ ।"

"ସେମାନେ ତାଙ୍କ ଗାଁକୁ ଯିବେ କିପରି ? ପାଖରେ ବାଟ-ଖର୍ଚ୍ଚ ମଧ୍ୟ ନାହିଁ ।"

"କଣ ବାଟଖର୍ଚ୍ଚ ପାଇଁ ମଧ୍ୟ କିଛି ଦେଇନାହାନ୍ତି ? ଚୌଧୁରୀ ବାବୁ ବଡ଼ ଅନ୍ୟାୟ କଲେ ।"

"ଆପଣ ଦୁଇଟଙ୍କା ଦେଲେ ମୁଁ ସେମାନଙ୍କୁ ଦେଇ ଆସନ୍ତି । ସେତିକରେ ହୁଏତ ସେମାନେ ଘର ପର୍ଯ୍ୟନ୍ତ ଯାଇପାରିବେ ।"

ବାପା ତୀକ୍ଷ୍ଣ ଦୃଷ୍ଟିରେ ମୋ ଆଡ଼କୁ ଅନେଇ କହିଲେ— "ଯା, ବସି ପାଠ ପଢ଼ । ମୋ ପାଖରେ ଟଙ୍କା ନାହିଁ ।" ଏହା କହି ସେ ଘୋଡ଼ାରେ ଚଢ଼ି ପଳେଇଲେ । ସେହିଦିନଠାରୁ ବାପାଙ୍କ ପାଇଁ ମୋର ସମସ୍ତ ସମ୍ମାନ ଓ ଶ୍ରଦ୍ଧା ତୁଟିଗଲା । ଆଉ କେବେ ତାଙ୍କ ଗାଳିଗୁଲଜକୁ ମଧ୍ୟ ଖାତିର୍ କଲିନାହିଁ । ମୁଁ ଅନୁଭବ କଲି ଯେ ମୋତେ ଉପଦେଶ ଦେବାର ଅଧିକାର ତାଙ୍କର ନାହିଁ । ତାଙ୍କ ଚେହେରା ଦେଖିଲେ ମଧ୍ୟ ମୋ ମନ ବିରକ୍ତ ହୋଇ ଉଠିଲା । ସେ ମୋତେ ଯାହା କହୁଥିଲେ ମୁଁ ତାର୍ ବିପରୀତ କାମ କରୁଥିଲି । ମୋର ଯଦିଓ ସେଥିରେ କ୍ଷତି ହୋଇଥିଲା;

Digitized by PPRACHIN, SOA

କିନ୍ତୁ ସେତେବେଳେ ମୋର ଅନ୍ତରାତ୍ମା ତାଙ୍କ ପ୍ରତି ବିଦ୍ରୋହର ଚିନ୍ତାରେ ପୂର୍ଣ୍ଣ ହୋଇ ରହିଥିଲା ।

ମୋ ପାଖରେ ଆଉ ମାତ୍ର ଦୁଇଅଣା ପଇସା ପଡ଼ିଥିଲା । ସେ ପଇସା ନେଇ ଅତି ଲଜ୍ଜିତ ପଦକ୍ଷେପରେ ଯାଇ ରାମଚନ୍ଦ୍ରଙ୍କୁ ଦେଇ ଆସିଲି । ସେ ସାମାନ୍ୟ ପଇସା ଦେଖି ରାମଚନ୍ଦ୍ର ଯେ ଏତେ ଉଲ୍ଲସିତ ହୋଇଉଠିବେ ତାହା ମୁଁ କେବେ ଆଶା କରିନଥିଲି । ସତେ ଯେପରି ତୃଷାର୍ତ୍ତଙ୍କୁ ପାଣି ପିଇବାକୁ ମିଳିଗଲା । ସେହି ଦୁଇଅଣା ପଇସା ନେଇ ତିନମୂର୍ତ୍ତି ବିଦାୟ ନେଲେ । ମୁଁ କେବଳ ତାଙ୍କୁ ଗାଁ ବାହାର ସୀମା ପର୍ଯ୍ୟନ୍ତ ଛାଡ଼ିବାକୁ ଯାଇଥିଲି । ତାଙ୍କୁ ବିଦାୟ ଦେଇ ଫେରିଲାବେଳକୁ ମୋର ଆଖି ସଜଳ ହୋଇଯାଇଥିଲା । କିନ୍ତୁ ହୃଦୟରେ ଆନନ୍ଦର ଲହରୀ ଖେଳୁଥିଲା ।

Digitized by PPRACHIN, SOA

ମନ୍ତ୍ର

ସନ୍ଧ୍ୟା ହୋଇଯାଇଥିଲା । ଡାକ୍ତର ଚଡ୍‌ଢା ଗଲ୍ଫ୍ ଖେଳିବାକୁ ବାହାରୁଥିଲେ । ମଟରଗାଡ଼ି ଦ୍ୱାର ସାମ୍ନାରେ ପ୍ରସ୍ତୁତ ହୋଇ ଥାଏ । ଠିକ୍ ସେହି ସମୟରେ ଦୁଇଜଣ ଗଉଡ଼ ଏକ ସବାରି ନେଇ ଆସୁ-ଥିବାର ଦେଖାଗଲା । ସବାରିର ପଛେପଛେ ଜଣେ ବୁଢ଼ା ବାଡ଼ିଟାଏ ଟେକିଧରି ଆସୁଥିଲା । ସବାରି ଆସି ଡାକ୍ତରଙ୍କ କ୍ଲିନିକ୍ ସାମନାରେ ରହିଗଲା । ବୁଢ଼ା ଆସ୍ତେ ଆସ୍ତେ ଯାଇ କବାଟ ଫାଙ୍କ ଦେଇ ଭିତରକୁ ଉଣ୍ଡିଲା । ଏତେ ସୁନ୍ଦର ସଫାସୁତୁରା ଚଟାଣ ଉପରେ ପାଦ ରଖିବାକୁ ତାର ସାହସ ହେଉନଥିଲା—କାଳେ ସେଥିରେ ଦାଗ ଲାଗିଯିବ । ଡାକ୍ତରବାବୁ ତାଙ୍କ ଟେବୁଲ୍ ପାଖରେ ଠିଆହୋଇଥିଲେ ମଧ୍ୟ ବୁଢ଼ାର କିଛି କହିବାକୁ ସାହସ ହେଲାନାହିଁ ।

ଡାକ୍ତରବାବୁ ଭିତରୁ ପାଟିକରି ଉଠିଲେ—"କିଏ ଠିଆ ହୋଇଛ ? କଣ ଦରକାର ?"

ବୁଢ଼ା ହାତ ଯୋଡ଼ି ବିନୀତ ହୋଇ କହିଲା—"ହଜୁର୍, ମୁଁ ଗରିବ ଲୋକଟାଏ । ମୋର ପୁଅ କେତେଦିନ ହେବ..."

ଡାକ୍ତରବାବୁ ସିଗାରେଟ୍ ଲଗାଇ ସାରିଲା ପରେ କହିଲେ—"କାଲି ସକାଳୁ ଆସ—କାଲି ସକାଳୁ । ମୋର ଏଇଟା ରୋଗୀ ଦେଖିବା ସମୟ ନୁହେଁ ।"

ବୁଢ଼ା ଆହୁରି ବିକଳ ହୋଇ ତଳେ ମୁଣ୍ଡିଆ ମାରି କହିଲା—"ଆଜ୍ଞା, ଋଣ ଅଛି, ମୋ ପୁଅ ନହେଲେ ମରିଯିବ । ହଜୁର୍ ! ସେ ଗୁରିଦିନ ହେବ ଆଖି..."

Digitized by PPRACHIN, SOA

ଡାକ୍ତର ଚଉଡ଼ା ହାତରେ ବାନ୍ଧିଥିବା ଘଣ୍ଟାକୁ ଦେଖିଲେ । ଆଉ ମାତ୍ର ଦଶ ମିନଟ୍ ସମୟ ବାକି ଥିଲା । ସେ ଗଲ୍ଫ୍ ଷ୍ଟିକ୍ ବାହାର କରୁ କରୁ କହିଲେ—"କହିଲି ପରା କାଲି ସକାଳେ ଆସ—ଏଇଟା ମୋର କ୍ଲବ୍‌କୁ ଯିବା ସମୟ ।"

ବୁଢ଼ା ତାର ମୁଣ୍ଡର ପଗଡ଼ିଟି ଖୋଲି ଦୁଆରବନ୍ଧ ଉପରେ ରଖିଦେଲା ଓ କାନ୍ଦକରି କହିଲା—"ହଜୁର୍, ଥରେ ମାତ୍ର ଦୃଷ୍ଟି ପକାନ୍ତୁ । ବାପ୍, କେବଳ ଥରେ ଦେଖି ନିଅନ୍ତୁ । ପୁଅଟା ନହେଲେ ହାତରୁ ଗୁଲିଯିବ ହଜୁର୍ । ସାତ ପୁଅରୁ ଏଇ ଗୋଟାଏ କେବଳ ବଞ୍ଚି ରହିଛି । ଆମେ ଦୁଇ ପ୍ରାଣୀ କାନ୍ଦି କାନ୍ଦି ମରିଯିବୁ । ହଜୁର୍—ହେ ଦୀନବନ୍ଧୁ ! ଆପଣଙ୍କର ବହୁତ ଉନ୍ନତି ହେବ ହଜୁର୍ ।"

ଏମିତି କପଟ ଗାଉଁଲିଆ ଲୋକ ଏଠିକି ପ୍ରାୟ ଆସନ୍ତି । ଡାକ୍ତରବାବୁଙ୍କୁ ସେମାନଙ୍କ ସ୍ୱଭାବ ଖୁବ୍ ଭଲଭାବରେ ଜଣାଥିଲା । ଯେତେ ଯାହା ବୁଝାଇଲେ ମଧ୍ୟ ସେମାନେ ତାଙ୍କର ନିଜକଥା ଘୋଷିହେଉଥିବେ— କାହା କଥା ଶୁଣିବେ ନାହିଁ । ଡାକ୍ତରବାବୁ ପର୍ଦ୍ଦା ଉଠେଇ ବାହାରକୁ କାର୍ ଆଡ଼କୁ ଗୁଲିଲେ । ବୁଢ଼ା କିନ୍ତୁ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ କହିଲା—"ସରକାର ! ଆପଣଙ୍କର ବହୁତ ଧରମ ହେବ । ହଜୁର୍, ଦୟା କରନ୍ତୁ । ମୁଁ ବଡ଼ ଦୁଃଖୀ ଲୋକଟାଏ ବାବୁ । ଏ ସଂସାରରେ ମୋର ଆଉ କେହି ସାହା ନାହାନ୍ତି ।"

କିନ୍ତୁ ଡାକ୍ତରବାବୁ ତା ଆଡ଼କୁ ଆଉ ଥରେ ମଧ୍ୟ ଫେରି ଗୁହିଁଲେ ନାହିଁ । ମଟର ଗାଡ଼ିରେ ବସିପଡ଼ି କହିଲେ—"କାଲି ସକାଳୁ ଆସିବ ।"

ମୋଟରଗାଡ଼ି ଗୁଲିଗଲା । ବୁଢ଼ା କିଛି ସମୟ ପର୍ଯ୍ୟନ୍ତ ସେଠାରେ ଏକ ମୂର୍ତ୍ତି ଭଳି ନିଶ୍ଚଳ ଭାବରେ ଠିଆହୋଇ

Digitized by PPRACHIN, SOA

ରହିଲା । ସେ ଏ ପର୍ଯ୍ୟନ୍ତ ମଧ୍ୟ ବିଶ୍ୱାସ କରିପାରୁ ନଥିଲା ଯେ ସଂସାରରେ ଏପରି ଲୋକ ଅଛନ୍ତି, ଯେଉଁମାନେ କି ନିଜର ଆମୋଦ-ପ୍ରମୋଦ ଆଗରେ ଅନ୍ୟର ଜୀବନକୁ ମଧ୍ୟ ହେୟ ମନେକରନ୍ତି । ଏ ସଭ୍ୟ-ଜଗତ ଯେ ଏତେ ନିର୍ମମ, କଠୋର ଆଜି ପର୍ଯ୍ୟନ୍ତ ତାହା ତାର ମର୍ମଭେଦ କରିପାରିନଥିଲା । ସେ ଥିଲା ସେହି ପୁରୁଣା ଯୁଗର ଜୀବମାନଙ୍କ ମଧ୍ୟରୁ ଜଣେ— ଯେଉଁମାନେ କି କେଉଁଠି ନିଆଁ ଲଗିଥିଲେ ଲିଭାଇବା ପାଇଁ, ମୁର୍ଦ୍ଦାର କାନ୍ଧେଇବା ପାଇଁ, କାହାର ଘର ଛପର ହୋଇପାରୁ ନଥିଲେ ଛପର କରିଦେବା ଏବଂ କାହାର କଳହ ଶାନ୍ତ କରିବା ପାଇଁ ସର୍ବଦା ଆଗଭର ହେଉଥିଲେ । ଡାକ୍ତର ଦୃଷ୍ଟିର ଅନ୍ତରାଳକୁ ଚାଲିଯିବା ପର୍ଯ୍ୟନ୍ତ ବୁଢ଼ା ସେଠି ଠିଆହୋଇ ଆଖି ଫାଡ଼ି ସେଇ ଗାଡ଼ିଟାକୁ ଦେଖୁଥାଏ । ବୋଧହୁଏ ସେ ବର୍ତ୍ତମାନ ମଧ୍ୟ ଆଶା କରୁଥିଲା ଯେ ଡାକ୍ତର ସାହାବ୍ କାଳେ ଫେରିଆସି ପାରନ୍ତି ତାର ପୁଅକୁ ଦେଖିବାକୁ ।

ତାପରେ ସେ ଗଉଡ଼ମାନଙ୍କୁ ସବାରି ଉଠାଇବାକୁ କହିଲା । ସବାରି ଯେଉଁ ରାସ୍ତା ଦେଇ ଆସିଥିଲା ସେଇ ବାଟେ ଚାଲିଗଲା । ସବୁଆଡ଼ୁ ନିରାଶ ହୋଇ ବୁଢ଼ା ଡାକ୍ତର ଚଡ଼୍ଢାଙ୍କ ପାଖକୁ ଆସି-ଥିଲା । ତାଙ୍କର ବହୁତ ପ୍ରଶଂସା ବି ଶୁଣିଥିଲା । ଏଠାରୁ ନିରାଶ ହୋଇ ସେ ଆଉ ଅନ୍ୟ କେଉଁ ଡାକ୍ତର ପାଖକୁ ଗଲାନାହିଁ । ତାର ଦୁର୍ଭାଗ୍ୟକୁ ସେ ତା ଜୀବନରେ ଗୋଟେ ଅତି ଦାରୁଣ ଆଘାତ ପାଇଲା ।

ହସଖୁସିରେ ଡେଉଁଥିବା ସାତ ବର୍ଷର ବାଳକ ସେହି ରାତିରେ ତାର ବାଳଲୀଳା ଶେଷକରି ଇହଧାମ ତ୍ୟାଗକଲା । ବୁଢ଼ା ବାପ-ମାଙ୍କ ଜୀବନର ସେ ଏକମାତ୍ର ଆଧାର ଥିଲା । ତା'ର ମୁହଁ

Digitized by PPRACHIN, SOA

ଗୁହିଁ କେବଳ ସେମାନେ ବଞ୍ଚିରହିଥିଲେ । ଏଇ ବଡଟି ଲିଭିଗଲା ପରେ ସେମାନଙ୍କ ପାଇଁ ଚତୁର୍ଦ୍ଦିଗ ଘନ ଅନ୍ଧକାରମୟ ହୋଇଗଲା । ସନ୍ତାନ-ମମତା-ବିଜଡ଼ିତ ସେହି ଭଗ୍ନ ପ୍ରୌଢ଼ ହୃଦୟ ଅନ୍ଧକାର ମଧ୍ୟରେ କ୍ରନ୍ଦନ କରିବାକୁ ଲାଗିଲା ।

× × ×

ଏହା ଭିତରେ କେତେବର୍ଷ ବିତିଗଲା । ଡାକ୍ତର ଚଡ଼ଢ଼ା ତାଙ୍କ ପେଶାରେ ବହୁତ ଯଶ ଓ ଧନ ଅର୍ଜନ କଲେ । କିନ୍ତୁ ତତ୍ ସଙ୍ଗେ ସେ ନିଜର ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସଜାଗ ଥିବାରୁ ୫୦ ବର୍ଷ ବୟସରେବି ତାଙ୍କର ଶାରୀରିକ ଶକ୍ତି ଓ ସ୍ଫୁର୍ତ୍ତି ଯେକୌଣସି ଯୁବକଠାରୁ କମ୍ ନଥିଲା । ସେ ସବୁ କାମ ଠିକ୍ ସମୟରେ କରୁଥିଲେ । ଏହି ନିୟମାନୁବର୍ତ୍ତିତାରୁ ସେ ଢିଲେହେଲେ ଟଳୁ ନଥିଲେ । ସାଧାରଣତଃ ଲୋକମାନେ ରୋଗ ଭୋଗିଲା ପରେ ପରେ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସଚେଷ୍ଟ ହୁଅନ୍ତି । କିନ୍ତୁ ଡାକ୍ତର ଚଡ଼୍ଢା ଚିକିତ୍ସା ଓ ସଂଯମର ରହସ୍ୟ ଖୁବ୍ ଭଲଭାବରେ ବୁଝିଥିଲେ ଓ ପାଳନ କରୁଥିଲେ । ତାଙ୍କର ସନ୍ତାନ-ସଂଖ୍ୟା ମଧ୍ୟ ଏହି ନିୟମ ଅଧୀନରେ ଥିଲା । ତାଙ୍କର କେବଳ ଦୁଇଟି ସନ୍ତାନ—ଗୋଟିଏ ପୁଅ ଓ ଗୋଟିଏ ଝିଅ । ତୃତୀୟ ସନ୍ତାନ ଆଉ ହୋଇନଥିଲା । ସେଥିପାଇଁ ଶ୍ରୀମତୀ ଚଡ଼୍ଢା ଏବେ ମଧ୍ୟ ତରୁଣୀ ଭଳି ଦିଶୁଥିଲେ । ଝିଅଟିର ବିବାହ ହୋଇସାରିଥିଲା । ପୁଅ କଲେଜରେ ପଢ଼ୁଥିଲା । ସେ ତାର ପିତାମାତାଙ୍କ ଜୀବନର ଏକମାତ୍ର ସମ୍ବଳ ଥିଲା । ଏହି ପୁଅଟି ନମ୍ରତା ଓ ଶାଳୀନତାର ଯେପରି ଏକ ପ୍ରତିମୂର୍ତ୍ତି ଥିଲା । ସେ ବି ଥିଲା ଖୁବ୍ ସୁକୁମାର ଓ ବଡ଼ ଉଦାର । ନିଜ ଗୁଣରେ ସେ ବିଦ୍ୟାଳୟର ଗୌରବ ଏବଂ ଯୁବକସମାଜର ଆଦର୍ଶ ହୋଇପାରିଥିଲା । ତାହାର ମୁଖମଣ୍ଡଳରୁ ଏକ ଜ୍ୟୋତି ବାହାରୁଥିଲା । ଆଜି ତାର ବିଂଶତମ ଜନ୍ମଦିନ ।

Digitized by PPRACHIN, SOA

ସନ୍ଧ୍ୟା ସମୟ । ସବୁଜ ଘାସ ଲନ୍‌ରେ ଚଉକଗୁଡ଼ିଏ ଖେଳେଇ ହୋଇ ପଡ଼ିଥିଲା । ସହରର ଅନେକ ଧନୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଏକପଟେ ଏବଂ ଅନ୍ୟ ପଟେ କଲେଜର ଛାତ୍ରମାନେ ବସି ଭୋଜନ କରୁଥିଲେ । ଆଲୋକ ସଜ୍ଜା ସମସ୍ତ ଲନ୍‌ଟିକୁ ଚକ୍‌ମକ୍ କରୁଥାଏ । ଆମୋଦ-ପ୍ରମୋଦ ପାଇଁ ସମସ୍ତ ଉପକରଣ ମହଜୁଦ୍ ଥାଏ । ଗୋଟିଏ ଶ୍ରେଷ୍ଠ ହାସ୍ୟରସାତ୍ମକ ନାଟକ ମଧ୍ୟ ପ୍ରଦର୍ଶନ କରିବା ପାଇଁ ପ୍ରସ୍ତୁତ ହୋଇଥାଏ । ନାଟକଟି କୈଳାସନାଥ ନିଜେ ଲେଖିଥିଲା ଓ ସେଥିର ମୁଖ୍ୟ ଅଭିନେତା ମଧ୍ୟ ଥିଲା । ସେ ଗୋଟିଏ ରେଶମୀ କାମିଜ୍ ପିନ୍ଧି ଖୋଲା ମୁଣ୍ଡ ଓ ଖୋଲା ପାଦରେ ଏଣେତେଣେ ବୁଲି ବନ୍ଧୁମାନଙ୍କର ଚର୍ଚ୍ଚାରେ ଲାଗିଥିଲା । କିଏ ଡାକିଲାଣି—କୈଳାସ, ଟିକିଏ ଇଆଡ଼େ ଆସିବୁ । କିଏ ପୁଣି କହିଲାଣି—କୈଳାସ, କଣ ସେଇଠି ରହିଯିବୁ କି ? ସମସ୍ତେ ତାକୁ ଚିଡ଼ାଉଥିଲେ ଏବଂ ତା ସାଙ୍ଗରେ ମଜା କରୁଥିଲେ । ବିଚରାକୁ ଟିକିଏ ବସିପଡ଼ି ହାଲିଆ ମାରିବା ପାଇଁ ମଧ୍ୟ ସମୟ ମିଳୁନଥିଲା । ହଠାତ୍ ଜଣେ ତରୁଣୀ ତା ପାଖକୁ ଆସି କହିଲା, "କଣ କୈଳାସ, ତୁମର ସାପ କେଉଁଠି ରଖିଛ ମତେ ଟିକିଏ ଦେଖେଇବ ନାହିଁ ?"

କୈଳାସ ତରୁଣୀ ସାଙ୍ଗରେ ହାତ ମିଳାଇ ସାରିଲା ପରେ କହିଲା—"ମୃଣାଳିନୀ, ବର୍ତ୍ତମାନ କ୍ଷମା କରିଦିଅ, କାଲି ମୁଁ ତୁମକୁ ଦେଖାଇଦେବି ।"

ମୃଣାଳିନୀ ଆଗ୍ରହରେ କହିଲା, "ନାହିଁ, ତୁମକୁ ଏବେ ଦେଖାଇବାକୁ ପଡ଼ିବ । ମୁଁ ଆଜି ଆଉ ଶୁଣିବିନି । ତମେ ପ୍ରତିଦିନ 'କାଲି କାଲି' କହୁଚ ।"

Digitized by PPRACHIN, SOA

ମୃଣାଳିନୀ ଓ କୈଳାସ ଦୁହେଁ ସହପାଠୀ ଥିଲେ ଏବଂ ପରସ୍ପରକୁ ପ୍ରେମ ମଧ୍ୟ କରୁଥିଲେ । ସାପ ପାଳିବା ଓ ଖେଳେଇବା କୈଳାସର ଗୋଟିଏ ବଡ଼ ସଉକ ଥିଲା । ସେ ବିଭିନ୍ନ ପ୍ରକାରର ସାପ ପୋଷିଥିଲା ଏବଂ ସେମାନଙ୍କର ସ୍ୱଭାବ ଓ ପ୍ରକୃତି ପରୀକ୍ଷା କରୁଥିଲା । ଅଳ୍ପ ଦିନ ଆଗରୁ, ସେ କଲେଜରେ ସାପ ଉପରେ ଏକ ପ୍ରବନ୍ଧ ପାଠକରିଥିଲା ଓ ସାପଖେଳ ପ୍ରଦର୍ଶନ କରିଥିଲା । ଜୀବ-ବିଜ୍ଞାନର ବଡ଼ ବଡ଼ ପଣ୍ଡିତମାନେ ମଧ୍ୟ ଏହି ପ୍ରବନ୍ଧ ଶୁଣି ଚକିତ ହୋଇ ଯାଇଥିଲେ । କୈଳାସ ଏହି ବିଦ୍ୟାଟି ଗୋଟେ ବୁଢ଼ା ସାପୁଆକେଳାଠାରୁ ଶିଖିଥିଲା । ସାପ କାମୁଡ଼ାର ଚିକିତ୍ସା ପାଇଁ ଚେରମୂଳି ସଂଗ୍ରହ କରିବା ମଧ୍ୟ ତାର ଅନ୍ୟ ଏକ ଅଭ୍ୟାସ ଥିଲା । ଯଦି ସେ ଖବର ପାଉଥିଲା ଯେ କାହା ପାଖରେ କିଛି ଭଲ ବନ୍ୟ ଚେରମୂଳି ଅଛି, ତେବେ ତାହା ହାସଲ ନକରିବା ଯାଏଁ ସେ ଶାନ୍ତିରେ ବସି ପାରୁନଥିଲା । ତାହା ପାଇବା ପାଇଁ ସେ ସବୁ ପ୍ରକାର ଚେଷ୍ଟା କରୁଥିଲା । ଏଇ ଅଭ୍ୟାସଟା ହିଁ ତାର ବିଳାସ-ବ୍ୟସନ ଥିଲା । ଏଥିପାଇଁ ସେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ସାରିଲାଣି ।

ମୃଣାଳିନୀ ଆଗରୁ କେତେଥର କୈଳାସ ଘରକୁ ଆସିଥିଲା, କିନ୍ତୁ ସାପ ଦେଖିବା ପାଇଁ କେବେ ଏତେ ଉତ୍ସୁକ ହୋଇନଥିଲା । କହିହେବନି, ଆଜି ତାର ଏ ଉତ୍ସୁକତା ସତରେ ବଢ଼ିଉଠିଥିଲା ନା କେବଳ କୈଳାସ ଉପରେ ନିଜର ଅଧିକାର ଦେଖାଇବାକୁ ଚାହୁଁଥିଲା । ମୃଣାଳିନୀ ଭାବିଲା ନାହିଁ ଯେ ତାର ସେପରି ଆଗ୍ରହ ପ୍ରକାଶ କରିବା ପାଇଁ ଏଇଟା ଉପଯୁକ୍ତ ସମୟ ନୁହେଁ । କାରଣ ସାପ ବାହାର କଲେ ସାପକୁ ଦେଖିବା ପାଇଁ କୋଠରିରେ ଅଧିକ ଭିଡ଼ ଜମିଯିବ ଓ ସେଇ କୋଳାହଳ ମଧ୍ୟରେ ସାପକୁ ଛଡ଼େଇବା ଉଚିତ ହେବ ନାହିଁ ।

Digitized by PPRACHIN, SOA

କୈଳାସ କହିଲା—"ନାଇଁ, ଆଜି ଥାଉ—କାଲି ନିଶ୍ଚୟ ଦେଖେଇ ଦେବି । ଏବେ ଦେଖୁଛ ତ ଘର ଭିତରେ ପୋଉଷଟାଏ ପକେଇବାକୁ ଜାଗା ନାହିଁ । ସାପକୁ ବାହାରକଲେ ବି ବର୍ତ୍ତମାନ ଭଲଭାବରେ ଦେଖେଇ ପାରିବିନାହିଁ ।"

ସେମାନଙ୍କର ଏପରି କଥାବାର୍ତ୍ତା ଭିତରେ ଜଣେ ନିମନ୍ତ୍ରିତ ଭଦ୍ରବ୍ୟକ୍ତି ପରିହାସ କଲାପରି କହିଲେ—"କାହିଁକି ଦେଖେଇ ଦେଉନାହଁ କୈଳାସ ! ଏହି ସାମାନ୍ୟ କଥାଟା କାହିଁକି ଟାଳି ଦେଉଛ ? ମିସ୍ ମୃଣାଳିନୀ ! ଆପଣ କେବେହେଲେ ରାଜି ହୁଅନ୍ତୁ ନାହିଁ । ଦେଖିବା, ସେ କପରି ନଦେଖେଇବେ ନାହିଁ ।" ଅନ୍ୟଜଣେ ଆଉ ଟିକିଏ ଉସ୍‌କେଇ କହିଲେ, "ମିସ୍ ମୃଣାଳିନୀ ଏତେ ସାଦାସିଧା ଏବଂ ଶାନ୍ତ ବୋଲି ତୁମେ ଏପରି ମନମୋଟିଆ ହେଉଛ କୈଳାସ ! ଯଦି ଅନ୍ୟ କେହି ଏପରି ଜିଦଖୋର ହୋଇଥାନ୍ତା ତେବେ ସେ ଏଥିପାଇଁ ରାଗି ନିଆଁ ହୋଇସାରନ୍ତାଣି ।"

ତୃତୀୟ ଭଦ୍ରବ୍ୟକ୍ତି ଜଣେ ପରିହାସ କରି କହିଲେ—"ଆରେ ଅନ୍ୟ କେହି ରମଣୀ ହୋଇଥିଲେ ତ କଥାବାର୍ତ୍ତା ବନ୍ଦକରି ଦିଅନ୍ତାଣି । ଏଇଟା ତ ଗୋଟାଏ ସାମାନ୍ୟ କଥା । ତୁମେ ତ ମୃଣାଳିନୀଙ୍କ ପାଇଁ ଜୀବନ ମଧ୍ୟ ଦେଇଦେବା କଥା ।"

ମୃଣାଳିନୀ ଦେଖିଲା କେତେକ ଦୁରଭିସନ୍ଧିସମ୍ପନ୍ନ ବ୍ୟକ୍ତି କୈଳାସକୁ ଉତ୍ତେଜିତ କରାଉଛନ୍ତି । ସେ ତେଣୁ କହିଲା, "ଆପଣମାନେ ମୋ ତରଫରୁ ଓକିଲାତି କରନ୍ତୁ ନାହିଁ । ମୁଁ ନିଜେ ମୋର ଓକିଲାତି କରିପାରିବି । ଥାଉ, ମୁଁ ଏ ଅସମୟରେ ସାପ ଖେଳ ଦେଖିବାକୁ ଚାହୁଁନାହିଁ ।"

ଏହା ଶୁଣି ସାଙ୍ଗମାନେ ପୁଣି ମୃଣାଳିନୀକୁ ପରିହାସ କଲେ । ଜଣେ ଭଦ୍ରବ୍ୟକ୍ତି କହିଲେ—"ଆପଣ ତ ସବୁ ଦେଖିବାକୁ ଚାହିଁବେ—ହେଲେ କିଏ ଦେଖେଇଲେ ସିନା ?"

Digitized by PPRACHIN, SOA

ମୃଣାଳିନୀର ଲଜ୍ଜିତ ମୁଖମଣ୍ଡଳକୁ ଦେଖି କୈଳାସ ବୁଝିପାରିଲା ଯେ ବନ୍ଧୁମେଳରେ ମୃଣାଳିନୀର ଅନୁରୋଧ ପ୍ରତ୍ୟାଖ୍ୟାନ କରିବାଟା ତାକୁ ବହୁତ ଖରାପ ଲାଗିଛି । ପ୍ରୀତିଭୋଜନ ସରିବା ପରେ ପରେ ଯେତେବେଳେ ଗୀତ ଆରମ୍ଭ ହେଲା ସେ ମୃଣାଳିନୀ ଏବଂ ଅନ୍ୟାନ୍ୟ କେତେକ ବନ୍ଧୁଙ୍କୁ ସାପଗୁଡ଼ିକ ରହିଥିବା ସିନ୍ଧୁକ ପାଖକୁ ନେଇଗଲା ଓ ଏକ ସପ୍ତସ୍ୱରା ବଜାଇବା ଆରମ୍ଭ କରିଦେଲା । ତାପରେ ବାକ୍ସଗୁଡ଼ିକ ଖୋଲି ଗୋଟାଏ ପରେ ଗୋଟାଏ ସାପ ବାହାର କରିବାକୁ ଲାଗିଲା । ବାଃ ! କି ଚମତ୍କାର ସାଧନା ! ଜଣାପଡ଼ୁଥିଲା ସତେ ଯେପରି ସେହି ଜୀବଗୁଡ଼ିକ ତାର ପ୍ରତ୍ୟେକଟି କଥା ଏବଂ ମନର ପ୍ରତ୍ୟେକ ଭାବ ବୁଝିପାରୁଛନ୍ତି । କାହାକୁ ଉପରକୁ ଟେକିଦେଲାଣି ତ ପୁଣି କାହାକୁ ବେକରେ ପକେଇଦେଲାଣି—ପୁଣି କାହାକୁ ହାତରେ ଗୁଡ଼ାଇସାରିଲାଣି । ମୃଣାଳିନୀ ବାରମ୍ବାର ତାକୁ ମନାକରୁଥାଏ ସେଗୁଡ଼ିକୁ ବେକରେ ନ ପକାଇବା ପାଇଁ । ଦୂରରୁ କେବଳ ଦେଖାଇବା ପାଇଁ କହୁଥାଏ । ବାସ୍ ଠିକିଏ ଖାଲି ନଚେଇ ଦିଅ—ସେତିକି ଦେଖିଲେ ହେଲା । କୈଳାସ ବେକରେ ସାପ ଗୁଡ଼ାଇବା ଦେଖି ତାକୁ ଖୁବ ଭୟ ହେଉଥାଏ । ସେ ଭାବି ପଶ୍ଚାତ୍ତାପ କରୁଥିଲା ଯେ ସେ କାହିଁକି ସାପ ଖେଳ ଦେଖାଇବା ପାଇଁ କୈଳାସକୁ କହିଲା; କିନ୍ତୁ କୈଳାସ ତାର ମନା ଶୁଣୁନଥିଲା । ସାପ ଖେଳ ଦେଖି ଜଣେ ସାଙ୍ଗ ଲଘୁ ମନ୍ତବ୍ୟ ଦେଲେ, "ସାପର ଦାନ୍ତଗୁଡ଼ିକ ନିଶ୍ଚେ ଭାଙ୍ଗି ଦେଇଥିବ ?"

କୈଳାସ ହସି ହସି କହିଲା—"ସାପୁଆକେଳାମାନେ କେବଳ ସାପର ଦାନ୍ତ ଭାଙ୍ଗନ୍ତି । ମୁଁ କାହାର ଦାନ୍ତ ବାହାର କରିନାହିଁ । ତୁମେ ଚାହିଁଲେ ମୁଁ ଦେଖେଇଦେବି ।" ଏପରି କହି ସେ ଗୋଟେ କଳା ସାପକୁ ଧରିନେଇ କହିଲା—"ମୋ ପାଖରେ ଏହାଠାରୁ

Digitized by PPRACHIN, SOA

ବଳ ଅଧିକ ବିଷାକ୍ତ ସାପ ନାହିଁ । ଏ ଯଦି କାହାକୁ କାମୁଡ଼ିଦିଏ ତେବେ ତତ୍‌କ୍ଷଣାତ୍ ସେ ମରିଯିବ । ଏହାର ବିଷ ଝାଡ଼ିବା ପାଇଁ ମନ୍ତ୍ର ବି ନାହିଁ । ଏ ସାପର ଦାନ୍ତ ଦେଖାଇବ କି ?”

ମୃଣାଳମୀ କୈଳାସର ହାତ ଧରିପକାଇ କହିଲା—“ନାହିଁ, ନାହିଁ କୈଳାସ, ତାକୁ ଛାଡ଼ିଦିଅ, ତୁମର ମଙ୍ଗଳ ହେବ । ତୁମର ପାଦ ଧରୁଛି ।”

ଏହା ଶୁଣି ଜଣେ ସାଙ୍ଗ କହିଲା—“ମୁଁ ତ ବିଶ୍ବାସ କରି ପାରୁନାହିଁ; କିନ୍ତୁ ତୁମେ ଯେତେବେଳେ କହୁଛ ମୁଁ ମାନିନେବି ।”

କୈଳାସ ସାପଟାର ବେକକୁ ଧରି କହିଲା—“ନାହିଁହୋ, ତୁମେ ସ୍ୱଚକ୍ଷୁରେ ଦେଖିକରି ବିଶ୍ବାସ କର । ଦାନ୍ତ ଭାଙ୍ଗି କରି ସାପକୁ ବଶ କଲେ ସେଥିରେ ଆଉ କ’ଣ ବାହାଦୁରୀ ରହିଲା ? ସାପମାନେ ବେଶ୍ ବୁଦ୍ଧିମାନ୍ । ଯଦି ତାର ବିଶ୍ବାସ ହୋଇଯିବ ଯେ ସେ ଲୋକ ତାର କିଛି କ୍ଷତି କରିବନି ତେବେ ସେ ତାକୁ କେବେହେଲେ କାମୁଡ଼ିବ ନାହିଁ ।”

ମୃଣାଳମୀ ଯେତେବେଳେ ଦେଖିଲା ଯେ କୈଳାସ ଜିଦ୍ ଧରି ବସିଛି ବିଷାକ୍ତ ସାପର ଦାନ୍ତ ଦେଖାଇବାକୁ ସେତେବେଳେ ସେ ଖେଳ ବନ୍ଦ କରିବା ପାଇଁ ଏକ ଉପାୟ ପାଞ୍ଚି କହିଲା—“ସମସ୍ତେ ଆସନ୍ତୁ ଏଠାରୁ ବର୍ତ୍ତମାନ ଚାଲିଯିବା । ସେପଟେ ଗୀତ ଆରମ୍ଭ ହୋଇଗଲାଣି । ଆଜି ମୁଁ ମଧ୍ୟ କିଛି ଗୀତ ଗାଇ ଶୁଣାଇବି ।” ଏହା କହି ସେ କୈଳାସର କାନ୍ଧ ଧରି ତାକୁ ଯିବା ପାଇଁ ଇଶାରା ଦେଲା ଏବଂ ନିଜେ ସେ ଘରୁ ବାହାରିଗଲା । କିନ୍ତୁ କୈଳାସ ସନ୍ଦେହୀମାନଙ୍କର ସନ୍ଦେହ ଦୂର କରି ହିଁ ସେମାନଙ୍କୁ ଛାଡ଼ିବ ବୋଲି ଚିନ୍ତୁଥିଲା । ତେଣୁ ସେ ସାପର ବେକ ଧରି ଜୋର୍‌ରେ ଚିପିବାକୁ ଲାଗିଲା । ଏତେ ଜୋର୍‌ରେ ଚିପିଲା ସେ ତାର ମୁହଁ

Digitized by PPRACHIN, SOA

ଲାଲ୍ ପଡ଼ିଗଲା, ଦେହର ଶିରାମାନ ଟାଣି ହୋଇଗଲା । ସେ ଆଗରୁ କେବେହେଲେ ତାର ପୋଷା ସାପ ସାଙ୍ଗରେ ଏପରି ବ୍ୟବହାର କରିନଥିଲା । ସାପଟି ଏବେ ବୁଝିପାରୁନଥିଲା ତାଠାରୁ ପ୍ରକୃତରେ କଣ ଆଶା କରାଯାଉଛି । ତାର ସନ୍ଦେହ ସୃଷ୍ଟି ହେଲା ଯେ କୈଳାସ ବୋଧହୁଏ ତାକୁ ମାରିଦେବ । ତେଣୁ ସେ ଆତ୍ମରକ୍ଷା କରିବା ପାଇଁ ପ୍ରସ୍ତୁତ ହେଲା ।

କୈଳାସ ସାପର ବେକକୁ ଖୁବ୍ ଜୋର୍‌ରେ ଚାପି ଦେଇ ତାର ପାଟି ଖୋଲିଦେଲା ଏବଂ ସାପର ବିଷାକ୍ତ ଦାନ୍ତ ଦେଖାଇ କହିଲା—"ଯେଉଁ ଭଦ୍ରବ୍ୟକ୍ତିମାନଙ୍କର ସନ୍ଦେହ ହେଉଛି ସେମାନେ ଆସି ଦେଖିଯାଆନ୍ତୁ । ବର୍ତ୍ତମାନ ବିଶ୍ୱାସ ହେଲା ନା ଆହୁରି କିଛି ସନ୍ଦେହ ରହିଛି ?"

ବନ୍ଧୁମାନେ ଆଗେଇ ଆସି ସାପର ଦାନ୍ତ ଦେଖିଲେ ଏବଂ ଆଶ୍ଚର୍ଯ୍ୟ ହୋଇଗଲେ । ପ୍ରତ୍ୟକ୍ଷ ପ୍ରମାଣ ମିଳିଯିବା ପରେ ଆଉ କାହାରି କିଛି ସନ୍ଦେହ ରହିଲାନାହିଁ । ବନ୍ଧୁମାନଙ୍କର ସନ୍ଦେହ ଦୂର କରିବା ପରେ କୈଳାସ ସାପର ବେକକୁ ଢ଼ିଲା କରି ତାକୁ ଭୂମି ଉପରେ ରଖିବାକୁ ଚାହିଁଲା; କିନ୍ତୁ ସେତେବେଳକୁ ସେ ସାପଟି ଯନ୍ତ୍ରଣାଜନିତ କ୍ରୋଧରେ ପାଗଳ ହୋଇସାରିଲାଣି । ତାର ବେକ ଢ଼ିଲା ହେବାମାତ୍ରେ ସେ ତାର ଫଣା ଉଠାଇଲା ଓ କୈଳାସର ଆଙ୍ଗୁଠିକୁ ଜୋର୍‌ରେ ଚୋଟେ ମାରି ସେଠାରୁ ପଳେଇଲା । କୈଳାସର ଆଙ୍ଗୁଠିରୁ ଟପ୍‌ଟପ୍ ହୋଇ ରକ୍ତ ପଡ଼ିବାକୁ ଲାଗିଲା । ସେ ସଙ୍ଗେ ସଙ୍ଗେ ଆଙ୍ଗୁଠିଟିକୁ ଜୋର୍‌ରେ ଚାପିଧରିଲା ଏବଂ ନିଜ କୋଠରୀଆଡ଼କୁ ଦଉଡ଼ିଲା । ସେଠାରେ ଗୋଟିଏ ଟେବୁଲ୍ ଉପରେ କିଛି ଚେରମୂଳି ଥିଲା—ଯାହାକୁ ବାଟି କ୍ଷତରେ ଲଗାଇଦେଲେ ମାରାତ୍ମକ ସାପର ବିଷ ମଧ୍ୟ କାଟି ଖାଉଥିଲା ।

Digitized by PPRACHIN, SOA

ଏ ପରିସ୍ଥିତିରେ ସମବେତ ବନ୍ଧୁମାନଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଗଲା । କୋଠରୀ ବାହାରେ ସମବେତ ସମସ୍ତଙ୍କ ପାଖରେ ବି ଖବରଟା ସଙ୍ଗେ ସଙ୍ଗେ ପହଞ୍ଚିଗଲା । ଡାକ୍ତରବାବୁ ଅତ୍ୟନ୍ତ ଭୀତତ୍ରସ୍ତ ହୋଇ କୈଳାସ ପାଖକୁ ଦଉଡ଼ିଆସିଲେ । ସଙ୍ଗେ ସଙ୍ଗେ କୈଳାସର ଆଙ୍ଗୁଠିର ମୂଳକୁ ଜୋର୍‌ରେ ବାନ୍ଧି-ଦିଆଗଲା ଓ ଚେରମୂଳି ଔଷଧ ବାଟିବାକୁ ଦିଆଗଲା । ଡାକ୍ତରବାବୁ କିନ୍ତୁ ଏହି ଚେରମୂଳି ଚିକିତ୍ସା ସପକ୍ଷରେ ନଥିଲେ । ସେ କୈଳାସର କ୍ଷତ ସ୍ଥାନକୁ ବ୍ଲେଡ଼ରେ କାଟି ବିଷ ବାହାର କରିଦେବାକୁ ଚାହୁଁଥିଲେ; କିନ୍ତୁ କୈଳାସର ଏହି ବନ୍ୟ ଔଷଧି ଉପରେ ପୂରା ବିଶ୍ୱାସ ଥିଲା ।

ମୃଣାଳିନୀ ପିଆନୋ ଧରି ବସିଥିଲା । କୈଳାସକୁ ସାପ ଚୋଟ ମାରିଥିବା ଖବର ଶୁଣିବା ମାତ୍ରେ ସେ ମଧ୍ୟ ଦୌଡ଼ିଆସିଲା । ସେ ବିଚଳିତ ହୋଇ କୈଳାସ ହାତରୁ ବୋହିପଡ଼ୁଥିବା ରକ୍ତଟୋପା-ଗୁଡ଼ାକ ରୁମାଲ୍‌ରେ ପୋଛିବାକୁ ଲାଗିଲା । ଔଷଧ ବଟା ହେଉଥିଲା; କିନ୍ତୁ ସେହି ଏକ ମିନିଟ୍ ଭିତରେ କୈଳାସର ଆଖିପତା ବୁଜିହୋଇ ଆସିଲା ଏବଂ ତାର ଓଠ ହଳଦିଆ ପଡ଼ିବାକୁ ଆରମ୍ଭ କଲା । ସେ ଆଉ ଠିଆହୋଇ ରହି ପାରିଲା ନାହିଁ । ଚଟାଣ ଉପରେ ବସିପଡ଼ିଲା । ଅତିଥିମାନେ ସେହି କୋଠରୀରେ ଜମା ହୋଇଗଲେ । କିଏ କେତେ ଉପାୟ ମଧ୍ୟ ବତାଇଲେ । ଏହି ସମୟ ଭିତରେ ଔଷଧ ମଧ୍ୟ ବଟାହୋଇ ଆସିଲା । ମୃଣାଳିନୀ ତାହା କୈଳାସର କ୍ଷତ ସ୍ଥାନରେ ଲଗାଇଦେଲା । ଏହାର ଗୋଟେ ମିନିଟ୍ ପରେ କୈଳାସର ଆଖି ପୂରା ବୁଜିହୋଇଗଲା । ସେ ବସିଥିବା ସ୍ଥାନରେ ଗଡ଼ିପଡ଼ିଲା ଏବଂ ହାତରେ ଠାରି ବିଞ୍ଚିବା ପାଇଁ କହିଲା । ତାର ମା ଦୌଡ଼ିଆସି ନିଜ କୋଳରେ ପୁଅର ମୁଣ୍ଡଟି ରଖି ଅଧିକା ପବନ ପାଇଁ ଟେବୁଲ୍ ଫ୍ୟାନ୍ ଲଗାଇଦେଲେ ।

Digitized by PPRACHIN, SOA

ଡାକ୍ତରବାବୁ ପୁଅ ଉପରେ ଲଇଁପଡ଼ି ପଗ୍ଭରିଲେ—"କୈଳାସ, ଦେହ କପରି ଲଗୁ ଛି ?" କୈଳାସ କେବଳ ହାତଠା ଠେକପାରିଲା—କିନ୍ତୁ କିଛି କହିପାରିଲା ନାହିଁ । ମୃଣାଳିନୀ ଅତ୍ୟନ୍ତ କରୁଣ ସ୍ୱରରେ ପଗ୍ଭରିଲା—"ଏ ଔଷଧ କଣ କିଛି କାମ କରିବନି ?" ଡାକ୍ତରବାବୁ ମୁଣ୍ଡରେ ହାତମାରି କହିଲେ—"କଣ କହିବି ମା—ମୁଁ ତା କଥା ବିଶ୍ୱାସ କରିନେଲି । ବର୍ତ୍ତମାନ କ୍ଷତ ସ୍ଥାନକୁ କାଟିଲେ ମଧ ଆଉ କିଛି ଲଭ ହେବନାହିଁ ।"

ଅଧଘଣ୍ଟା ପର୍ଯ୍ୟନ୍ତ ଅବସ୍ଥା ସେହିପରି ରହିଲା । କିନ୍ତୁ ତାହା ପରେ କୈଳାସର ଅବସ୍ଥାର ଅବନତି ଘଟିଲା । କ୍ରମେ ତାର ଆଖି ସ୍ଥିର ହୋଇଗଲା, ହାତ ଓ ପାଦ ଥଣ୍ଡା ହୋଇଗଲା, ମୁଖର ଜ୍ୟୋତି ଆସ୍ତେ ଆସ୍ତେ ମଳିନପଡ଼ିଗଲା ଏବଂ ନାଡ଼ି ମଧ ଆଉ ଗ୍ଭଲିଲା ନାହିଁ । ମୃତ୍ୟୁର ସମସ୍ତ ଲକ୍ଷଣ ଆସ୍ତେ ଆସ୍ତେ ପରିଷ୍କାର ଜଣାପଡ଼ିଲା । ଏଥର ଡାକ୍ତରଙ୍କ ଘରେ କାନ୍ଦ ବୋବାଳି ଆରମ୍ଭ ହୋଇଗଲା । ମୃଣାଳିନୀ କାନ୍ଦିକାନ୍ଦି ମୁଣ୍ଡ ପିଟିବାକୁ ଲଗିଲା ଏବଂ ମା ବାରମ୍ବାର ମୂର୍ଚ୍ଛିତ ହୋଇପଡ଼ୁଥିଲେ । ଡାକ୍ତର ଚଡ଼୍ଡ଼ାଙ୍କୁ ତାଙ୍କ ସାଙ୍ଗମାନେ ଧରିନେଲେ—ନହେଲେ ସେ ହାତରେ ଧରିଥିବା ଛୁରିରେ ନିଜ ବେକରେ ଆଘାତ କରିବାକୁ ଯାଉଥିଲେ । ଜଣେ ଭଦ୍ରବ୍ୟକ୍ତି କହିଲେ—କେହି ଭଲ ଝଡ଼ାଫୁଙ୍କା କରିବାପାଇଁ ମିଳି-ଗଲେ ହୁଏତ ଜୀବନ ବଞ୍ଚିଯାଇପାରେ । ଜଣେ ମୁସଲମାନ ଭଦ୍ର-ବ୍ୟକ୍ତି ଏହାକୁ ସମର୍ଥନ କରି କହିଲେ, "ଆରେ ଭାଇ, କବରରେ ପଡ଼ିଥିବା ଶବ ମଧ ବଞ୍ଚିଉଠିଛି—ଏପରି ଦୃଷ୍ଟାନ୍ତ କେତେ ଅଛି ।"

ଡାକ୍ତର ଚଡ଼୍ଡ଼ା କହିଲେ—ମୋ ବୁଦ୍ଧି ଭ୍ରମ ହୋଇଗଲା—ନହେଲେ ମୁଁ ଯଦି ତା କଥା ନମାନି କ୍ଷତ ସ୍ଥାନଟି କାଟି ଦେଇଥାନ୍ତି ତେବେ ଏ ଦଶା ଭୋଗିବାକୁ ପଡ଼ିନଥାନ୍ତା । ତାକୁ

Digitized by PPRACHIN, SOA

ବାରମ୍ବାର ବୁଝାଇଚ ସାପ ରଖେନା—ହେଲେ ସେ କଣ ମୋ କଥା ଶୁଣିଲା ? ଏବେ ତାହାହେଲେ କେହି ଝଡ଼ାଫୁଙ୍କା କରିବା ଲୋକକୁ ଡାକ । ମୋ ପୁଅକୁ ଯେ ଭଲ କରିଦେବ ମୁଁ ମୋର ସମସ୍ତ ସମ୍ପତ୍ତି ତାର ପାଦତଳେ ଅର୍ପଣ କରିଦେବି—ମୋର ସବୁ କିଛି ଦେଇଦେବି । ଏକବସ୍ତ୍ରୀ ହୋଇ ଚାଲିଯିବି । ଖାଲି ମୋର ଆଦରର କୈଳାସ ଭଲ ହେଇଯାଉ । ଭଗବାନ୍ ତୁମର ମଙ୍ଗଳ କରିବେ—କାହାକୁ ହେଲେ ଟିକିଏ ଡାକ ଭାଇ ।"

ଜଣେ ଭଦ୍ରଲୋକ ଏପରି ଝଡ଼ାଫୁଙ୍କା କରୁଥିବା ଗୋଟିଏ ଲୋକକୁ ଜାଣିଥିଲେ । ସେ ଦୌଡ଼ିଯାଇ ତାକୁ ଡାକିଆଣିଲେ; କିନ୍ତୁ କୈଳାସର ବିବର୍ଣ୍ଣ ମୁହଁ ଦେଖି ଆଉ ମନ୍ତ୍ର ପଢ଼ିବା ପାଇଁ ତାର ସାହସ ହେଲାନାହିଁ । ସେ କହିଲା—ହଜୁର୍ ! ଏବେ ଆଉ କଣ ହୋଇ ପାରିବ ? ଯାହା ହେବା କଥା ସବୁ ହୋଇ ସାରିଲାଣି ।"

"ଆରେ ମୂର୍ଖ, ବରଂ କହ ଯେ ଯାହା ନହେବା କଥା ତାହା ହୋଇଗଲା—ଯାହା ହୋଇଥାନ୍ତା ତାହା କଣ ହୋଇପାରିଲା ? ମା-ବାପ କଣ ପୁଅର ବାହାମୁକୁଟ ଦେଖିପାରିଲେ ? ମୃଣାଳମାର କାମନାତରୁ କଣ ପଲ୍ଲବିତ ହୋଇପାରିଲା ? ମନର ସେହି ସୁନେଲି ସ୍ୱପ୍ନ, ଯାହାପାଇଁ ଜୀବନ ଏକ ଆନନ୍ଦର ସ୍ରୋତ ହୋଇଯାଇଥିଲା —ତାହା କଣ ସତ୍ୟ ହେଲା ? ନୃତ୍ୟରତ ଜୀବନର ତାରକାମଣ୍ଡିତ ସାଗରରେ ଆନନ୍ଦ ଉପଭୋଗ କରୁ କରୁ ସେମାନଙ୍କ ନୌକା କଣ ଜଳମଗ୍ନ ହେଲା ? ଯାହା କିଛି ନ ହେବାର ଥିଲା ସେସବୁ ହୋଇଗଲା ।"

ସେହି ସବୁଜ-ଶ୍ୟାମଳ ଲନ୍ ଥିଲା, ସେହି ରୂପେଲି ଚନ୍ଦ୍ର— ଗୋଟିଏ ନିଃଶବ୍ଦ ସଙ୍ଗୀତ ପରି ପ୍ରକୃତି ଉପରେ ବିସ୍ତୃତ ହୋଇ

Digitized by PPRACHIN, SOA

ପଡ଼ିଥିଲା, ଏବଂ ନିମନ୍ତ୍ରିତ ବନ୍ଧୁମାନଙ୍କର ସମାବେଶ ମଧ୍ୟ ଥିଲା। ମନୋରଞ୍ଜନର ସବୁ ଉପକରଣ ପୂର୍ବଭଳି ପଡ଼ିରହିଥିଲା। କିନ୍ତୁ ଅଳ୍ପ ସମୟ ପୂର୍ବରୁ ଯେଉଁଠାରେ ହାସ୍ୟଲହରୀ ଖେଳୁଥିଲା, ବର୍ତ୍ତମାନ ସେଠାରେ କ୍ରନ୍ଦନର କରୁଣ ସ୍ୱର ଏବଂ ଅଶ୍ରୁପ୍ରବାହ ଲାଗି ରହିଥିଲା।

(୩)

ସହରଠାରୁ କିଛି ଦୂରରେ ଗୋଟିଏ ଗ୍ଲେଟ କୁଡ଼ିଆରେ ଗୋଟିଏ ବୁଢ଼ା ଏବଂ ଗୋଟିଏ ବୁଢ଼ୀ ନିଆଁ ଉମ୍ନେଇ ପାଖରେ ବସି ଶୀତ ରାତିଟି କଟାଉଥିଲେ। ବୁଢ଼ାଟି ମଝିରେ ମଝିରେ କାଶି ଉଠୁଥିଲା। ବୁଢ଼ୀଟି ଦୁଇଆଣ୍ଠୁ ମଝିରେ ମୁଣ୍ଡ ଭରାଦେଇ ନିଆଁ ଆଡ଼କୁ ଅନେଇଥିଲା। ଘରେ କେବଳ କିରାସିନ ବତୀଟିଏ ଜଳୁଥିଲା। ସେ ଘରେ ଖଟଟିଏ କମ୍ବା ଗୁଦର ଖଣ୍ଡିଏ ମଧ୍ୟ ନଥିଲା। ବୁଢ଼ୀଟି ଦିନସାରା ଗୋବର ଏବଂ ଶୁଖିଲା କାଠ ଜମା କରେ ଓ ବୁଢ଼ା ଦଉଡ଼ି ବଳି ବଜାରରେ ବିକେ। ଏଇଟା ଯେପରି ସେମାନଙ୍କର ପେଷା। କେହି କେବେ ସେମାନଙ୍କର ହସ କାନ୍ଦ ଦେଖିନାହାଁନ୍ତି। ସେମାନଙ୍କର ଜୀବନ-ସ୍ରୋତ ଏହିଭଳି ବୋହି ଗ୍ଲୁଲିଥିଲା। ମୃତ୍ୟୁ ସେମାନଙ୍କ ଦ୍ୱାରଦେଶରେ ପହଞ୍ଚି ସାରିଥିଲେ ମଧ୍ୟ ହସିବା କମ୍ବା କାନ୍ଦିବାପାଇଁ ସେ ଦୁହେଁ ସମୟ କରି ପାରିଲେ ନାହିଁ।

ବୁଢ଼ୀ ପଗ୍ଲୁରିଲା—କାଲି ପାଇଁ ତ ଖୋଟ ନାହିଁ, କାମ କରିବ କପରି ?

"ଯିବୁଛି, ଯାଇ ଝିଗଢ଼ୁ ସାହୁଠାରୁ ଦଶସେର ଖୋଟ ଉଧାରି ଆଣିବ।"

Digitized by PPRACHIN, SOA

—ତାର ବାକି ପଇସାତ ଏପର୍ଯ୍ୟନ୍ତ ଦେଇନାହିଁ, ସେ ଆଉ କଣ ଉଧାରଁ ଦେବ ?

—ନଦେଲେ ନାହିଁ । ଘାସଗୁଡ଼ାକ ତ କୁଆଡ଼େ ସବୁ ଯାଇନ ! ଦିପହର ପର୍ଯ୍ୟନ୍ତ ଲଗି କଣ ଦୁଇଅଣାର ଘାସ କାଟି ପାରିବାନାହିଁ ?

ଏହି ସମୟରେ କେହି ଜଣେ ଆସି ବାହାରପଟୁ ଡାକଲେ—ଭଗତ, ଭଗତ—କଣ ଶୋଇ ପଡ଼ିଲଣିକି ? କବାଟଟା ଟିକିଏ ଖୋଲିବ !

ଭଗତ ଉଠି କବାଟ ଖୋଲିଲା । ଜଣେ ଲୋକ ଭିତରକୁ ପଶି ଆସି କହିଲା—ଶୁଣିଲଣି ! ଡାକ୍ତର ଚଡ଼୍ଢାବାବୁଙ୍କର ପୁଅକୁ ସାପ କାମୁଡ଼ି ଦେଇଛି ।

ଭଗତ ଚମକିପଡ଼ି କହିଲା—ଚଡ଼୍ଢା ବାବୁଙ୍କର ପୁଅକୁ ? ସେ ଚଡ଼୍ଢା ବାବୁତ—ଯେ ଗ୍ଯୁଜିଣି ପାଖ ବଡ଼ କୋଠାରେ ରହନ୍ତି ?

—ହିଁ—ହିଁ, ସେହି । ସହରରେ ଚହଳ ପଡ଼ିଯାଇଛି । ସେଠାରେ ତୋର ହାତର କରାମତି ଦେଖେଇଲେ ମଣିଷ ହୋଇଯିବୁ ।

ବୁଢ଼ା ଅତ୍ୟନ୍ତ ଗମ୍ଭୀରଭାବେ ମୁଣ୍ଡ ହଲାଇ କହିଲା—ମୁଁ ଯିବି ନାହିଁ । ମୋର ଶତ୍ରୁ ଗଲେ ଯିବ । ସେହି ଚଡ଼୍ଢାକୁ ମୁଁ ଖୁବ୍ ଭଲ ଭାବେ ଚହ୍ନିଛି । ମୋ ରୋଗିଣା ପୁଅକୁ ନେଇ ତାଙ୍କ ପାଖକୁ ଯାଇଥିଲି । ସେ ଯେତେବେଳେ ଖେଳିବାକୁ ଯାଉଥିଲେ । ଥରେ ମାତ୍ର ପୁଅକୁ ଦେଖିଦେବା ପାଇଁ ତାଙ୍କ ପାଦତଳେ ଲୋଟିପଡ଼ିଲି—କିନ୍ତୁ ସେ ଥରେହେଲେ ମୁହଁକୁ ଅନେଇଲେ ନାହିଁ । ଭଗବାନ ସବୁ ଶୁଣୁଥିଲେ । ଏବେ ବୁଝିପାରିବେ ପୁତ୍ରବିଚ୍ଛେଦ କେତେ ଦୁଃଖଦାୟକ । ତାଙ୍କର ଆଉ ପୁଅ ଅଛି କି ?

"ଆରେ ନାହିଁ—ସେ ଏକୋଇର ବଳା ବଣିକେଶନ । ଶୁଣୁଛି ସମସ୍ତେ ମନା କରିଦେଲେଣି ।"

Digitized by PPRACHIN, SOA

—ଭଗବାନଙ୍କ ମାୟା ବଡ଼ ବିଚିତ୍ର । ସେତେବେଳେ ମୋ ଆଖିର ଲୁହ ଦେଖି ମଧ୍ୟ ତାଙ୍କର ଟିକିଏ ହେଲେ ଦୟା ହୋଇ ନଥିଲା । ମୁଁ ତାଙ୍କର ଘର ପାଖରେ ଥିଲେ ମଧ୍ୟ କେବେ ହେଲେ ଯାଇ ଦେଖିନଥାନ୍ତି ।

—ଯିବ ନାହିଁ ତାହାହେଲେ ? ମୁଁ ଯାହା ଶୁଣିଥିଲି କହିଦେଲି ।

"ଭଲକଲ—ଭଲହେଲା—ମୋର ହୃଦୟ ଶାନ୍ତ ହୋଇଗଲା । ଆଖି ମଧ୍ୟ ଥଣ୍ଡା ହୋଇଗଲା । ପୁଅ ମଧ୍ୟ ଶାନ୍ତି ପାଇଥିବ । ତୁମେ ଯାଅ—ମୁଁ ଆଜି ନିଶ୍ଚିନ୍ତରେ ଶୋଇପାରିବ ।" ତାପରେ ବୁଢ଼ୀକୁ କହିଲା—"ଟିକିଏ ତମାଖୁ ଖାଇଦେ । ମୁଁ ଆଉଥରେ ଏ ଚିଲମ ଟାଣିବି । ଏବେ ପୁଅକୁ ଜଣା ପଡ଼ିବ । ସବୁ ସାହେବୀ ଢଙ୍ଗ ବାହାରିପଡ଼ିବ । ଆମର କଷ୍ଟ ବିଗିଡ଼ିଯିବନି । ଆମର ପୁଅଟା ମରି ଗଲାରୁ ଆମର କଷ୍ଟ ବାଜିଭି ଚାଲେଇଲାନି । ଯେଉଁଠି ଛଅଟା ପିଲା ମରିଯାଇଥିଲେ ଆଉ ଗୋଟେ ମରିଗଲା । ତାଙ୍କର କିନ୍ତୁ ରାଜଭି ଶୂନ୍ୟ ହୋଇଗଲା । ସେଇ ପୁଅଟା ପାଇଁ ସମସ୍ତଙ୍କର ତଣ୍ଟି ଚିପି ଧନ ଜମା କରୁଥିଲା—ବର୍ତ୍ତମାନ କିଣ କରିବ ? ଦିନେ ଦେଖିବାକୁ ଯିବି—କିନ୍ତୁ କିଛିଦିନ ପରେ—ସେଠାକୁ ଯାଇ ଡାକ୍ତରର ମିଜାଜ୍ କିପରି ଅଛି ବୁଝି ଆସିବି ।

ଲୋକଟି ଚାଲିଗଲା । ଭଗତ କବାଟ ବନ୍ଦ କରିଦେଲା । ତାପରେ ଚିଲମରେ ତମାଖୁ ଭରି ଟାଣିବାକୁ ଲାଗିଲା । ବୁଢ଼ୀ କହିଲା—ଏଡ଼େ ଶୀତ ରାତିରେ କିଏ ଯିବ ?

—ଆଲୋ ଦିପହର ହୋଇଥିଲେ ମଧ୍ୟ ଯାଇ ନଥାନ୍ତି । ମତେ ନେବାପାଇଁ ସବାରି ଦୁଆରମୁହଁକୁ ଆସିଥିଲେ ମଧ୍ୟ ମୁଁ ଯାଇନଥାନ୍ତି । ମୁଁ ଭୁଲିଯାଇନାହିଁ । ପନ୍ନାର ମୁହଁ ଆଜି ମଧ୍ୟ

Digitized by PPRACHIN, SOA

ମୋ ଆଖି ଆଗରେ ନାଶ ଘଟୁଛି । ସେ ନିର୍ଦ୍ଦୟ ତାକୁ ଥରେ ହେଲେ ମଧ୍ୟ ଦେଖିଲା ନାହିଁ । ମୁଁ କଣ ଜାଣିନଥିଲି ସେ ବଞ୍ଚିବନି ବୋଲି ? ମୁଁ ଠିକ୍ ଜାଣିଥିଲି । ଚଣ୍ଡ଼ା ଭଗବାନ ନୁହେଁ ଯେ ସେ ଥରେ ଛୁଇଁଦେଲେ ଅମୃତ ବୃଷ୍ଟି ହୋଇଥାନ୍ତା । ଖାଲି ମନର ଗୋଟେ ଉତ୍କଣ୍ଠା ଥିଲା—ଟିକିଏ ନିଶ୍ଚିତ ହୋଇ ଯାଇଥାନ୍ତି— ବାସ୍ , ସେତିକି ପାଇଁ ତାଙ୍କ ପାଖକୁ ଦୌଡ଼ି ଯାଇଥିଲି । ଧନେ ଯିବ, ଆଉ କହିବ—କଣ ବାବୁ, କୁହନ୍ତୁ କଣ ଖବର ? ଦୁନିଆର ଲୋକେ ଖରାପ କହିବେ—କୁହନ୍ତୁ—କିଛି ପରୱା ନାହିଁ । ଗରିବ-ମାନଙ୍କର ତ ସବୁ ଦୋଷ, ସବୁ ଖୁଣ । ବଡ଼ଲୋକମାନେ ସବୁଥିରେ ନିର୍ଦ୍ଦୋଷ । ସେମାନେ ତ ଦେବତାଙ୍କର ଚଳନ୍ତ ପ୍ରତିମା ।

ଜୀବନରେ ପ୍ରଥମଥର ପାଇଁ ଭଗତ ଏପରି ସମ୍ବାଦ ପାଇ ଚୁପ୍ ହୋଇ ବସିରହିଥିଲା । ଅଶିବର୍ଷ ଭିତରେ ଏପରି କେବେ ହୋଇ ନଥିଲା ଯେବେ ସେ ସର୍ପାଘାତ ଖବର ପାଇ ରୋଗୀ ପାଖକୁ ଦୌଡ଼ିଯାଇନଥିଲା । ଚୈତ୍ର ବୈଶାଖର ଖରାଝାଞ୍ଜି, ଶ୍ରାବଣ ଭାଦ୍ରବର ଉଚ୍ଛୁଳା ନଈ, ନାଳକୁ ସେ କେବେହେଲେ ଖାତିର କରିନାହିଁ । ସେ ସମ୍ବାଦ ପାଇବାମାତ୍ରେ ଘରୁ ବାହାରି ପଡ଼ୁଥିଲା— କାରଣ ସେ ନିଃସ୍ୱାର୍ଥପର ଏବଂ କାମନା ରହିତ ହୋଇ କାର୍ଯ୍ୟ କରିଯାଉଥିଲା । କେବେ କିଛି ପାଇବା ଆଶା ମଧ୍ୟ ରଖି ନଥିଲା । ଜୀବନର ମୂଲ୍ୟ କିଏ କେବେ ଦେଇପାରିଲାଣି ? ଏହା ଏକ ପୁଣ୍ୟ କାର୍ଯ୍ୟ । ହଜାର ହଜାର ହତାଶ ବ୍ୟକ୍ତି ତାର ମନ୍ତ୍ରଦ୍ୱାରା ପୁନର୍ଜନ୍ମ ପାଇଥିଲେ । କିନ୍ତୁ ଆଜି ସେ ଘର ଛାଡ଼ି ପାହୁଣ୍ଡେ ମଧ୍ୟ ଆଗେଇ ପାରିଲା ନାହିଁ । ଏ ଖବର ଶୁଣି ସେ ଏବେ ଶୋଇବାକୁ ଯାଉଛି ।

ବୁଢ଼ୀ କହିଲା—"ତମାଖୁ ଉମେଇ ପାଖରେ ଥୁଆ ହୋଇଛି । ବାକି ବଢ଼ି ବଢ଼ି ଅଢ଼େଇ ପଇସା ହେଲାଣି । ସେ ଆଜି ଧାର

Digitized by PPRACHIN, SOA

ଦେଉନଥିଲା । ବୁଢ଼ୀ ଏହା କହି ଶୋଇପଡ଼ିଲା । ବୁଢ଼ା ବତିଟି ଲିଭେଇଦେଲା ଏବଂ କିଛି ସମୟ ସେପରି ଠିଆ ହୋଇ ରହିବା ପରେ ପୁଣି ବସି ପଡ଼ିଲା । ଶେଷରେ ସେ ଶୋଇବା ପାଇଁ ଶେଯରେ ପଡ଼ି ରହିଲା । କିନ୍ତୁ ଏ ଖବରଟି ତା ମନ ଉପରେ ବୋଝ ଭଳି ମାଡ଼ିବସିଥାଏ । ତାକୁ ଲାଗୁଥିଲା ଯେପରି ତାର କୌଣସି ଜିନଷ ହଜିଯାଇଛି—ଯେପରି ତାର ସମସ୍ତ ଲୁଗାପଟା ଓଦା ହୋଇଯାଇଛି କିମ୍ବା ଗୋଡ଼ରେ କାଦୁଅ ଲାଗିଛି । କିଏ ଯେପରି ତାର ମନ ଭିତରେ ରହି ତାକୁ ଘରୁ ବାହାରିବା ପାଇଁ ଲାଗେଇଛି । ଟିକିଏ ସମୟ ପରେ ବୁଢ଼ୀ ଶୋଇ ଘୁଙ୍ଗୁଡ଼ି ମାରିବାକୁ ଲାଗିଲା । ବୁଢ଼ାବୁଢ଼ୀମାନେ କଥାବାର୍ତ୍ତା କରୁକରୁ ଏଭଳି ଶୋଇପଡ଼ନ୍ତି ଏବଂ ସାମାନ୍ୟ ଖଟ୍‌ଖାଟ୍ ହେଲେ ଉଠି ପଡ଼ନ୍ତି । ଭଗତ ଉଠିଲା, ତାର ବାଡ଼ିଟି ଧରିଲା ଏବଂ ଧୀରେ ଧୀରେ କବାଟ ଖୋଲିଲାବେଳକୁ ବୁଢ଼ୀ ପଚାରିଲା—କୁଆଡ଼େ ଯାଉଛ ?

"କୁଆଡ଼େ ନାହିଁ—ଦେଖୁଥିଲି କେତେ ରାତି ହେଇଛି ।"

"ରାତି ଆହୁରି ବହୁତ ବାକିଅଛି । ଶୋଇପଡ଼ । ନିଦ ଲାଗୁନି ?"

"ନିଦ କେମିତି ହେବ ? ମନତ ଯାଇ ସେଇ ଚଡ଼୍‌ଢ଼ା ଘରେ ! ଚଡ଼୍‌ଢ଼ା ମୋର କଣ ଉପକାର କରିଦେଲା ଯେ ମୁଁ ସେଠାକୁ ଯିବ ? ସେ ଆସି ମୋ ଗୋଡ଼ ଧରିଲେ ମଧ୍ୟ ମୁଁ ଯିବିନାହିଁ ।"

"ତମେ କିନ୍ତୁ ସେଇଥିପାଇଁ ଉଠିଚ ।"

"ନାହିଁ ହୋ, ମୁଁ ଏପରି ପାଗଳ ହେଇନ । ଯିଏ ମୋର ଜୀବନରେ କଣ୍ଟା ବୁଣିଦେଇଛି ତାର ଚଲା ରାସ୍ତାରେ ମୁଁ କାହିଁକି ଫୁଲ ବିଛେଇ ଦେବି ।"

ବୁଢ଼ୀ ପୁଣି ଶୋଇପଡ଼ିଲା । ଭଗତ କବାଟ ବନ୍ଦ କରିଦେଇ ଆସି ବସିଲା । ସଙ୍ଗୀତ ଆସରରେ ମୁଗ୍‌ଧ ଶ୍ରୋତାକୁ ପାଖରେ ବସି

Digitized by PPRACHIN, SOA

କେହି କିଛି ଉପଦେଶ ଦେଲେ ଶ୍ରୋତାର ମନ ସଙ୍ଗୀତ ଶୁଣିବାକୁ ଯେପରି ଉଚ୍ଚାଟ ହୋଇଉଠେ ବୁଢ଼ାର ମନର ଅବସ୍ଥା ସେହିପରି ହୋଇଗଲା । ଆଖି ପଡ଼େ ଉପଦେଶଦାତା ଉପରେ ଥାଉ, କିନ୍ତୁ କାନ ସଙ୍ଗୀତଆଡ଼େ ଥାଏ, ହୃଦୟରେ ମଧ୍ୟ ସେହି ସଙ୍ଗୀତର ସ୍ୱର ପ୍ରତିଧ୍ୱନିତ ହେଉଥାଏ—କିନ୍ତୁ ଲଜ୍ଜାବଶତଃ ସେ ସ୍ଥାନରୁ ଉଠି ପାରୁନଥାଏ । ନିର୍ଦ୍ଦୟତା ଓ ପ୍ରତିଶୋଧର ଚିନ୍ତା ବୁଢ଼ା ମନରେ ଯେତେ ତେଜିଉଠୁଥିଲା, ତାର ହୃଦୟ ସେହି ହତଭାଗା ଯୁବକଟି ପାଇଁ ସେତେ ବେଶି ବ୍ୟାକୁଳ ହେଉଥିଲା—ଯିଏ ବର୍ତ୍ତମାନ ପ୍ରତି ମୁହୂର୍ତ୍ତରେ ମୃତ୍ୟୁମୁଖକୁ ଅଗ୍ରସର ହେଉଥିଲା ଏବଂ ଯାହାପାଇଁ କ୍ଷଣିକ ବିଳମ୍ବ ମଧ୍ୟ ହାନିକରକ ଥିଲା ।

ବୁଢ଼ା ପୁଣି ଧୀରେ କବାଟ ଖୋଲି ବାହାରକୁ ବାହାରି ଆସିଲା । ବୁଢ଼ୀ କିନ୍ତୁ ଜାଣିପାରିଲାନାହିଁ । ସେ ସମୟରେ ଗାଁ ଚଉକିଦାର ବାହାରେ ପହରା ଦେଉଥିଲା । ସେ କହିଲା—ଭଗତ, କଣ ଉଠିପଡ଼ିଲଣି ?

ଭଗତ କହିଲା—ନାହିଁ ଆଜ୍ଞା, କୁଆଡ଼େ ଆଉ ଯିବି ? ଦେଖୁଥିଲି କେତେ ରାତି ଆଉ ବାକି ଅଛି । କହିଲ ଭଲା ଏବେ କେତେଟା ବାଜିଥିବ ?

ଚୌକିଦାର କହିଲା—ରାତି ଗୋଟାଏ ହୋଇଥିବ ବୋଧହୁଏ । ଏବେ ଥାନାରୁ ଫେରିଲା ବାଟରେ ଦେଖିଲି ଡାକ୍ତର ଚଡ଼୍‌ଢ଼ାବାବୁଙ୍କ ବଙ୍ଗଳାରେ ଘର ଭିଡ଼ ଜମିଛି । ତାଙ୍କ ପୁଅର ଖବର ତୁମେ ଜାଣିଥିବ ବୋଧହୁଏ—ଜନ୍ତୁ କାମୁଡ଼ିଦେଲା । ମରିଯିବଣି ବୋଧହୁଏ । ତମେ ଯାଇ ଦେଖିଆସ କ୍ଷଣକ ପାଇଁ—ବଞ୍ଚି ଯାଇପାରେ । ଶୁଣିଛି—ଡାକ୍ତର ଦଶହଜାର ପର୍ଯ୍ୟନ୍ତ ଦେବାକୁ ରାଜି ଅଛନ୍ତି ।

Digitized by PPRACHIN, SOA

ଭଗତ—ଯାହା ହେଉ ପଛେ—ସେ ଦଶଲକ୍ଷ ଦେଲେ ମଧ୍ୟ ମୁଁ ଯିବନାହିଁ । ଦଶହଜାର ହେଉ ବା ଦଶଲକ୍ଷ—ମୋର ଦରକାର ନାହିଁ । କାଲିକି ମରିଗଲେ ସେଗୁଡ଼ାକ ଭୋଗ କରିବା ପାଇଁ ମୋର କେହି ନାହିଁ ।

ଚୌକିଦାର ଚାଲିଗଲା । ଭଗତ ଆଗକୁ ଗୋଡ଼ ବଢ଼ାଇଲା । ନିଶା ଧରିଲେ ମଣିଷ ଯେପରି ନିଜକୁ ଆୟତ୍ତ କରିପାରେନାହିଁ—ପାଦ ଟଳମଳ ହୁଏ, ଇଆଡ଼ୁସିଆଡ଼ୁ କଣସବୁ ବାଉଳା ହୁଏ—ଭଗତର ଅବସ୍ଥା ବର୍ତ୍ତମାନ ଠିକ୍ ସେହିପରି । ମନରେ ଦମ୍ଭ ଏବଂ ପ୍ରତିଶୋଧ ନେବା ଇଚ୍ଛା ଥିଲେ ମଧ୍ୟ ସେ ତାହାକୁ କାର୍ଯ୍ୟକାରୀ କରିପାରୁନଥିଲା । ସେ କେବେହେଲେ ଖଣ୍ଡା ଧରିନ, ଯେତେ ଇଚ୍ଛା କଲେ ମଧ୍ୟ ସେ କେବେହେଲେ ଖଣ୍ଡା ଚଳେଇ ପାରିବନି; ତାର ହାତ ଉଠିବନି, ମୁଠା କମ୍ପି ଉଠିବ ।

ଭଗତ ବାଡ଼ିରେ ଭରଦେଇ ଖଟ୍‌ଖଟ୍ କରି ଚାଲିଯାଉଥିଲା । ତାର ଚେତନ ମନ ବାଧା ଦେଉଥିଲେ ମଧ୍ୟ ଅବଚେତନ ମନ ତାକୁ ଆଗକୁ ଠେଲି ନେଇଥିଲା । ଅଧା ରାସ୍ତା ଯିବା ପରେ ସେ ହଠାତ୍ ଅଟକିଗଲା । ହିଂସା ଯୋଗୁଁ ମାଚ ମନର ଦ୍ୱନ୍ଦ୍ୱ କର୍ତ୍ତବ୍ୟ ଉପରେ ବିଜୟ ଲାଭକଲା । ସେ ଭାବିଲା—ଏଇ ଶୀତ-କାକରରେ କଷ୍ଟ ପାଇବା ପାଇଁ କଣ ମୁଁ ଏତେଦୂର ଦୌଡ଼ିଆସିଲି ? ଆରାମରେ ଶୋଇଥିଲେ ହୋଇଥାନ୍ତା । ନିଦ ନ ଲାଗିଥିଲେ ବରଂ ଦୁଇ ଚାରିଟା ଭଜନ ଗାଇଥାନ୍ତି । ଅଯଥାରେ ଏତେ ବାଟ ଦୌଡ଼ିଆସିଲି । ଚଣ୍ଡ଼ାର ପୁଅ ମଲେ ଅବା ବଞ୍ଚିଲେ ମୋର କଣ ଯାଉଛି । ସେ ମୋତେ କଣ ଅବା ସାହାଯ୍ୟ କରିଥିଲା ଯେ ମୁଁ ତାଙ୍କ ପାଇଁ ଏତେ ପରିଶ୍ରମ କରି ଦଉଡ଼ିଯିବି ? ସଂସାରରେ ହଜାର ହଜାର ଲୋକ ମରୁଛନ୍ତି ଏବଂ ବଞ୍ଚୁଛନ୍ତି—ସେଥିରେ ମୋର କଣ ଯାଏ ଆସେ ?

Digitized by PPRACHIN, SOA

କିନ୍ତୁ ତାର ସେହି ଅବଚେତନ ମନ ହିଂସାତ୍ମକ ହୋଇ-ଉଠିଲା । ସେ ଝିଙ୍ଗାଫୁଙ୍କା କରିବା ପାଇଁ ଯାଉନଥିଲା । ସେ ଥରେ ଯାଇ ଲୋକମାନଙ୍କର ପ୍ରତିକ୍ରିୟା ଦେଖିବାକୁ ଚାହୁଁଥିଲା—ଡାକ୍ତରବାବୁ କପରି ମୁଣ୍ଡ ପିଟି କାନ୍ଦୁଛନ୍ତି—କପରି ସେ ଅଚେତ ହୋଇ ପଡ଼ୁଛନ୍ତି ଦେଖିବାକୁ ଚାହୁଁଥିଲା । ସେ ଦେଖିବ ଯେ ଦୁଃଖବେଳେ ବଡ଼ଲୋକମାନେ ମଧ ଗରିବମାନଙ୍କ ପରି ମୁଣ୍ଡ ପିଟନ୍ତି ନା ସେମାନେ ଧୈର୍ଯ୍ୟଧରି ସବୁ ସହିଯାନ୍ତି ? ମନର ହିଂସାଭାବକୁ ସେ ଏପରି ଆଶ୍ୱାସନା ଦେଇ ଧୀରେ ଧୀରେ ଆଗକୁ ଚାଲିଲା ।

ଏହି ସମୟରେ ଦୁଇଜଣ ଲୋକ ଆସୁଥିବା ଦେଖାଗଲା । ଦୁଇଜଣଯାକ କଥାବାର୍ତ୍ତା ହୋଇ ଚାଲିଥାନ୍ତି—"ଆହା, ଚଉଡ଼ା-ବାବୁଙ୍କର ସଂସାର ଉଜୁଡ଼ି ଗଲା । ଏଇ ଗୋଟିଏ ବୋଲି ପୁଅ ।" ଭଗତ କାନରେ ଏଇ କଥା ପଡ଼ିବାମାତ୍ରେ ସେ ଆହୁରି ଦ୍ରୁତ ବେଗରେ ପାଦ ପକାଇବାକୁ ଲାଗିଲା । କିନ୍ତୁ ସେ ଏତେ କ୍ଳାନ୍ତ ହୋଇପଡ଼ିଥିଲା ଯେ ତାର ପାଦ ଆଉ ଉଠୁନଥିଲା । ସେ କ୍ରମଶଃ ଶରୀରର ଭାରସାମ୍ୟ ହରାଉଥିଲା ।

ବୁଢ଼ା ଏହିପରି ଅବସ୍ଥାରେ ପ୍ରାୟ ଦଶ ମିନିଟ ଚାଲିବା ପରେ ଡାକ୍ତରବାବୁଙ୍କର ବଙ୍ଗଳା ଆଖିରେ ପଡ଼ିଲା । ବିଜୁଳିବତି ଜଳୁଥିଲା; କିନ୍ତୁ ସବୁଆଡ଼ ଶୂନ୍‌ଶାନ୍ । କାନ୍ଦ ବୋବାଳି ଶବ୍ଦ ମଧ ଶୁଣାଯାଉ ନଥିଲା । ଭଗତର ହୃତ୍‌କମ୍ପନ ବଢ଼ିଗଲା । ଭାବିଲା—ମୁଁ ପହଞ୍ଚିବାରେ ବିଳମ୍ବ କରିନାହିଁ ତ ? ତା ପରେ ସେ ପ୍ରାୟ ଦୌଡ଼ିବାକୁ ଲାଗିଲା । ତାର ଏ ବୃଦ୍ଧ ବୟସରେ ସେ କେବେ ଏତେ ଜୋର୍‌ରେ ଚାଲିନଥିଲା । ଜଣାପଡ଼ୁଥିଲା ସତେ ଯେପରି ତା ପଛରେ ମୃତ୍ୟୁ ଗୋଡ଼ାଉଛି ଓ ସେ ଧାଉଁଛି । ସେତେବେଳକୁ ରାତି

Digitized by PPRACHIN, SOA

ଦୁଇଟା ହେଲାଣି । ସନ୍ଧ୍ୟାର ଅତିଥିମାନେ ଚାଲି ଯାଇଥିଲେ । କେବଳ ଆକାଶର ତାରାମାନେ ଯେପରି କାନ୍ଦିବା ପାଇଁ ବାକି ରହି ଯାଇଥିଲେ । ଅନ୍ୟ ସମସ୍ତେ କାନ୍ଦି କାନ୍ଦି କ୍ଳାନ୍ତ ହୋଇପଡ଼ିଥିଲେ । ସେମାନେ ରହି ରହି ଆକାଶକୁ ଅନାଉଥାନ୍ତି—ସକାଳ ହେଲେ ଶବକୁ ନେଇ ଗଙ୍ଗାନଦୀରେ ବିସର୍ଜନ କରିବେ ।

ଭଗତ୍ ହଠାତ୍ ଦ୍ୱାରମୁହଁରେ ପହଞ୍ଚିଯାଇ ଡାକିଲା । ଡାକ୍ତର ବାବୁ ଭାବିଲେ ବୋଧହୁଏ କେହି ରୋଗୀ ଡାକୁଛି । ଅନ୍ୟ କୌଣସି ଦିନ ହୋଇଥିଲେ ସେ ତାକୁ ଧିକ୍‌କାର କରି ତଡ଼ିଦେଇଥାନ୍ତେ; କିନ୍ତୁ ଆଜି ସେ ଡାକ ଶୁଣି ବାହାରକୁ ଚାଲିଆସିଲେ । ଦେଖିଲେ ଜଣେ ବୃଦ୍ଧ ଠିଆହୋଇଛି । ତାର ଅଣ୍ଟା ନଇଁପଡ଼ିଛି, ପାକୁଆପାଟି, ଆଖି ଭ୍ରୂଲତାର ବାଳ ମଧ୍ୟ ଧଳା ହୋଇଯାଇଛି । ଖଣ୍ଡେ ବାଡ଼ି ଉପରେ ଭରାଦେଇ ସେ ଥରିଥରି ଠିଆହୋଇଛି । ଡାକ୍ତରବାବୁ ନମ୍ର ସ୍ୱରରେ କହିଲେ—ଭାଇ, ଆଜି ଏଡ଼େ ବିପଦରେ ପଡ଼ିଛି ଯେ ମୋର ବୁଦ୍ଧି ହଜିଯାଇଛି । ତୁମେ ଆଉ ଦିନେ ଆସ । ବୋଧହୁଏ ମାସେ ପର୍ଯ୍ୟନ୍ତ ମୁଁ ଆଉ କୌଣସି ରୋଗୀ ଦେଖି ପାରିବି ନାହିଁ ।

ଭଗତ କହିଲା—ବାବୁ, ସବୁ ଶୁଣିସାରିଛି । ସେଇଥିପାଇଁ ତ ଆସିଛି । ପୁଅ କେଉଁଠି ଅଛନ୍ତି ମତେ ଟିକିଏ ଦେଖେଇଦିଅ । ଭଗବାନଙ୍କ ମାୟା ଅତି ବିଚିତ୍ର—ସେ ଚାହିଁଲେ ମଲାଲୋକ ମଧ୍ୟ ବଞ୍ଚି ଉଠିବ । କିଏ ଜାଣେ, ଏବେ ମଧ୍ୟ ସେ ଦୟା କରି-ପାରନ୍ତି ।

ଚଡ୍‌ଡା ବେଦନାଭରା ସ୍ୱରରେ କହିଲେ—ଚାଲ ଥରେ ଦେଖି ଦିଅ—କିନ୍ତୁ ତିନି ଚାରିଘଣ୍ଟା ବିତିଗଲାଣି । ଯାହା ହେବାକଥା ସବୁ ହୋଇସାରିଲାଣି । କେତେଜଣ ଆସି ଝଡ଼ା ଫୁଙ୍କା କରିଗଲେଣି ।

Digitized by PPRACHIN, SOA

ଡାକ୍ତରବାବୁଙ୍କର ସମସ୍ତ ଆଶା ମଳିନ ପଡ଼ିଯାଇଥିଲା । କେବଳ ବୁଢ଼ା ଉପରେ ଦୟା ଆସିବାରୁ ତାକୁ ଭିତରକୁ ନେଇ ଗଲେ । ଭଗତ ଗୋଟେ ମିନିଟ ବସି ସେ ମୃତ ଦେହକୁ ଦେଖିଲା । ତାପରେ ହସି ହସି କହିଲା—ଆଜ୍ଞା, ବର୍ତ୍ତମାନ ପର୍ଯ୍ୟନ୍ତ କିଛି କ୍ଷତି ହୋଇନାହିଁ । ବାସ୍, ଈଶ୍ୱରଙ୍କ କୃପା ହେଲେ ପୁଅ ଅଧଘଣ୍ଟା ମଧ୍ୟରେ ଉଠି ବସିଯିବ । ଆପଣ ବୃଥାଟାରେ ଏତେ ମନ ଖରାପ କରୁଛନ୍ତି । ଗଉଡ଼ମାନଙ୍କୁ ଯାଇ ଟିକଏ କହନ୍ତୁ କୁଣ୍ଡରେ ପାଣି ଭର୍ତ୍ତିକରିବେ ।

ଗଉଡ଼ମାନେ କୁଣ୍ଡରେ ପାଣି ଭର୍ତ୍ତି କରି କୈଳାସକୁ ଗାଧୋଇବା ଆରମ୍ଭ କଲେ । ପାଇପ୍‌ରେ ପାଣି ଆସୁନଥିଲା । ଗଉଡ଼ମାନଙ୍କ ସଂଖ୍ୟା କମ୍ ଥିବାରୁ କେତେଜଣ ଅତିଥି ମିଶି ବାହାର କୂଅରୁ ପାଣି ବୋହିଆଣି ଗଉଡ଼କୁ ଦେଲେ । ମୃଣାଳିନୀ ଗୋଟେ କଳସିରେ ପାଣି ବୋହୁଥିଲା । ଭଗତବୁଢ଼ା ଠିଆହୋଇ ହସି ହସି ମନ୍ତ୍ର ପଢ଼ୁଥିଲା—ସତେ ଯେପରି ବିଜୟ ତା ସାମନାରେ ଠିଆ ହୋଇ ରହିଛି । ଥରେ ମନ୍ତ୍ର ବୋଲା ସରିଲା ପରେ ସେ କୈଳାସକୁ ଏକ ଚେର ଶୁଂଘାଇଦିଏ । ଏହିପରି କେଜାଣି କେତେ ମାଠିଆ ପାଣି କୈଳାସର ମୁଣ୍ଡରେ ଢଳାହେଲା ଏବଂ କେତେଥର ଭଗତ ମନ୍ତ୍ର ପଢ଼ିଲା । ଶେଷରେ ଉଷାର ରକ୍ତିମ ଆଭାରେ ଚତୁର୍ଦ୍ଦିଗ ଧୀରେ ଧୀରେ ଆଲୋକିତ ହେଲା ପରି, କୈଳାସ ତାର ଲାଲ ଆଖି ଦୁଇଟି ଧୀରେ ଖୋଲିବାକୁ ଲାଗିଲା । କିଛି ସମୟ ପରେ ସେ ଉଠି ମୋଡ଼ ଭାଙ୍ଗି ହେଲା ଏବଂ ପିଇବାକୁ ପାଣି ମାଗିଲା । ଡାକ୍ତର ଚଢ଼ା ଦଉଡ଼ି ଯାଇ ଖୁସିରେ ସ୍ତ୍ରୀ ନାରାୟଣୀକୁ କୁଣ୍ଢାଇ ପକାଇଲେ । ନାରାୟଣୀ ଦଉଡ଼ିଆସି ଭଗତର ଗୋଡ଼ତଳେ ପଡ଼ିଗଲେ । ମୃଣାଳିନୀ କୈଳାସର ସାମନାକୁ

Digitized by PPRACHIN, SOA

ଆସି ଅଶ୍ରୁଭରା ନୟନରେ ପଚାରିଲା—ଏବେ କେମିତି ଲାଗୁଛି ?

କ୍ଷଣକ ମଧ୍ୟରେ ଚାରିଆଡ଼େ ଏହି ଖବର ପ୍ରଚାର ହୋଇଗଲା, ବନ୍ଧୁଗଣ ଆସି ଗଂଟୋଳିବାକୁ ଲାଗିଲେ । ଡାକ୍ତରବାବୁ ଅତ୍ୟନ୍ତ ଖୁସିହୋଇ ସହିତ ସମସ୍ତଙ୍କ ଆଗରେ ଭଗତର ପ୍ରଶଂସା କରିବୁଲିଲେ । ତେଣୁ ସମସ୍ତେ କୈଳାସର ଜୀବନଦାତା ଭଗତକୁ ଦେଖିବା ପାଇଁ ଉତ୍ସୁକ ହୋଇଉଠିଲେ । କିନ୍ତୁ ଭିତରକୁ ଯାଇ ଦେଖିଲାବେଳକୁ କେଉଁଠାରେ ହେଲେ ଭଗତର ସନ୍ଧାନ ମିଳିଲାନାହିଁ । ଚାକରଟି କହିଲା—ବର୍ତ୍ତମାନତ ଏଠାରେ ବସି ଚିଲମ ଟାଣୁଥିଲେ । ଆମେ ତମାଖୁ ଆଣି ଯାଚିଲୁରୁ ନେଲେନାହିଁ—ନିଜର ତମାଖୁ ବାହାର କରି ଚିଲମରେ ଭର୍ତ୍ତି କଲେ ।

ଏପଟେ ଚାରିଆଡ଼େ ଭଗତକୁ ଖୋଜା ହେଲାବେଳକୁ ଭଗତ ତରତର ହୋଇ ତା ଘରଆଡ଼କୁ ମାଡ଼ି ଚାଲିଥିଲା—ଯେପରି ବୁଢ଼ୀ ଉଠିବା ଆଗରୁ ସେ ଘରେ ପହଞ୍ଚିପାରିବ ।

ଯେତେବେଳେ ସବୁ ଅତିଥି ଘରୁ ଚାଲିଲେ ଡାକ୍ତରବାବୁ ନାରାୟଣୀକୁ କହିଲେ—କେଜାଣି ବୁଢ଼ାଟା କୁଆଡ଼େ ଚାଲିଗଲା ? ଗୋଟାଏ ଚିଲମ ତମାଖୁ ମଧ୍ୟ ଦାନ ଆକାରରେ ନେଲାନାହିଁ ।

ନାରାୟଣୀ କହିଲେ—ମୁଁ ଭାବିଥିଲି ତାକୁ ବହୁତ ଟଙ୍କା ପୁରସ୍କାର ଦେବି ।

ଚଡ୍ଡା—ତାକୁ ରାତିରେ ଚିହ୍ନି ପାରିଲି ନାହିଁ । କିନ୍ତୁ ଆକାଶ ସଫାହୋଇ ଆସିଲା ବେଳକୁ ସେ ଚିହ୍ନାପଡ଼ିଲା । ବହୁବର୍ଷ ତଳେ ଦିନେ ସନ୍ଧ୍ୟାବେଳେ ସେ ଗୋଟିଏ ରୋଗୀକୁ ନେଇ ଆସିଥିଲା । ମୋର ବର୍ତ୍ତମାନ ମନେପଡ଼ୁଛି—ମୁଁ ସେତେବେଳେ ଖେଳିବାକୁ ଯାଉଥିଲି ଏବଂ ରୋଗୀକୁ ଦେଖିବାକୁ ମନାକରି-ଦେଇଥିଲି । ସେହିକଥା ମନେପକାଇ ମନରେ ଆଜି ଯେତେ ଗ୍ଲାନି ଆସୁଛି ତାହା ଭାଷାରେ ପ୍ରକାଶ କରିପାରିବି ନାହିଁ । ମୁଁ

Digitized by PPRACHIN, SOA

ଯାଉଛୁ ବର୍ତ୍ତମାନ ତାକୁ ଖୋଜି ବାହାର୍ କରିବି ଏବଂ ତା ଗୋଡ଼ତଳେ ପଡ଼ି କ୍ଷମା ଭିକ୍ଷା କରିବି । ମୁଁ ଜାଣିଛି ସେ କିଛି ନେବନାହିଁ । ତାର ଜନ୍ମ କେବଳ ଯଶ ଓ ଖ୍ୟାତି ଅର୍ଜନ କରିବା ପାଇଁ । ତାର ଏହି ପରାର୍ଥପରତା ମୋ ପାଇଁ ଚିର ଆଦର୍ଶ ହୋଇ ରହିବ ।

Digitized by PPRACHIN, SOA

ଜମିଦାରଙ୍କ କୂଅ

ଜୋଖୂ ଲୋଟାଟା ମୁହଁରେ ଲଗାଇ ଦେଖିଲା ସେଥିରୁ ଏକ ଉତ୍କଟ ଗନ୍ଧ ବାହାରୁଛି । ସେ ବିରକ୍ତ ହୋଇ ଗଙ୍ଗୀକୁ କହିଲା— ଏଗୁଡ଼ା କି ପାଣି ଆଣିଛୁ ? ଏମିତି ବାସନା ବାହାରୁଛି ଯେ ପିଇ ହେଉନାହିଁ । ତଣ୍ଟି ଶୁଖିଗଲାବେଳକୁ ତୁ ଗନ୍ଧିଆ ପାଣି ଆଣି ଦେଉଛୁ ପିଇବା ପାଇଁ ?

ପ୍ରତିଦିନ ସନ୍ଧ୍ୟାରେ ଗଙ୍ଗୀ କୂଅରୁ ପାଣି ଆଣେ । କୂଅଟା ଘରଠୁ ଟିକେ ଦୂରରେ ଥିବାରୁ ବାରମ୍ବାର ଯିବାପାଇଁ ଅସୁବିଧା ହେଉଥିଲା । ପାଣି ଆଣିଲାବେଳକୁ ତ ସେଥିରୁ ବିଲ୍‌କୁଲ୍ ଗନ୍ଧ ବାହାରୁନଥିଲା—ଆଜି କଣପାଇଁ ଗନ୍ଧ ହେଲା ? ସେ ଲୋଟାଟାକୁ ମୁହଁରେ ଲଗେଇ ଦେଖିଲା ସେଥିରୁ ପ୍ରକୃତରେ ଗନ୍ଧ ବାହାରୁଛି । ଭାବିଲା—ବୋଧେ ଜନ୍ତୁଜାନ୍ତା କିଛି କୂଅରେ ପଡ଼ି ମରିଯାଇଛି । ତେବେ ବର୍ତ୍ତମାନ ପାଣି କେଉଁଠୁ ଆସିବ ?

ଜମିଦାରଘର ତାଙ୍କ କୂଅର ପାଖ ମାଡ଼ିବାକୁ ଦେବେନାହିଁ । ଦୂରରୁ ଦେଖି ତଡ଼ି ଆଣିବେ । ସାହୁକାରର କୂଅଟା ଗାଁ ସେ ମୁଣ୍ଡରେ । ସେଠୁ ମଧ୍ୟ ପାଣି ଆଣିବାକୁ ଛାଡ଼ିବେ ନାହିଁ । ଏହାଛଡ଼ା ଗାଁ ଭିତରେ ଆଉ କୂଅ ନାହିଁ ।

ଜୋଖୂ କେତେଦିନ ହେବ ବେମାର ପଡ଼ିଲାଣି । ସେ କିଛି ସମୟ ପର୍ଯ୍ୟନ୍ତ ଶୋଷକୁ ସମ୍ଭାଳି ଚୁପ୍‌ଚାପ ପଡ଼ିରହିଲା । ତାପରେ କହିଲା—ଏବେ ଆଉ ଏ କଷ୍ଟ ସହି ସହିପାରୁ ନାହିଁ । ଦେଲୁ

Digitized by PPRACHIN, SOA

ଚୋପାଏ ପାଣି—ନାକ ବନ୍ଦ କରି ପିଇଦିଏ । କିନ୍ତୁ ଗଙ୍ଗୀ ଶୁଣିଲା ନାହିଁ । ସେ ଜାଣିଥିଲା ମଇଳା ପାଣି ପିଇଲେ ରୋଗ ବଢ଼ିଯିବ । କିନ୍ତୁ ଜାଣିନଥିଲା ଯେ ପାଣିକୁ ଫୁଟାଇଦେଲେ ସେଥିରୁ ବୀଜାଣୁ ଦୂର ହୋଇଯିବ । କହିଲା—ଏ ପାଣି କେମିତି ପିଇବ ? କେଜାଣି କେଉଁ ଜନ୍ତୁ ସେ କୂଅ ଭିତରେ ପଡ଼ି ମରିଯାଇଛି ବୋଧହୁଏ ; କୂଅରୁ ଭଲ ପାଣି ଆଣି ଦେଉଛି, ରହ ।

ଜୋଖୁ ଆଶ୍ଚର୍ଯ୍ୟ ହୋଇ ପଚାରିଲା—"ଆଉ କେଉଁଠୁ ପାଣି ଆଣିବୁ ?"

ଗଙ୍ଗୀ କହିଲା—ଜମିଦାର ଓ ସାହୁକାରଙ୍କର ଦୁଇଟା ତ କୂଅ ଅଛି । ଗୋଟେ ଢାଳ ପାଣି କଣ ଦେବେ ନାହିଁ ?

"କେବଳ ହାତ-ଗୋଡ଼ ଭାଙ୍ଗିବା ସାର ହେବ, ଆଉ କିଛି ମିଳିବନି । ଚୁପ୍‌ଚାପ୍ ଘରେ ବସ । ବ୍ରାହ୍ମଣ ଆଶୀର୍ବାଦ ଦେବେ, ଜମିଦାର ଠେଙ୍ଗାରେ ଜବାବ ଦେବେ । ସାହୁକାର ଟଙ୍କାକୁ ପାଞ୍ଚଟଙ୍କା ହିସାବ କରି ନେବେ । ଏ ଗରିବଙ୍କ ଦୁଃଖ ବୁଝେ କିଏ ? ମରି ସଢ଼ିଗଲେ ମଧ୍ୟ ଆଡ଼ଆଖିରେ ଟିକିଏ ଦେଖିଯିବେ ନାହିଁ—ମଲା ମଢ଼କୁ କାନ୍ଧେଇବା ତ ଦୂରର କଥା । ଏମିତି ଲୋକ ତାଙ୍କ କୂଅରୁ ପାଣି ଆଣିବା ପାଇଁ ଛାଡ଼ିବେ !

ଜୋଖୁର ଏହି କଥାଗୁଡ଼ିକ କିନ୍ତୁ ନିଛକ ସତ୍ୟଥିଲା । ଗଙ୍ଗୀ ଆଉ କଣ ବା ଉତ୍ତର ଦେଇଥାନ୍ତା—ତାକୁ କିନ୍ତୁ ସେହି ଦୁର୍ଗନ୍ଧ ପାଣି ପିଇବାକୁ ଦେଲାନାହିଁ ।

(୨)

ସେତେବେଳକୁ ରାତି ନଅଟା ବାଜିଥାଏ । ଆଖପାଖର ମୂଲିଆମାନେ ହାଲିଆ ମାରି ଶୋଇ ପଡ଼ିଥିଲେ । କିନ୍ତୁ ଆଉ ଦଶ-ପାଞ୍ଚଜଣ ବେପରୁଆ ହୋଇ ଜମିଦାର ଦୁଆରେ ଠିଆ-

Digitized by PPRACHIN, SOA

ହୋଇଥାନ୍ତ । ଜମିଦାରୀ ନେଇ ବାହାଦୁରୀ ଦେଖାଇବା ଯୁଗ ତ ଗଲ—ସେପରି ସୁଯୋଗ ମଧ୍ୟ ଆଉ ନାହିଁ । ତଥାପି ଆଇନ-କାନୁନ ସଂମ୍ପର୍କୀୟ ବାହାଦୁରୀର ଆଲୋଚନା ଚାଲିଥିଲା—କପରି ଜମିଦାର ଅତି ଚତୁରତା ସହ ପୋଲିସକୁ ଲାଞ୍ଚ ଦେଇ ଏକ ନିର୍ଣ୍ଣିତ ମକଦ୍ଦମାରୁ ରକ୍ଷା ପାଇଗଲେ । ଅତି ଚତୁରତାର ସହ ମକଦ୍ଦମା ସମ୍ବନ୍ଧୀୟ କାଗଜପତ୍ର ସବୁ ନେଇଆସିଥିଲେ । ପେସ୍କାର ଆଉ ଗୁମାସ୍ତା ସମସ୍ତେ କହୁଥିଲେ ଯେ ନକଲ ମିଳିବନି । କିଏ ପଚାଶ ମାଗିଲଣି ତ ପୁଣି କିଏ ଶହେ ମାଗିଲଣି । ସେ କିନ୍ତୁ ବିନା ଖର୍ଚ୍ଚରେ କାଗଜପତ୍ର ସବୁ ଲୁଚେଇ ନେଇ ଆସିଥିଲେ । ଏସବୁ କାମ କରିବାର ରାସ୍ତା ଅଲଗା ।

ଏହି ସମୟରେ ଗଙ୍ଗୀ କୂଅରୁ ପାଣି ଆଣିବା ପାଇଁ ସେଠାରେ ଯାଇ ପହଞ୍ଚିଲା । କିରସିନି ବତିର ଫିକା ଆଲୁଅ କୂଅ ପର୍ଯ୍ୟନ୍ତ ପଡ଼ୁଥିଲା । ଗଙ୍ଗୀ ବୃକ୍ଷମୂଳ ଆଡ଼ ଆଳରେ ବସି ସୁଯୋଗ ଅପେକ୍ଷାରେ ରହିଲା । ଏହି କୂଅର ପାଣି ସାରା ଗାଁର ଲୋକେ ପିଉଛନ୍ତି । କେବଳ ତାଙ୍କପରି କେତେକ ହତଭାଗାଙ୍କ ପାଇଁ ସବୁ ବାରଣ ଅଛି । ଗଙ୍ଗୀର ମନ ପ୍ରଚଳିତ ସାମାଜିକ ପ୍ରଥା ବିରୁଦ୍ଧରେ ବିଦ୍ରୋହ କରି ଉଠିଲା ଏବଂ ସେ ନିଜକୁ ଖୁବ୍ ଅସହାୟ ମନେକଲା । ସେ ଭାବିଲା —ଆମେ କାହିଁକି ଜାତିରେ ଶ୍ରେଷ୍ଠ କିନ୍ତୁ ସେମାନେ କାହିଁକି ଉଚ୍ଚ ଜାତି ବୋଲାଉଛନ୍ତି ? ବେକରେ ଖଣ୍ଡେ ସୂତା ପକାଇଦେଲେ ଏମାନଙ୍କର ଉଚ୍ଚ-ଜାତି ହୋଇଯାଉଛି । ଏଠାରେ ଯେତେଜଣ ଅଛନ୍ତି ସମସ୍ତେ ଏକରୁ ଆରେକ ବଳି ଗୋଟେ ଗୋଟେ ବଦମାସ୍ । ଏମାନେ ଚୋରି କରନ୍ତି, ଜାଲ୍ ଜୁଆଚୋରି ଓ ମିଛ ମକଦ୍ଦମା ମଧ୍ୟ କରନ୍ତି । ସେଦିନ କମିଦାର ସେ ମେଣ୍ଢାଜଗୁଆଳୀର ଗୋଟେ ମେଣ୍ଢା ଚୋରେଇ ଆଣିଲା—ପରେ ମାରି ଖାଇଦେଲା । ପଣ୍ଡିତଙ୍କ

Digitized by PPRACHIN, SOA

ଘରେ ବାରମାସଯାକ ଜୁଆଖେଳ ହୁଏ । ସେ ସାହୁକାର ପୁଣି ଘିଅରେ ତେଲ ମିଶେଇ ବିକୁଛି । କାମ ଆଗତୁରା ଆଦାୟ କରିବେ—କିନ୍ତୁ ମଜୁରି ଦେଲାବେଳକୁ ଏତେ କୁଣ୍ଠିତ କାହିଁକି ? କେଉଁଥି-ପାଇଁ ଏମାନେ ନିଜକୁ ଆମଠାରୁ ଶ୍ରେଷ୍ଠ ବୋଲି ଭାବନ୍ତି ? ହଁ, ନାଁକୁ ଖାଲି ଆମଠାରୁ ବଡ଼ । ଆମେ ତାଙ୍କଭଳି ଗଳା ଗଳା କହି ବୁଲୁ-ନାହୁଁ ଆମର ବଡ଼ଜାତି । କେବେ ଯଦି ଗାଁ ଭିତରକୁ ଚାଲିଯାଏ ସମସ୍ତେ ଏପରି ଲୋଭଭରା ଚାହାଣୀରେ ଅନାଇବେ—କିନ୍ତୁ ଏଣେ ଗର୍ବ କରିବେ କିଏ ନା ଆମର ଉଚ୍ଚଜାତି ।

କୂଅ ଆଡ଼କୁ କାହାର ଆସିବା ପାଦଶବ୍ଦ ଶୁଭିଲା । ଗଙ୍ଗୀର ଛାତି ଧକ୍ ଧକ୍ ହେବାକୁ ଲାଗିଲା । କିଏ ଦେଖିଦେଲେ ଅଡ୍ଡୁଆରେ ପଡ଼ିଯିବ । ଗୋଟେ ବି ମାଡ଼ ତଳେ ପଡ଼ିବନି । ସେ ଦଉଡ଼ି ଉଠାଇଲା ଓ ନଇଁ ନଇଁ ଯାଇ ଗୋଟେ ଗଛର ଛାଇ ଆଡ଼ୁଆଳରେ ଠିଆହେଲା । ଏମାନେ କେବେ କଣ କାହା ଉପରେ ଦୟା କରିବେ ? ବିଚରା ମହାଙ୍ଗୁକୁ ଏମିତି ମାରିଥିଲେ ଯେ ମାସେ ଯାଏ ସେ ରକ୍ତବାନ୍ତି କରୁଥିଲା—କାରଣ କଣ ନାଁ ସେ ବିନା ମଜୁରିରେ କାମ କରିବାକୁ ରାଜି ହେଲାନି । ଏହା ପରେ ମଧ୍ୟ ଏମାନେ ନିଜର ବଡ଼ପଣିଆ ଦେଖାଉଛନ୍ତି ।

ଦୁଇଜଣ ସ୍ତ୍ରୀ ଲୋକ କୂଅରୁ ପାଣିନେବା ପାଇଁ ଆସିଥିଲେ । ସେମାନେ କଥା ହେଉଥିଲେ—

"ଖାଇବା ପାଇଁ ବାହାରିଲାବେଳକୁ ହୁକୁମ ହେଉଛି ସଜପାଣି ଆଣିବାପାଇଁ । ମାଠିଆଟେ ଆଣିଲାବେଳକୁ ପଇସା ସରିଯାଉଛି ।"

"ଆମେ ଟିକିଏ ବିଶ୍ରାମ ନେଲେ ଏ ପୁରୁଷଗୁଡ଼ାକ ସହି ପାରୁନାହାଁନ୍ତି; ନିଜେ ମାଠିଆଟେ ପାଣି ଆଣି ପାରିବେ ନାହିଁ, ଖାଲି ହୁକୁମ ଦେଇ ଜାଣିଛନ୍ତି—କଣ ନା ସଜପାଣି ନେଇଆସ । ଯିତେ ଯେପରି ଆମେ ତାଙ୍କର ଦାସୀ ?"

Digitized by PPRACHIN, SOA

"କଲେ, ଦାସୀ ନୁହେଁ ତ ଆଉ କଣ ? ପେଟକୁ ଗଣ୍ଡେ ଦାନା ଓ ପିନ୍ଧିବାକୁ ଖଣ୍ଡେ କନାଠାରୁ ଅଧିକା ବା କଣ ପାଉଛେ ? ପାଞ୍ଚ-ଦଶଟଙ୍କା ଜୋର ଜବରଦସ୍ତି କରି ଯାହା ପାଇଯାଉଛେ । ତେବେ ଦାସୀ କଣ ଏହାଠାରୁ ଭିନ୍ନ ?"

"ମତେ ଆଉ ରଗାଅନା, ଭଉଣୀ ! ଟିକଏ ବିଶ୍ରାମ ପାଇଁ ମୁଁ ବ୍ୟାକୁଳ । ଏତକ କାମ ଆଉ କାହା ଘରେ କରୁଥିଲେ କେତେ ଆରାମରେ ରହୁଥାନ୍ତି । ସେମାନେ ମଧ କୃତାର୍ଥ ହୋଇ-ଥାନ୍ତେ । ଏଠାରେ କାମ କରି କରି ମରିଗଲେ ମଧ 'ଆହା' ପଦେ କହିବାକୁ କେହି ନାହାଁନ୍ତି ।"

ଏହିପରି କଥାବାର୍ତ୍ତା ହୋଇ ହୋଇ ଦୁଇଜଣଯାକ ପାଣି ଭର୍ତ୍ତିକରି ଗଲେ ପରେ ଗଙ୍ଗୀ ଗଛର ଗୁଳିରୁ ବାହାରିଲା ଓ କୂଅ ପାଖକୁ ଆସିଲା । ବାକି ଲୋକମାନେ ସେତେବେଳକୁ ଶୋଇ-ଯାଇଥିଲେ । ଜମିଦାର ମଧ କବାଟ ବନ୍ଦ କରି ଭିତର ଅଗଣାରେ ଶୋଇବାକୁ ଯାଉଥିଲେ । ଗଙ୍ଗୀ ଖୁସିରେ ନିଶ୍ୱାସ ମାରିଲା । ଯାହାହେଉ କୌଣସି ଉପାୟରେ ସେ ଜାଗାଟା ଫାଙ୍କା ହେଲା । ଅଜ୍ଞାତରେ ଯେଉଁ ରାଜକୁମାର ଅମୃତ ଚୋରାଇବା ପାଇଁ ଯାଇଥିଲା ସେ ମଧ ଏତେ ସତର୍କତା ଅବଲମ୍ବନ କରିନଥିବ । ଗଙ୍ଗୀ ପାଦ ଚିପିଚିପି କୂଅର ଗୁନ୍ଦନା ଉପରେ ଚଢ଼ିଲା । ବିଜୟର ଏଭଳି ଆନନ୍ଦ ସେ ପୂର୍ବରୁ କେବେ ଅନୁଭବ କରିନଥିଲା ।

ସେ ଦଉଡ଼ିର ଫାସଟା ମାଠିଆରେ ଗଳେଇଲା । ଚାରିଆଡ଼କୁ ଏକ ସତର୍କ ଦୃଷ୍ଟି ବୁଲାଇ ଆଣିଲା—ଯେପରି ଜଣେ ସିପାହୀ ରାତିରେ ଶତ୍ରୁ ଦୁର୍ଗରେ କାଟୁ ସୁରଙ୍ଗ ଖୋଳୁଛି । ଯଦି ଏହି ସମୟରେ ସେ ଧରାପଡ଼ିଗଲା ତେବେ ତା ପାଇଁ କ୍ଷମାର ଆଶା କ୍ଷୀଣ । ଶେଷରେ ସମସ୍ତ ଦେବଦେବୀଙ୍କୁ ସ୍ମରଣ କରି ନିଜର ହୃଦୟକୁ ଦୃଢ଼ କଲା ଓ ମାଠିଆକୁ କୂଅରେ ପକାଇଲା ।

Digitized by PPRACHIN, SOA

ମାଠିଆଟା କୂଅରେ ପଡ଼ି ବହୁତ ଧୀର ଶବ୍ଦ କରି ଉବୁଟୁବୁ ହେଲା । ଗଙ୍ଗୀ ଦୁଇ ଗୃରିଥର ଜଲ୍ଦି ଜଲ୍ଦି ଉପରକୁ ଦଉଡ଼ି ଭିଡ଼ି ଆଣିଲା । ମାଠିଆଟା କୂଅ ମୁହଁ ପର୍ଯ୍ୟନ୍ତ ଗୃଲିଆସିଥିଲା । କୌଣସି ବଡ଼ ପହ୍ଲିମାନ ମଧ୍ୟ ଏତେ ଶୀଘ୍ର ଦଉଡ଼ି ଟାଣି ପାରିନଥାନ୍ତା । ଗଙ୍ଗୀ ଯେମିତି ମାଠିଆଟାକୁ କୂଅ ମଙ୍ଗ ଉପରକୁ ଟେକିବା ପାଇଁ ନଇଁଛି ହଠାତ୍ ଜମିଦାରଙ୍କ ଘରର କବାଟଟା ଖୋଲିଗଲା ଓ ତାଙ୍କ ମୁହଁ ଦୃଷ୍ଟିରେ ପଡ଼ିଲା । କୌଣସି ହିଂସ୍ରଜନ୍ତୁଙ୍କର ମୁହଁ ମଧ୍ୟ ଏତେ ଭୟଙ୍କର ଦେଖାଯାଉନଥିବ । ଗଙ୍ଗୀ ହାତରୁ ଦଉଡ଼ିଟି ଖସିଗଲା ଓ ଦଉଡ଼ି ସହ ମାଠିଆ ଧଡ଼ାସ୍ କରି ପାଣିରେ ପଡ଼ିଲା । କେତେ ସମୟ ଧରି ପାଣିରେ ତରଙ୍ଗାୟିତ ଶବ୍ଦ ପ୍ରତିଧ୍ୱନିତ ହେଲା । "କିଏସେ" "କିଏସେ" ପାଟିକରି ଜମିଦାର କୂଅଆଡ଼କୁ ଆସୁଥିଲେ; ଆଉ ଗଙ୍ଗୀ ସେତେବେଳକୁ ଗୃନ୍ଦନୀ ଉପରୁ ଡେଇଁ ଦଉଡ଼ିପଳାଉଥିଲା ।

ଗଙ୍ଗୀ ଘରେ ପହଞ୍ଚି ଦେଖିଲା ଜୋଖୁ ମୁହଁରେ ଢାଳ ଲଗାଇ ସେହି ଦୁର୍ଗନ୍ଧ ପାଣି ବିକଳ ହୋଇ ପିଇଯାଉଛି ।

Digitized by PPRACHIN, SOA

ରାଣୀ ସାରନ୍ଧା

ଶୂନ୍‌ଶାନ୍ ଅନ୍ଧାର ରାତିରେ ଧସାନ ନଦୀର ତରଙ୍ଗ ଯେଉଁ କଳକଳ ନିନାଦ ସୃଷ୍ଟି କରୁଥିଲା ତାହା ଖୁବ୍ ମଧୁର ଲାଗୁଥିଲା । ନଦୀର ଦକ୍ଷିଣ କୂଳରେ ଗୋଟିଏ ଶ୍ରେଷ୍ଠ ପାହାଡ଼ । ତା ଉପରେ ଥିବା ଏକ ପୁରୁଣା ଦୁର୍ଗକୁ ନାନାଜାତିର ଜଙ୍ଗଲି ବୃକ୍ଷ ଘେରି ରହିଛି । ସେହି ପାହାଡ଼ର ପୂର୍ବରେ ଗୋଟିଏ ଶ୍ରେଷ୍ଠ ଗାଁ ଅଛି । ଏହି ଶ୍ରେଷ୍ଠ ଦୁର୍ଗ ଏବଂ ଗାଁଟି ଜଣେ ବୁନ୍ଦେଲ ସରଦାର୍‌ଙ୍କ କୀର୍ତ୍ତିର ଚିହ୍ନ ।

ଶତାବ୍ଦୀ ପରେ ଶତାବ୍ଦୀ ବିତିଗଲା । ବୁନ୍ଦେଲଖଣ୍ଡରେ କେତେ ରାଜାଙ୍କ ରାଜତ୍ୱର ଉତ୍‌ଥାନ ଏବଂ ପତନ ହେଲା । ମୁସଲମାନ-ମାନେ ଶାସନ କରିଗଲେ । ବୁନ୍ଦେଲ ରାଜାଙ୍କର ମଧ୍ୟ ଉତ୍‌ଥାନ ଓ ପତନ ହେଲା । କୌଣସି ଗ୍ରାମ ଏବଂ ଅଞ୍ଚଳ ଏହି ଦୁଃସ୍ଥ ଅବସ୍ଥାରୁ ବର୍ତ୍ତିଯାଇ ନଥିଲେ; କିନ୍ତୁ ଏହି ଦୁର୍ଗ ଉପରେ କେବେ କୌଣସି ଶତ୍ରୁର ବିଜୟ-ପତାକା ଉଡ଼ିନଥିଲା କିମ୍ବା ଏହି ଗାଁରେ କେବେ କୌଣସି ବିଦ୍ରୋହର ମଧ୍ୟ ସୂଚନା ମିଳିନଥିଲା । ଏହା ପ୍ରକୃତରେ ଏକ ସୌଭାଗ୍ୟର କଥା ଥିଲା ।

ଅନିରୁଦ୍ଧ ସିଂହ ଜଣେ ବୀର ରାଜପୁତ ଥିଲେ । ସେହି ଯୁଗରେ ପ୍ରତ୍ୟେକ ମଣିଷ ନିଜର ବାହୁ-ବଳ ଏବଂ ପରାକ୍ରମ ଉପରେ ହିଁ ନିର୍ଭର କରୁଥିଲେ । ଏକପଟେ ମୁସଲମାନ ସୈନ୍ୟମାନେ ତାଙ୍କର ଆସ୍ଥାନ ସୁଦୃଢ଼ କରି ବସିଥିବାବେଳେ ଅନ୍ୟ ଦିଗରେ ବଳବାନ୍ ରାଜା ତାର ନିରୀହ ପ୍ରଜାମାନଙ୍କର ଚଣ୍ଡି ଚିପିବା ପାଇଁ ତତ୍ପର ହୋଇଉଠୁଥିଲେ ।

Digitized by PPRACHIN, SOA

ଅନିରୁଦ୍ଧ ସିଂହଙ୍କର ଘୋଡ଼ାସବାର ଏବଂ ପଦାତିକବାହିନୀରେ ଗୋଟେ ଶ୍ରେଷ୍ଠ କିନ୍ତୁ ଅତି ପରାକ୍ରମୀ ଦଳ ଥିଲା । ଏହାଦ୍ୱାରା ସେ ନିଜର ଓ ନିଜ ବଂଶର ସମ୍ମାନ ରକ୍ଷା କରୁଥିଲେ । ତଥାପି ଟିକିଏ ଶାନ୍ତିରେ ବସିବା ତାଙ୍କ ଭାଗ୍ୟକୁ ଜୁଟୁନଥିଲା । ତିନିବର୍ଷ ପୂର୍ବରୁ ତାଙ୍କର ବାହାଘର ଶୀତଳା ଦେବୀଙ୍କ ସାଙ୍ଗରେ ହୋଇଥିଲା । ଅନିରୁଦ୍ଧ ପାହାଡ଼ ପର୍ବତରେ ଧନଯାକ ବିହାର କରୁଥିଲେ—ମାତ୍ର ବିଳାସପୂର୍ଣ୍ଣ ରାତ୍ରି ଯାପନ କରୁଥିଲେ । କିନ୍ତୁ ସ୍ତ୍ରୀ ଶୀତଳାଙ୍କର ସମସ୍ତ ସ୍ୱାମୀଙ୍କର ଶୁଭ ମନାସିବାରେ କଟୁଥିଲା । ସେ କେତେଥର ପତିଙ୍କ ପାଦତଳେ ପଡ଼ି ତାଙ୍କଠାରୁ ଦୂରକୁ ନଯିବା ପାଇଁ ଓ ତାଙ୍କୁ ହରଦ୍ୱାର ନେଇ ଯିବାପାଇଁ ଅନୁରୋଧ କରିଥିଲେ ।" ସେ କହୁଥିଲେ "ତୁମ ବିରହ ଯନ୍ତ୍ରଣା ସହିବା ଅପେକ୍ଷା ମୁଁ ତୁମ ସାଙ୍ଗରେ ବନବାସ ଯିବାକୁ ଶ୍ରେୟସ୍କର ମନେକରେ ।" ସେ ସ୍ନେହରେ କହି ବୁଝାଇଲେ, ଜିଦ୍‌କଲେ, ବିନତି କଲେ; କିନ୍ତୁ ଅନିରୁଦ୍ଧଙ୍କ ଶରୀରରେ ବୁନ୍ଦେଲ ବଂଶର ରକ୍ତ ପ୍ରବାହିତ ହେଉଥିଲା । ଫଳରେ ଶୀତଳାଙ୍କର କୌଣସି ଉପାୟ ତାଙ୍କ ସ୍ୱାମୀଙ୍କୁ ବଦଳାଇ ପାରିଲା ନାହିଁ ।

(୨)

ଅନ୍ଧାର ରାତି । କେବଳ ଆକାଶରେ ମିଟିମିଟି ହେଉଥିବା ତାରାମାନଙ୍କୁ ଛାଡ଼ି ସମସ୍ତ ଦୁନିଆ ନିଦ୍ରାରେ ଅଚେତନ । ଶୀତଳା ଦେବୀ ପଲଙ୍କ ଉପରେ ପଡ଼ି ମନୋବେଦନାରେ ଛଟପଟ ହେଉଥିଲେ ଏବଂ ତାଙ୍କ ନଣନ୍ଦ ସାରନ୍ଧା ଘରର ଚଟାଣରେ ବସି ମଧୁର ସ୍ୱରରେ ଏକ ଗୀତ ଗାଉଥିଲେ ।

ଶୀତଳା କହିଲେ—ଭଉଣୀ, ମତେ ଆଉ ଜଳାଅ ନାହିଁ । ତୁମକୁ ମଧ କଣ ନିଦ ଲାଗୁନି ?

Digitized by PPRACHIN, SOA

ସାରନ୍ଧା—ତୁମକୁ ମୁଁ ନାନାବାଦ୍ୟ ଗୀତ ଶୁଣାଉଥିଲି ।

ଶୀତଳା – ମୋ ଆଖିରୁ ନିଦ୍ରା କେଉଁଆଡ଼େ ଚାଲିଯାଇଛି ।

ସାରନ୍ଧା—କାହାର ସନ୍ଧାନରେ ଯାଇଥିବ ନିଶ୍ଚୟ ।

ଏହି ସମୟରେ ଦ୍ୱାର ଖୋଲିଲା ଏବଂ ଜଣେ ହୃଷ୍ଟପୁଷ୍ଟ ରୂପବାନ୍ ପୁରୁଷ ଘର ଭିତରକୁ ପ୍ରବେଶ କଲେ । ସେ ହେଉଛନ୍ତି ଅନିରୁଦ୍ଧ । ତାଙ୍କର ସମସ୍ତ ପରିଧାନ ଓଦା ହୋଇଯାଇଥିଲା ଏବଂ ପାଖରେ କୌଣସି ହତିଆର ନଥିଲା । ଶୀତଳା ସ୍ୱାମୀଙ୍କୁ ଦେଖି ଖଟ ଉପରୁ ଓହ୍ଲାଇପଡ଼ିଲେ ।

ସାରନ୍ଧା ପଚାରିଲେ—ଭାଇ, ତୁମର ଲୁଗା କପଡ଼ା ଓଦା ହେଲା ?

ଅନିରୁଦ୍ଧ—ନଦୀ ପହଁରି କରି ଆସିଛି ।

ସାରନ୍ଧା—ଅଶ୍ୱ କୁଆଡ଼େ ଗଲା ?

ଅନିରୁଦ୍ଧ—ଛଡ଼େଇନେଇଗଲେ ।

ସାରନ୍ଧା—ତୁମ ସାଙ୍ଗରେ ଯେଉଁ ଲୋକ ଥିଲେ ?

ଅନିରୁଦ୍ଧ—ସମସ୍ତେ ବୀରଭାବରେ ମୃତ୍ୟୁ ବରଣ କଲେ ।

ଶୀତଳା ଧୀର ସ୍ୱରରେ ଜବାବ ଦେଲେ—ଈଶ୍ୱର ସାହା ହେଲେ ବୋଲି ।

କିନ୍ତୁ ସାରନ୍ଧାଙ୍କର କପାଳ କୁଞ୍ଚିତ ହୋଇ ଉଠିଲା ଏବଂ ମୁଖମଣ୍ଡଳ ଗର୍ବରେ ସତେଜ ହୋଇଗଲା । ସେ କହିଲେ—ଭାଇ, ତୁମେ କୁଳ-ମର୍ଯ୍ୟାଦାର ଅପମାନ କଲ । ଆଗରୁ କେବେ ହେଲେ ଏପରି ଘଟଣା ଘଟିନଥିଲା ।

ସାରନ୍ଧା ତାଙ୍କ ଭାଇପାଇଁ ଜୀବନ ଦେବାକୁ ମଧ୍ୟ ପ୍ରସ୍ତୁତ ଥିଲେ । ତାଙ୍କ ମୁହଁରୁ ଏପରି ଧିକ୍‌କାର ଶୁଣି ଅନିରୁଦ୍ଧ ଲଜ୍ଜା ଓ ଦୁଃଖରେ ବିଚଳିତ ହୋଇପଡ଼ିଲେ । ସେହି ବୀରତ୍ୱର ଅଗ୍ନି ଯାହା ପାଇଁ ପ୍ରେମର ବଶୀଭୂତ ହୋଇଯାଇଥିଲା ପୁଣି ପ୍ରଜ୍ୱଳିତ ହୋଇ

Digitized by PPRACHIN, SOA

ଉଠିଲା । କ୍ଷେସ ସଙ୍ଗେ ସଙ୍ଗେ ସେଠାରୁ ବାହାରିଗଲେ ଏବଂ କହିଗଲେ, "ସାରନ୍ଧା, ତୁମେ ସବୁଦିନ ପାଇଁ ମତେ ସଚେତନ କରାଇଦେଲ । ଏକଥା ମୁଁ କେବେହେଲେ ଭୁଲିପାରିବି ନାହିଁ ।"

ରାତି ସେହିପରି ଅନ୍ଧକାରମୟ ଥିଲା । ଆକାଶରେ ତାରାମାନଙ୍କର ଜ୍ୟୋତି ମଧ୍ୟ କ୍ଷୀଣ ହୋଇଆସିଥିଲା । ଅନିରୁଦ୍ଧ କକ୍ଷାରୁ ବାହାରିଗଲେ । ଅବିଳମ୍ବେ ସେ ନଦୀ ଆରପଟେ ଯାଇ ପହଞ୍ଚିଲେ ଏବଂ ପୁଣି ଅନ୍ଧକାରରେ ବିଲୀନ ହୋଇଗଲେ । ଶୀତଳା ସ୍ୱାମୀଙ୍କ ପଛେ ପଛେ କକ୍ଷାର ପାଚେରୀ ପର୍ଯ୍ୟନ୍ତ ଆସିଲେ । ଯେତେବେଳେ ଅନିରୁଦ୍ଧ ପାଚେରୀ ଡେଇଁ ବାହାରକୁ ପଳାଇଲେ ବିରହିଣୀ ଶୀତଳା ସେହିଠାରେ ବସିପଡ଼ି କାନ୍ଦିବାକୁ ଲାଗିଲେ ।

ଏହି ସମୟରେ ସାରନ୍ଧା ମଧ୍ୟ ସେଠାରେ ଆସି ପହଞ୍ଚିଲେ । ଶୀତଳା ନାଗୁଣୀ ପରି ଗର୍ଜି ଉଠି କହିଲେ—ତୁମ ପାଇଁ କୁଳ ମର୍ଯ୍ୟାଦାଟା ଏତେ ବଡ଼ ହୋଇଗଲା ?

ସାରନ୍ଧା—ହଁ ।

ଶୀତଳା—ନିଜର ପତି ହୋଇଥିଲେ ହୃଦୟରେ ଲୁଚାଇ ରଖିଥାନ୍ତ ।

ସାରନ୍ଧା—ନାହିଁ, ଗୁଣ୍ଡରେ ଛୁରୀ ଭୁଷି ଦେଇଥାନ୍ତି ।

ଶୀତଳା ରୁକ୍ଷ ସ୍ୱରରେ କହିଲେ—କାନରେ ଲୁଚେଇ ବୁଲିବ—ମୋ କଥାକୁ ଗଣ୍ଠିରେ ବାନ୍ଧି ରଖିଥାଅ ।

ସାରନ୍ଧା—ଯଦି କେବେ ସେପରି ହୁଏ, ତେବେ ମୁଁ ମଧ୍ୟ ମୋର କହିଥିବା କଥା କାର୍ଯ୍ୟରେ ଦେଖାଇଦେବି ।

ଏହି ଘଟଣା ଘଟିବାର ତିନିମାସ ପରେ ଅନିରୁଦ୍ଧ ମହରୌନିକୁ ପରାସ୍ତ କରି ଫେରିଲେ ଏବଂ ବର୍ଷେ ପରେ ସାରନ୍ଧାଙ୍କ ବିବାହ ଓରଚ୍ଛାର ରାଜା ଚମ୍ପତରାୟଙ୍କ ସହିତ ହୋଇଗଲା । କିନ୍ତୁ ସେହି

Digitized by PPRACHIN, SOA

ଭିତରେ କଥାବାର୍ତ୍ତା ଦୁଇଜଣ ମହିଳାଙ୍କ ହୃଦୟରେ କଣ୍ଟାପରି ଅଟକି ରହିଥାଏ ।

(୩)

ରାଜା ଚମ୍ପତରାୟ ଜଣେ ପ୍ରତିଭାଶାଳୀ ପୁରୁଷ ଥିଲେ । ସମଗ୍ର ବୁନ୍ଦେଲ ଜାତି ତାଙ୍କ ଆଦେଶକୁ ସମ୍ମାନ କରୁଥିଲା ଏବଂ ତାଙ୍କ ପାଇଁ ପ୍ରାଣବଳି ଦେବାପାଇଁ ପ୍ରସ୍ତୁତ ଥିଲା । ସେ ରାଜଗାଦିରେ ବସିବା ଦିନରୁ ମୋଗଲ ବାଦଶାହମାନଙ୍କୁ କର ଦେବା ବନ୍ଦ କରିଦେଲେ ଏବଂ ନିଜ ବାହୁବଳରେ ରାଜ୍ୟ ବିସ୍ତାର କରିବାକୁ ଲାଗିଲେ । ମୁସଲମାନ ସେନା ତାଙ୍କ ଉପରେ ବାରମ୍ବାର ଆକ୍ରମଣ କରିଥିଲେ ମଧ୍ୟ ଶେଷରେ ପରାସ୍ତ ହୋଇ ଫେରିଯାଇଥିଲେ ।

ଏହି ସମୟରେ ଅନିରୁଦ୍ଧ ସାରନ୍ଧାଙ୍କର ବିବାହ ଚମ୍ପତରାୟଙ୍କ ସଙ୍ଗରେ କରିଦେଇଥିଲେ । ସାରନ୍ଧାଙ୍କର ସମସ୍ତ ମନସ୍କାମନା ପୂରଣ ହୋଇଥିଲା । ତାଙ୍କର ଯେଉଁ ଅଭିଳାଷ ଥିଲା ଯେ ତାଙ୍କ ପତି ବୁନ୍ଦେଲ ଜାତିର କୁଳ-ତିଳକ ହୁଅନ୍ତୁ ତାହା ପୂରଣ ହୋଇଥିଲା । ଚମ୍ପତରାୟଙ୍କର ଅନ୍ତଃପୁରରେ ପାଞ୍ଚଜଣ ରାଣୀ ଥିଲେ ମଧ୍ୟ ସେ ଖୁବ୍ ଶୀଘ୍ର ହୃଦୟଙ୍ଗମ କରିପାରିଲେ ଯେ ରାଣୀ ସାରନ୍ଧା ହିଁ ପ୍ରକୃତରେ ତାଙ୍କୁ ହୃଦୟର ସହିତ ପୂଜା କରୁଛନ୍ତି ।

କିନ୍ତୁ କାଳକ୍ରମେ ଏପରି କେତେକ ଘଟଣା ଘଟିଲା ଯାହାଦ୍ୱାରା ଚମ୍ପତରାୟ ମୋଗଲ ବାଦଶାହଙ୍କର ଆଶ୍ରୟ ନେବାକୁ ବାଧ୍ୟ ହେଲେ । ସେ ନିଜ ରାଜ୍ୟକୁ ଭାଇ ପାହାଡ଼ସିଂହଙ୍କ ହାତରେ ସମର୍ପଣ କରି ଦିଲ୍ଲୀ ଚାଲିଗଲେ । ସେତେବେଳକୁ ଶାଜାହାନଙ୍କ ଶାସନ କାଳ ପୂରିଆସୁଥିଲା । ଶାହାଜାଦା ଦାରାଶିକୋହ ରାଜ-କାର୍ଯ୍ୟ ସମ୍ଭାଳୁଥିଲେ । ଯୁବରାଜଙ୍କର ଅତ୍ୟନ୍ତ ଉତ୍ତମ ସ୍ୱଭାବ ଓ ଉଦାର ହୃଦୟ ଥିଲା । ସେ ଚମ୍ପତରାୟଙ୍କର ବୀରତ୍ୱ ବିଷୟରେ

Digitized by PPRACHIN, SOA

ଶୁଣିଥିଲେ । ତେଣୁ ସେ ତାଙ୍କୁ ବହୁତ ଆଦର-ଅଭ୍ୟର୍ଥନା କଲେ ଏବଂ ମୂଲ୍ୟବାନ୍ କାଲ୍‌ପୀ ଅଞ୍ଚଳ ତାଙ୍କୁ ଜାଗୀର ଭାବେ ପ୍ରଦାନ କଲେ ଯାହାର ବାର୍ଷିକ ଆମଦାନୀ ନଅଲକ୍ଷ ଟଙ୍କା ଥିଲା । ଚମ୍ପତରାୟଙ୍କୁ ପ୍ରଥମଥର ପାଇଁ ନିତିଦିନିଆ ଲଢ଼େଇ ଓ ଝଗଡ଼ାରୁ ମୁକ୍ତି ମିଳିଲା । ତା ସହିତ ଆମୋଦ-ପ୍ରମୋଦ କରିବା ପାଇଁ ମଧ୍ୟ ସମୟ ମିଳିଲା । ରାଜା ଏଣିକି ବିଳାସବ୍ୟସନରେ ବୁଡ଼ିରହିଲେ । ରାଣୀମାନେ ମୂଲ୍ୟବାନ୍ ଗହଣା ଉପହାର ପାଇ ମୁଗ୍ଧ ହୋଇ-ଗଲେ । କିନ୍ତୁ ରାଣୀ ସାରନ୍ଧା ଏହି ଦିନଗୁଡ଼ିକରେ ଅତ୍ୟନ୍ତ ଉଦାସ ଓ ସଙ୍କୁଚିତ ହୋଇ ରହିଲେ । ସେ ଏହି ବିଳାସ ବ୍ୟସନଠାରୁ ଦୂରରେ ରହୁଥିଲେ । ନୃତ୍ୟ ଓ ଗୀତର ଆସରମାନଙ୍କରେ ମଧ୍ୟ ସେ ଶୂନ୍ୟତା ଅନୁଭବ କରୁଥିଲେ ।

ଦିନେ ଚମ୍ପତରାୟ ସାରନ୍ଧାଙ୍କୁ କହିଲେ—ସାରନ୍ଧା, ତମେ କାହିଁକି ଉଦାସୀନ ରହୁଛ ? ମୁଁ ତୁମ ମୁହଁରେ କେବେ ହସ ଦେଖୁ ନାହିଁ । ମୋ ଉପରେ କଣ ରାଗିଛ ?

ସାରନ୍ଧା କାନ୍ଦ କାନ୍ଦ ହୋଇ କହିଲେ—ସ୍ୱାମୀ, ଆପଣ କାହିଁକି ସେପରି ଭାବୁଛନ୍ତି ? ଆପଣଙ୍କର ଖୁସି ମୋପାଇଁ ଶିର-କାମ୍ୟ ।

ଚମ୍ପତରାୟ—ମୁଁ ଯେବେଠାରୁ ଏଠାକୁ ଆସିଲିଣି ତୁମର ମୁଖମଣ୍ଡଳରେ ମନୋମୁଗ୍ଧକର ହସ ଦେଖିବାକୁ ପାଇନାହିଁ । କେବେହେଲେ ନିଜ ହାତରେ ପାନଖିଲିଟିଏ ମତେ ଦେଇନାହଁ, ମୋର ପଗଡ଼ି ସଜାଡ଼ି ନାହଁ । ମୋତେ ଅସ୍ତ୍ରରେ ସଜାଇ ଦେଇ ନାହଁ । ତୁମର ପ୍ରେମ-ଲତା ଆଉ ମଉଳି ଯାଉନାହିଁ ତ ?

ସାରନ୍ଧା—ପ୍ରାଣନାଥ, ଆପଣଙ୍କର ଏ ପ୍ରଶ୍ନର ଉତ୍ତର ମୋ ପାଖରେ ନାହିଁ । ପ୍ରକୃତରେ ଏହି କେତେଦିନ ହେଲା ମୁଁ ସାମାନ୍ୟ ଉଦାସ ରହୁଛି । ମୋର ବହୁତ ଇଚ୍ଛା ହେଉଛି ହସଖୁସିରେ ସମସ୍ତ

Digitized by PPRACHIN, SOA

କଟାଇବା ପାଇଁ, କିନ୍ତୁ ସ୍ତମ୍ଭ ଉପରେ ଗୋଟେ ଘର ବୋଝ ରଖା ହେଲା ପରି ମନେହେଉଛି ।

ଚମ୍ପତରାୟ ସବୁବେଳେ ମଉଜମଜଲିସ୍‌ରେ ମାତି ରହୁ- ଥିଲେ । ତେଣୁ ସାରନ୍ଧାଙ୍କ ଅସନ୍ତୋଷର ସଠିକ୍ କାରଣ ସେ ଖୋଜି ପାଉନଥିଲେ । ସେ ଭ୍ରୂକୁଞ୍ଚିତ କରି କହିଲେ—ତୁମର ଉଦାସୀନ- ତାର କୌଣସି ବିଶେଷ କାରଣ ମୁଁ ବୁଝିପାରୁନାହିଁ । ଓରଛାରେ ତୁମେ ଆଉ କେଉଁ ଅଧିକ ସୁଖ ପାଉଥିଲ କୁହତ ?

ଏକଥା ଶୁଣି ସାରନ୍ଧାଙ୍କର ମୁହଁ ଲାଲ ପଡ଼ିଗଲା । ସେ କହିଲେ—ମୁଁ ଆପଣଙ୍କୁ କିଛି କହିବି, ରାଗିବେନି ତ ! କଥା ଦିଅନ୍ତୁ ।

ଚମ୍ପତରାୟ—ନା, ତୁମେ ବିନା ଦ୍ୱିଧାରେ କହିପାର ।

ସାରନ୍ଧା—ଓରଛାରେ ମୁଁ ଜଣେ ରାଜାଙ୍କର ରାଣୀ ଥିଲି । ଏଠାରେ ମୁଁ ଜଣେ ଜାଗୀରଦାରଙ୍କର ସାମାନ୍ୟ ସେବିକା ମାତ୍ର । ଓରଛାରେ ମୁଁ ସମ୍ମାନ ପାଉଥିଲି—କିନ୍ତୁ ଏଠାରେ ବାଦଶାହଙ୍କର ଜଣେ ସେବକଙ୍କର ପତ୍ନୀଠାରୁ ମୁଁ କିଛି ଅଧିକା ନୁହେଁ । ଆପଣ ଆଜି ଯେଉଁ ବାଦଶାହଙ୍କ ଆଗରେ ମୁଣ୍ଡ ନୁଆଁଉଛନ୍ତି ସେ ଦିନେ ଆପଣଙ୍କ ନାମ ଶୁଣିଲେ ଥରି ଉଠୁଥିଲେ । ମୁଁ ମଧ୍ୟ ସାମାନ୍ୟ ସେବିକା ପଦରେ ରହି ଖୁସି ହୋଇ ପାରୁନାହିଁ ! ଏହି ପଦ ଏବଂ ବିଳାସର ସାମଗ୍ରୀ ପାଇଁ ଆପଣ ଅମୂଲ୍ୟ ଆତ୍ମସମ୍ମାନ ହରାଇ ବସିଛନ୍ତି ।

ଚମ୍ପତରାୟଙ୍କ ଆଖି ଖୋଲିଗଲା । ସେ ବର୍ତ୍ତମାନ ପର୍ଯ୍ୟନ୍ତ ସାରନ୍ଧାଙ୍କର ଚରିତ୍ରର ମହାନତା ବିଷୟରେ ଅଜ୍ଞ ଥିଲେ । ଏକ ଅନାଥ ବାଳକର ହୃଦୟ ଯେପରି ପିତା-ମାତାଙ୍କର ସ୍ମୃତିରେ କାନ୍ଦିଉଠେ, ଓରଛା ବିଷୟ ସ୍ମରଣ ହେବାମାତ୍ରେ ଚମ୍ପତରାୟଙ୍କ ଆଖି ସଜଳ ହୋଇ ଉଠିଲା । ସେ ପ୍ରଗାଢ଼ ସ୍ନେହରେ ସାରନ୍ଧାଙ୍କୁ

Digitized by PPRACHIN, SOA

କୁଣ୍ଠାଇ ପକାଇଲେ ।

ଏଣିକି ସେ ପୁଣି ସେହି ଉଜୁଡ଼ା ରାଜ୍ୟର ଚିନ୍ତା କରିବାକୁ ଲାଗିଲେ—ଯେଉଁଠାରୁ ଧନ ଏବଂ ମିଥ୍ୟା କୀର୍ତ୍ତିର ମୋହ ତାଙ୍କୁ ଏଠାକୁ ଟାଣିଆଣିଥିଲା ।

(୪)

ହଜି ଯାଇଥିବା ସନ୍ତାନକୁ ଫେରି ପାଇଲେ ମାଆର କୋଳ ପୂରି ଉଠିବା ଭଳି ଚମ୍ପତରାୟ ଫେରିଆସିବାରୁ ବୁନ୍ଦେଲଖଣ୍ଡ ପୁଣି ହସି ଉଠିଲା । ଓରଚ୍ଛାର ଭାଗ୍ୟ ତେଜିଲା । ମଙ୍ଗଳ ଧ୍ୱନି ବାଜି ଉଠିଲା ଏବଂ ପୁଣିଥରେ ସାରନ୍ଧାଙ୍କ ଆଖିରେ ଜାତୀୟ ଅଭିମାନର ତେଜ ପ୍ରକାଶ ପାଇଲା ।

ମାସ ପରେ ମାସ ବିତିଗଲା । ଏହା ମଧ୍ୟରେ ଶାଜାହାନ ବେମାର ପଡ଼ିଲେ । ମୂଳରୁ ତ ସିଂହାସନ ପାଇଁ ବାଦସାହଙ୍କ ପୁଅମାନଙ୍କ ମନରେ ଈର୍ଷାର ଅଗ୍ନି ଜଳୁଥିଲା—ଏହି ଖବର ଶୁଣି ତାହା ପ୍ରଚଣ୍ଡ ରୂପ ଧାରଣ କଲା । ସେମାନେ ସିଂହାସନ ଅଧିକାର କରିବାକୁ ଯୁଦ୍ଧର ପ୍ରସ୍ତୁତି ଆରମ୍ଭ କରିଦେଲେ । ସୁଜା, ମୁରାଦ ଏବଂ ମୁହିଉଦ୍ଦୀନ ନିଜ ନିଜର ସୈନ୍ୟବଳ ନେଇ ଦକ୍ଷିଣରୁ ବାହାରିଲେ ।

ମୁରାଦ ଏବଂ ମୁହିଉଦ୍ଦୀନ ଉତ୍ସାହର ସହିତ ଆଗକୁ ମାଡ଼ି ଚାଲିଥିଲେ । ଦୋଲପୁର ନିକଟସ୍ଥ ଚମ୍ବଲ କୂଳରେ ପହଞ୍ଚି ସେମାନଙ୍କର ଗତିରୋଧ ପାଇଁ ବାଦଶାହାଙ୍କର ସେନାବାହିନୀ ସେଠାରେ ପୂର୍ବରୁ ପ୍ରସ୍ତୁତ ଥିବା ସେମାନେ ଦେଖିଲେ ।

ଆଗରେ ଅଗମ୍ୟ ନଦୀର ତରଙ୍ଗମାଳା ଦନ୍ତୁରିତ କୂଳରେ ମୁଣ୍ଡ ପିଟୁଥିଲେ । ରାଜକୁମାର ଦୁହେଁ ବଡ଼ ଚିନ୍ତାରେ ପଡ଼ିଲେ । ସେମାନେ ବ୍ୟସ୍ତ ବିବ୍ରତ ହୋଇ ଚମ୍ପତରାୟଙ୍କର ସାହାଯ୍ୟ

Digitized by PPRACHIN, SOA

ଭିକ୍ଷା କଲେ ।

ଚମ୍ପତରାୟ ଅନ୍ତଃପୁରକୁ ଯାଇ ରାଣୀ ସାରନ୍ଧାଙ୍କୁ ପଚାରିଲେ— ଏହାର କଣ ଜବାବ ଦେବ ?

ସାରନ୍ଧା—ସେମାନଙ୍କୁ ସାହାଯ୍ୟ କରିବାକୁ ପଡ଼ିବ ।

ଚମ୍ପତରାୟ—ତାହା କଲେ ଦାରାଶିକୋହଙ୍କ ସହ ଶତ୍ରୁତା ହୋଇଯିବ ।

ସାରନ୍ଧା—ତାହା ସତ; କିନ୍ତୁ ସେମାନେ ଯେତେବେଳେ ହାତ ପତାଇ ସାହାଯ୍ୟ ଭିକ୍ଷା କରିଛନ୍ତି ସେମାନଙ୍କର ମର୍ଯ୍ୟାଦା ମଧ୍ୟ ରକ୍ଷା କରିବାକୁ ପଡ଼ିବ ।

ଚମ୍ପତରାୟ—ରାଣୀ, ତୁମେ ଭଲଭାବରେ ଚିନ୍ତା କରି ଉତ୍ତର ଦିଅ ।

ସାରନ୍ଧା—ସ୍ୱାମୀ, ମୁଁ ଠିକ୍ ଜାଣିଛି ଯେ ଏହି ମାର୍ଗ ବଡ଼ ଜଟିଳ । ଏହା ଫଳରେ ଆମର ଯୋଦ୍ଧାମାନଙ୍କର ରକ୍ତ ପାଣି ଭଳି ବୋହିଯିବ । ତଥାପି ଆମେ ଆମର ରକ୍ତ ବୁହାଇ ଚମ୍ବଲର ଜଳଧାରାକୁ ରକ୍ତ ରଞ୍ଜିତ କରିଦେବା । ବିଶ୍ୱାସ କରନ୍ତୁ, ଯେତେ-ଦିନ ପର୍ଯ୍ୟନ୍ତ ଏହି ନଦୀର ଧାରା ବୋହୁଥିବ ଏହା ରାଜପୁତ ବୀରମାନଙ୍କର କୀର୍ତ୍ତି ଗାନ କରୁଥିବ ।

ଆକାଶମଣ୍ଡଳ ସେତେବେଳେ ମେଘାଚ୍ଛନ୍ନ ରହିଥିଲା । ଓରଛା ଦୁର୍ଗରୁ ବୁନ୍ଦେଲ ସୈନ୍ୟଗଣ ମେଘଖଣ୍ଡ ସଦୃଶ ବାହାରି ଦ୍ରୁତ ଗତିରେ ଚମ୍ବଲ ଆଡ଼କୁ ମାଡ଼ିଚାଲିଲେ । ପ୍ରତ୍ୟେକ ସିପାହୀ ନିଜର ବୀରତ୍ୱ ପ୍ରଦର୍ଶନ କରିବାକୁ ଉଲ୍ଲସିତ ଥିଲେ । ସାରନ୍ଧା ଯୁଦ୍ଧ ପୋଷାକ ଓ ଅସ୍ତ୍ରସଜ୍ଜିତ ରାଜାଙ୍କ ହାତକୁ ପାନଖିଲ ବଢ଼ାଇଦେଇ କହିଲେ—ବୁନ୍ଦେଲ ଜାତିର ମାନ-ମର୍ଯ୍ୟାଦା ବର୍ତ୍ତମାନ ତୁମ ହାତରେ । ରାଣୀ ସାରନ୍ଧାଙ୍କର ପ୍ରତ୍ୟେକ ଅଙ୍ଗ ରୋମାଞ୍ଚିତ ଏବଂ ହୃଦୟ ଆନନ୍ଦରେ ଉଲ୍ଲସିତ ।

Digitized by PPRACHIN, SOA

ବୁନ୍ଦେଲ ସେନା ଦେଖି ସାହାଜାଦା ଦୁହିଁଙ୍କର ଖୁସିର ସୀମା ରହିଲ୍‌ନାହିଁ । ରାଜା ସେଠାର ପ୍ରତ୍ୟେକ ସ୍ଥାନ ସହିତ ଖୁବ୍ ଭଲ ଭାବରେ ପରିଚିତ ଥିଲେ । ସେ ବୁନ୍ଦେଲମାନଙ୍କୁ ଏକ ଜଙ୍ଗଲ ଆଢ଼ୁଆଳରେ ଲୁଚାଇ ରଖିଲେ ଏବଂ ସାହାଜାଦାମାନଙ୍କର ସୈନ୍ୟଙ୍କୁ ସଜାଇ ନଦୀକୂଳେ କୂଳେ ପଶ୍ଚିମ ଦିଗରେ ଚାଲିଲେ । ଏହା ଦେଖି ଦାରାଶିକୋହଙ୍କର ଭ୍ରମ ସୃଷ୍ଟି ହେଲା ଯେ ଶତ୍ରୁ ଅନ୍ୟ କୌଣସି ଘାଟରେ ନଦୀ ପାରହେବାକୁ ଚେଷ୍ଟା କରୁଛି । ସେ ଜଗିଥିବା ଘାଟ ଉପରୁ ସୈନ୍ୟଦଳଙ୍କୁ ହଟାଇନେଲେ । ଘାଟର ଅନତି-ଦୂରରେ ଲୁଚିଥିବା ବୁନ୍ଦେଲ୍ ସେନା ଏହି ସୁଯୋଗର ଅପେକ୍ଷାରେ ଥିଲେ । ସେମାନେ ସଙ୍ଗେ ସଙ୍ଗେ ଲୁଚିଥିବା ସ୍ଥାନରୁ ବାହାରିପଡ଼ି ଆକ୍ରମଣ ଆରମ୍ଭ କରିଦେଲେ । ତେଣେ ଚମ୍ପତରାୟ ଶାହାଜାଦା ଦାରାଶିକୋହଙ୍କୁ ଭୁଲେଇ ସେ ପରିଚାଳିତ କରୁଥିବା ସେନାମାନଙ୍କୁ ପୁଣି ପଛକୁ ଫେରାଇଲେ ଏବଂ ଦାରାଶିକୋହ ସେମାନଙ୍କ ପଶ୍ଚାଦ୍-ଧାବନ କରି ନଦୀ ପାରହୋଇଗଲେ । ଏପରି କୌଶଳ ଅବଲମ୍ବନ କରିବାରେ ସାତଘଣ୍ଟା ଡେରି ହୋଇଗଲା । ଚମ୍ପତରାୟ ଫେରିଆସି ଦେଖିଲେ ସାତଶହ ବୁନ୍ଦେଲ୍ ସେନା ଆହତ ହୋଇ ଛଟପଟ ହେଉଛନ୍ତି ।

ରାଜାଙ୍କୁ ଦେଖିବାକ୍ଷଣି ବୁନ୍ଦେଲମାନେ ସାହସ ବାନ୍ଧିଲେ । ଦୁଇ ଶାହାଜାଦାଙ୍କର ସେନା ମଧ୍ୟ ଆଲ୍ଲା-ହୋ-ଆକବର ଧ୍ୱନି ଦେଇ ଆକ୍ରମଣ ଆରମ୍ଭ କରିଦେଲେ । ଦାରାଶିକୋହଙ୍କ ସେନା ମଧ୍ୟରେ ଚହଳ ପଡ଼ିଗଲା । ଦୁଇ ସେନାବାହିନୀ ପରସ୍ପର ହାତାହାତି ଲଢ଼ିବାକୁ ଲାଗିଲେ । ଶେଷରେ ସନ୍ଧ୍ୟା ହୋଇ ଆସିଲାବେଳକୁ ଯୁଦ୍ଧଭୂଇଁ ରକ୍ତ-ରଞ୍ଜିତ ହୋଇ ସାରିଥିଲା ଏବଂ ଚତୁର୍ଦ୍ଦିଗ ଅନ୍ଧକାରାଚ୍ଛନ୍ନ ହୋଇ ଯାଇଥିଲା । ତଥାପି ଘମାଘୋଟ ଯୁଦ୍ଧ ଚାଲିଥାଏ । ବାଦଶାହାଙ୍କ ସେନାମାନେ ଦୁଇ ଶାହାଜାଦାଙ୍କୁ

Digitized by PPRACHIN, SOA

ଅକ୍ତିଆର କରି ଆସୁଥିଲେ । ଠିକ୍ ଏହି ସମୟରେ ପଶ୍ଚିମରୁ ବୁନ୍ଦେଲ ସୈନ୍ୟଙ୍କର ପୁଣି ଏକ ଲହରୀ ମାଡ଼ିଆସିଲା ଏବଂ ବାଦଶାହଙ୍କ ସେନାଙ୍କୁ ପଛପଟୁ ଏପରି ଧକ୍କା ଦେଲା ଯେ ସେମାନଙ୍କ ସ୍ଥିତି ଦୋହଲିଗଲା ଓ ଜିତିବାର ଏକ ଅପୂର୍ବ ସୁଯୋଗ ହାତରୁ ଖସିଗଲା । ଏହି ଦୈବୀ ସାହାଯ୍ୟ କେଉଁଠାରୁ ଆସିଲା ଜାଣିବାପାଇଁ ସୈନ୍ୟମାନେ କୌତୂହଳୀ ହୋଇ ଉଠିଲେ । କେତେକଙ୍କର ବିଶ୍ୱାସ ହେଲା ଯେ କୌଣସି ଦେବଦୂତ ଏହି ବିଜୟ ସନ୍ଦେଶ ନେଇ ଆସିଥିଲେ ଶାହାଜାଦାଙ୍କୁ ସାହାଯ୍ୟ କରିବାପାଇଁ । ରାଣୀ ସାରନ୍ଧା ଯେତେବେଳେ ଘୋଡ଼ାରୁ ଓହ୍ଲାଇ ଚମ୍ପତରାୟଙ୍କ ପାଦତଳେ ମସ୍ତକ ନତ କଲେ—ପ୍ରକୃତ ଘଟଣା ଜଣାଗଲା । ରାଜା ରାଣୀ ସାରନ୍ଧାଙ୍କ ବୁଦ୍ଧି ଓ ସାହସ ଦେଖି ଅତ୍ୟନ୍ତ ଖୁସିହେଲେ ।

ଯୁଦ୍ଧଭୂମିର ଦୃଶ୍ୟ ଅତ୍ୟନ୍ତ ଦୁଃଖଦାୟକ ଥିଲା । କିଛି ସମୟ ପୂର୍ବରୁ ଯେଉଁଠାରେ ବୀରମାନଙ୍କର ଦଳ ସଜ୍ଜିତ ହୋଇଥିଲା ବର୍ତ୍ତମାନ ସେଠାରେ ସେମାନଙ୍କର ନିର୍ଜୀବ ପ୍ରାୟ ଶରୀର ଯନ୍ତ୍ରଣାରେ ଛଟପଟ ହେଉଥିଲା । ଯୁଗ ଯୁଗ ଧରି ମନୁଷ୍ୟ ନିଜର ସ୍ୱାର୍ଥ ଦୃଷ୍ଟିରୁ ଭାଇମାନଙ୍କୁ ହତ୍ୟା କରିବାର ଦୃଷ୍ଟାନ୍ତ ରହିଛି ।

ବର୍ତ୍ତମାନ ବିଜୟୀ ସେନାଦଳ ଲୁଟ୍-ତରାଜ ଆରମ୍ଭ କରିଦେଲେ । ପ୍ରଥମେ ଯୋଦ୍ଧାମାନେ ଯେତେବେଳେ ପରସ୍ପର ମଧ୍ୟରେ ଲଢ଼ୁଥିଲେ ତାହା ବୀରତ୍ୱ ଏବଂ ପରାକ୍ରମର ନିଦର୍ଶନ ଥିଲା । କିନ୍ତୁ ତାପରର ଲୁଟତରାଜ ଦୃଶ୍ୟ ନୀଚତା ଏବଂ ଦୁର୍ବଳତାର ଅତ୍ୟନ୍ତ ଗ୍ଲାନିକର ଚିତ୍ର । ସେତେବେଳେ ମନୁଷ୍ୟ ପଶୁ ପାଲଟି ଯାଇଥିଲା । କିନ୍ତୁ ଏବେ ସେ ପଶୁଠାରୁ ବଳି ହିଂସ୍ର ହୋଇଉଠିଥିଲା ।

ଏହି ଲୁଟତରାଜ ମଧ୍ୟରେ ସେମାନେ ବାଦସାହଙ୍କର ସେନାପତି ବଳୀ ବାହାଦୁର ଖାଁଙ୍କର ଅଚେତ ଶରୀର ଦେଖିବାକୁ ପାଇଲେ ।

Digitized by PPRACHIN, SOA

ପ୍ରଭୁଙ୍କ ଅଚେତ ଶରୀର ପାଖରେ ଠିଆହୋଇ ତାଙ୍କ ଘୋଡ଼ା ଲାଞ୍ଜ ଉପରୁ ମାଛି ଉଡ଼ାଉଥିଲା । ସୁନ୍ଦର ଘୋଡ଼ା ପୋଷିବା ଚମ୍ପତ-ରାୟଙ୍କର ଏକ ବଡ଼ ସଉକ ଥିଲା । ଏହି ଅତି ସୁନ୍ଦର ଜାତୀୟ ଘୋଡ଼ାଟିକୁ ଦେଖି ଦେଖି ସେ ମୋହିତ ହୋଇଗଲେ । ତାହାର ପ୍ରତ୍ୟେକ ଅଙ୍ଗ ଗୁଣରେ ଗଢ଼ି ଦେଲାଭଳି ହୋଇଥାଏ । ସିଂହ ସଦୃଶ ଗୁଡ଼, ଚିତାବାଘର ଆଖି । ତାର ଏପରି ପ୍ରଭୁଭକ୍ତି ଦେଖି ସୈନ୍ୟମାନେ ଚକିତ ହେଲେ । ରାଜା ହୁକୁମ ଦେଲେ— ଖବରଦାର ! ଏହି ପ୍ରଭୁ-ପ୍ରେମୀ ଘୋଡ଼ାଟିକୁ କେହି ଆଘାତ କରିବ ନାହିଁ । ଏହାକୁ ଧରିଦିଅ । ଏହା ମୋର ଘୋଡ଼ାଶାଳର ଶୋଭା ବଢ଼ାଇବ । ଯେ ଏହାକୁ ଧରି ମୋ ପାଖକୁ ଆଣିବ ତାକୁ ପ୍ରଚୁର ସମ୍ପତ୍ତି ଉପହାର ଦେବି ।

ଯୋଦ୍ଧାଗଣ ଚାରିଆଡ଼ୁ ମାଡ଼ିଆସିଲେ; କିନ୍ତୁ ଘୋଡ଼ାଟିର ନିକଟବର୍ତ୍ତୀ ହେବାପାଇଁ କାହାର ସାହସ ହେଉନଥାଏ । କିଏ ଚୁ ଚୁ କରୁଥିଲା, କେହି ଫାନ୍ଦରେ ଛନ୍ଦି ଦେବା ପାଇଁ ଚିନ୍ତା କରୁଥିଲା—କିନ୍ତୁ କାହାରି ଉଦ୍ୟମ ସଫଳ ହୋଇପାରୁନଥିଲା । ଏହି ସମୟରେ ରାଣୀ ସାରନ୍ଧା ତାଙ୍କ ତମ୍ବୁ ମଧ୍ୟରୁ ବାହାରିଲେ ଏବଂ ନିର୍ଭୟରେ ଘୋଡ଼ାଆଡ଼କୁ ଆଗେଇଗଲେ । ରାଣୀଙ୍କୁ ଦେଖି ଘୋଡ଼ାର ଚକ୍ଷୁରୁ ଅକୃତ୍ରିମ ପ୍ରେମର ଆଭାସ ଝଲସି ଉଠିଲା । ଘୋଡ଼ା ସାରନ୍ଧାଙ୍କୁ ଦେଖି ମୁଣ୍ଡଟି ତଳକୁ ନୁଆଇଁଦେଲା । ରାଣୀ ଘୋଡ଼ାର ବେକ ଉପରେ ହାତ ରଖି ଆଉଁସିବାକୁ ଲାଗିଲେ । ଘୋଡ଼ା ତାଙ୍କ ଲୁଗା କାନିରେ ମୁହଁଟି ଲୁଚାଇଦେଲା । ରାଣୀ ଘୋଡ଼ାର ଲଗାମ ଧରି ତମ୍ବୁ ଆଡ଼କୁ ଚାଲିଲେ । ଘୋଡ଼ାଟି ତାଙ୍କ ପଛରେ ଏପରି ଚୁପ୍‌ଚାପ୍ ଚାଲିଲା ସତେ ଯେପରି ସେ କେବେଠାରୁ ତାଙ୍କର ସେବକ ହୋଇ ରହିଛି । ହୁଏତ ଘୋଡ଼ାଟି ଯଦି ରାଣୀଙ୍କ

Digitized by PPRACHIN, SOA

ଆଜ୍ଞାଧୀନ ହୋଇନଥାନ୍ତା, ଭଲହୋଇଥାନ୍ତା । କାରଣ ଏହି ସୁନ୍ଦର ଘୋଡ଼ାଟି ଭବିଷ୍ୟତରେ ରାଜପରିବାର ପାଇଁ ଘୃଣା-ହରଣ ପ୍ରମାଣିତ ହେଲା ।

(୪)

ଏ ସଂସାର ଏକ ରଣଭୂମି । ଏହି ରଣଭୂମିରେ ସୁଯୋଗର ସଦୁପଯୋଗ କରୁଥିବା ସେନାପତି ବିଜୟ ଲାଭ କରେ । ସୁଯୋଗ୍ୟ ବ୍ୟକ୍ତି ବିଜୟ ସମୟରେ ଯେତିକି ଉତ୍ସାହର ସହିତ ଆଗକୁ ବଢ଼ିଥାଏ, ବିପଦ ସମୟରେ ସେତିକି କୌଶଳ ଓ ଧୈର୍ଯ୍ୟର ସହିତ ପଛକୁ ମଧ୍ୟ ଘୁଞ୍ଚିଆସେ । ଏହି ପ୍ରକାର ଶୌର୍ଯ୍ୟ ଓ ବିଚାରବନ୍ତ ପୁରୁଷ ରାଷ୍ଟ୍ରର ସୁନିର୍ମାତା ହୁଏ ଏବଂ ଯୁଗ ଯୁଗ ପାଇଁ ସେ ଅମର ହୋଇ ରହେ ।

କିନ୍ତୁ ଏହି ସଂସାରରେ ଏପରି ଯୋଦ୍ଧା ମଧ୍ୟ ଥାନ୍ତି, ଯେଉଁମାନେ ଥରେ ବିଜେତା ହୋଇଗଲେ ସଙ୍କଟ ସମୟରେ ମଧ୍ୟ ପଛଘୁଞ୍ଚା ଦେବାକୁ କାପୁରୁଷତା ମନେକରନ୍ତି । ଜୀବନ ବିନିମୟରେ ମାନ-ସମ୍ମାନକୁ ରକ୍ଷା କରନ୍ତି ।

ରାଣୀ ସାରନ୍ଧା ଏହିପରି ଜଣେ ମର୍ଯ୍ୟାଦା ସଚେତନ ରମଣୀ ଥିଲେ ।

ଶାହାଜାଦା ମୁହିଉଦ୍ଦୀନ ଚମ୍ବଲ କୂଳେ କୂଳେ ଆଗ୍ରା ଯାତ୍ରା କଲେ । ତାଙ୍କର ଭାଗ୍ୟ ଅନୁକୂଳ ଥିଲା । ଆଗ୍ରା ଜୟ କରିବା ଦ୍ୱାରା ସିଂହାସନ ଲାଭ ପ୍ରାୟ ନିଶ୍ଚିତ ହୋଇଯାଇଥିଲା । କିନ୍ତୁ ବିଧିର ବିଧାନ ବିଚିତ୍ର । ଶାହାଜାଦାମାନଙ୍କ ମଧ୍ୟରୁ ଆଉରଙ୍ଗଜେବ ହିଁ କୁଶଳୀ ପ୍ରମାଣିତ ହେଲେ । ଅନ୍ତର୍ଯୁଦ୍ଧର ଶେଷରେ ଶାହାଜାଦା ଆଉରଙ୍ଗଜେବ ସମ୍ରାଟ୍ ହୋଇପାରିଲେ ।

ଆଉରଙ୍ଗଜେବ ଅତ୍ୟନ୍ତ ଜ୍ଞାନୀ ଓ ଚତୁର ବ୍ୟକ୍ତି ଥିଲେ । ସେ

Digitized by PPRACHIN, SOA

ତାଙ୍କର ଶତ୍ରୁତା କରିଥିବା ବାଦଶାହଙ୍କର କେତେକ ସେନାଧ୍ୟକ୍ଷଙ୍କୁ କ୍ଷମା ଦେଇଲେ ଏବଂ ସେମାନଙ୍କ ରାଜପଦ ଫେରାଇଦେଲେ । ରାଜା ଚମ୍ପତରାୟଙ୍କର ବୀରତ୍ୱ ପାଇଁ ତାଙ୍କୁ ବିସ୍ତୃତ ଅଞ୍ଚଳ ଜାଗିର ଆକାରରେ ଦିଆଗଲା । ଓରଛାଠାରୁ ଆରମ୍ଭ କରି ବନାରସ ପର୍ଯ୍ୟନ୍ତ ଏବଂ ବନାରସଠାରୁ ଯମୁନା ପର୍ଯ୍ୟନ୍ତ ତାଙ୍କର ଏହି ଜାଗିର ବିସ୍ତୃତ ଥିଲା । ବୁନ୍ଦେଲର ସ୍ୱାଧୀନ ରାଜା ଆଜି ଥରେ ରାଜଭକ୍ତ ଜାଗିରଦାର ହୋଇ ପୁଣି ସୁଖ-ସମ୍ଭୋଗରେ ବୁଡ଼ି ରହିଲେ । ରାଣୀ ସାରନ୍ଧା ପରାଧୀନତାର ଗ୍ଳାନିରେ ପୁଣି ଜଳି ଉଠିଲେ ।

ବଲି ବାହାଦୂର ଖାଁ ଅତ୍ୟନ୍ତ ବାକ୍‌ଚତୁର ସେନାପତି ଥିଲେ । ସେ କୌଶଳ ଅବଲମ୍ବନ କରି ଖୁବ୍ ଶୀଘ୍ର ବାଦଶାହ ଆଲମ୍‌ଗୀର୍‌ଙ୍କର ପ୍ରିୟପାତ୍ର ହୋଇଗଲେ ଓ ରାଜସଭାରେ ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ରୂପେ ପରିଚିତ ହେଲେ ।

ନିଜର ପ୍ରିୟ ଘୋଡ଼ାଟିକୁ ହରାଇ ଖାଁ ସାହେବ ଅତ୍ୟନ୍ତ ଦୁଃଖିତ ଥିଲେ । ଦିନେ ରାଜକୁମାର ଛତ୍ରଶାଲ ସେହି ଘୋଡ଼ାଟି ଚଢ଼ି ବୁଲିଯାଇଥିଲେ । ବୁଲୁ ବୁଲୁ ଖାଁସାହେବଙ୍କ ମହଲ ପାଖରେ ଯାଇ ପହଞ୍ଚିଲେ । ବଲି ବାହାଦୂର ଏହିପରି ଏକ ସୁଯୋଗ ଅପେକ୍ଷାରେ ଥିଲେ । ସେ ସଙ୍ଗେ ସଙ୍ଗେ ତାଙ୍କର ଅନୁଚରମାନଙ୍କୁ ଆଦେଶ ଦେଲେ ଘୋଡ଼ାଟି ଛଡ଼ାଇନେଇ ଆସିବାପାଇଁ । ରାଜକୁମାର ଏକଲା ବା କଣ କରିପାରିଥାନ୍ତେ ? ସେ ଘୋଡ଼ାଟି ହରାଇ ଚାଲି ଚାଲି ଘରକୁ ଫେରିଲେ ଏବଂ ସାରନ୍ଧାଙ୍କ ଆଗରେ ସମସ୍ତ ଘଟଣା ବର୍ଣ୍ଣନା କଲେ । ତାହା ଶୁଣି ରାଣୀଙ୍କ ଚେହେରା ରାଗରେ ଲାଲପଡ଼ିଗଲା । ସେ କହିଲେ, "ଘୋଡ଼ାପାଇଁ ମୁଁ ଆଦୌ ବ୍ୟସ୍ତ ନୁହେଁ, ବରଂ ମୁଁ ଏଥିପାଇଁ ଦୁଃଖିତ ଯେ ଘୋଡ଼ାଟିକୁ ହରେଇ ତୁ କପରି ଜୀବନ ଧରି ଫେରିଲୁ ? ତୋ ଶରୀରରେ କଣ ବୁନ୍ଦେଲ

Digitized by PPRACHIN, SOA

ରକ୍ତ ପ୍ରବାହିତ ହେଉନାହିଁ ? ଘୋଡ଼ା ନମିଳିଲା ନାହିଁ, କିନ୍ତୁ ଏଁଭୁ ପ୍ରମାଣ କରିଦେଇଥାନ୍ତୁ ଯେ ଜଣେ ବୃନ୍ଦେଲ ବାଳିକଠାରୁ ତାର ଘୋଡ଼ା ଛଡ଼େଇ ନେବାଟା କିଛି ସହଜ ଘଟଣା ନୁହେଁ ।

ଏହା କହି ସେ ତାଙ୍କର ପଚିଶ ଜଣ ସୈନ୍ୟଙ୍କୁ ପ୍ରସ୍ତୁତ ହେବା ପାଇଁ ଆଦେଶ ଦେଲେ । ସେ ନିଜେ ଅସ୍ତ୍ର ଧରିଲେ ଏବଂ ସୈନ୍ୟମାନଙ୍କ ସାଙ୍ଗରେ ବଳି ବାହାଦୁର ଖାଁଙ୍କ ବାସସ୍ଥାନରେ ଯାଇ ପହଞ୍ଚିଲେ । ଖାଁସାହେବ ସେତେବେଳକୁ ସେହି ଘୋଡ଼ା ଚଢ଼ି ରାଜଦରବାରକୁ ଚାଲିଯାଇଥିଲେ । ସାରନ୍ଧା ମଧ୍ୟ କ୍ଷଣକ ମଧ୍ୟରେ ଏକ ବେଗଗାମୀ ନଦୀ ସଦୃଶ ବାଦଶାହଙ୍କ ଦରବାରରେ ଯାଇ ପହଞ୍ଚିଗଲେ । ଏହି ଘଟଣାଯୋଗୁଁ ସାରା ଦରବାରରେ ହୁଲ୍‌ସ୍ଥୁଲ୍ ପଡ଼ିଗଲା । ରାଜକର୍ମଚାରୀବର୍ଗ ଆସି ସେଠାରେ ଜମା ହୋଇଗଲେ । ଆଲମଗୀର ମଧ୍ୟ ଘଟଣା ଶୁଣି ବାହାରକୁ ବାହାରି ଆସିଲେ । ଉଭୟ ପକ୍ଷର ଲୋକମାନେ ନିଜର ତଲୱାର ସହ ପ୍ରସ୍ତୁତ ହୋଇଗଲେ ଏବଂ ଚତୁର୍ଦ୍ଦିଗରୁ ଭୀଷଣ ପାଟିଗୋଳ ଶୁଭାଗଲା । ପୂର୍ବରୁ ଯେଉଁମାନେ ଅମର ସିଂହଙ୍କ ଚମତ୍କାର ତଲୱାର ଚାଳନା ଏହି ଦରବାରରେ ଦେଖିଥିଲେ ସେମାନଙ୍କ ସ୍ମୃତିରେ ପୁନର୍ବାର ସେହି ଘଟଣାଟି ଉଜ୍ଜ୍ୱଳ ହୋଇଉଠିଲା ।

ସାରନ୍ଧା ଉଚ୍ଚ ସ୍ୱରରେ କହିଲେ—ଖାଁ ସାହେବ, ଯେଉଁ ବୀରତ୍ୱ ଆପଣ ସେଦିନ ଚମ୍ବଲ୍ କୂଳରେ ଦେଖାଇବା କଥା, ଆଜି ତାହା ଏକ ଅବୋଧ ବାଳକ ଆଗରେ ଦେଖାଇଛନ୍ତି । ପ୍ରକୃତରେ ଏହା ବଡ଼ ଲଜ୍ଜାକର ଘଟଣା । ଆପଣ ତାହାଠାରୁ ଘୋଡ଼ାଟା ଛଡ଼େଇ ନେବା ଉଚିତ ହୋଇନାହିଁ ।

ବଳୀ ବାହାଦୁର ଖାଁ ଆଖିରୁ ସେତେବେଳେ ଅଗ୍ନିସ୍ଫୁଲିଙ୍ଗ ନିର୍ଗତ ହେଉଥିଲା । ସେ ଅତ୍ୟନ୍ତ ରୁକ୍ଷ ସ୍ୱରରେ କହିଲେ—ମୋ ଲକ୍ଷିତ ବ୍ୟବହାର କରିବା ପାଇଁ କାହାର କପରି ସାହସ ହେଲା ?

Digitized by PPRACHIN, SOA

ରାଣୀ—ସେଇଟା ଆପଣଙ୍କର ଜନିଷ ନୁହେଁ, ତାହା ମୋର । ମୁଁ ତାକୁ ଯୁଦ୍ଧଭୂମିରୁ ପାଇଛି । ତା ଉପରେ ମୋର ଅଧିକାର ଅଛି । କଣ ଯୁଦ୍ଧର ଏହି ସାମାନ୍ୟ ନିୟମଟି ଆପଣ ଜାଣି ନାହାନ୍ତି ?

ଖାଁ ସାହେବ—ସେହି ଘୋଡ଼ାଟି ମୁଁ ଆପଣଙ୍କୁ ଦେଇ ପାରିବି ନାହିଁ । ତାହା ବଦଳରେ ମୋର ସମସ୍ତ ଘୋଡ଼ାଶାଳ ଆପଣଙ୍କୁ ଭେଟି ଆକାରରେ ଦେଲି ।

ରାଣୀ—ମୁଁ ମୋର ନିଜର ଘୋଡ଼ାଟି ନେବି ।

ଖାଁ ସାହେବ—ମୁଁ ସେହି ମୂଲ୍ୟର ମଣିମାଣିକ୍ୟ ଦେବାକୁ ପ୍ରସ୍ତୁତ ଅଛି—କିନ୍ତୁ ଘୋଡ଼ାଟି ଦେଇ ପାରିବି ନାହିଁ ।

ରାଣୀ—ତାହାହେଲେ ଏହି ତଲୱାର ଦ୍ୱାରା ଘଟଣାର ସମାଧାନ ହେବ ।

ବୁନ୍ଦେଲା ଯୋଦ୍ଧାମାନେ ଖଣ୍ଡା ଉଠାଇ ପ୍ରସ୍ତୁତ ହୋଇଗଲେ । ଖୁବ୍ ଶୀଘ୍ର ରାଜଦରବାରର ଭୂମି ରକ୍ତରଞ୍ଜିତ ହୋଇଯାଇଥାନ୍ତା । ବାଦଶାହ ଆଲମ୍‌ଗୀର ସଙ୍ଗେ ସଙ୍ଗେ ମଝିକୁ ବାହାରି ଆସି କହିଲେ—"ରାଣୀ, ଆପଣ ସିପାହୀମାନଙ୍କୁ ବନ୍ଦକରନ୍ତୁ । ଆପଣଙ୍କୁ ଘୋଡ଼ା ମିଳିବ, କିନ୍ତୁ ତାହାପାଇଁ ବହୁତ ଦାମ୍ ଦେବାକୁ ପଡ଼ିବ ।

ରାଣୀ—ମୁଁ ତାହାପାଇଁ ମୋର ସର୍ବସ୍ୱ ଦେବାକୁ ପ୍ରସ୍ତୁତ ଅଛି ।

ବାଦଶାହ—ଜାଗିର ଏବଂ ରାଜଗାଦି ମଧ୍ୟ ?

ରାଣୀ—ଜାଗୀର ଏବଂ ରାଜଗାଦି ତାହା ଆଗରେ ତୁଚ୍ଛଅଟେ ।

ବାଦଶାହ—ନିଜ ରାଜ୍ୟ ମଧ୍ୟ ?

ରାଣୀ—ହଁ ରାଜ୍ୟ ମଧ୍ୟ ।

ବାଦଶାହ—ଗୋଟିଏ ଘୋଡ଼ା ପାଇଁ ?

Digitized by PPRACHIN, SOA

ରାଣୀ—ନାଁ, ସେହି ପଦାର୍ଥପାଇଁ ଯାହା ସଂସାରରେ ସବୁଠାରୁ ମୂଲ୍ୟବାନ୍ ।

ବାଦଶାହ—ସେଇଟା କଣ ?

ରାଣୀ—ଆତ୍ମମର୍ଯ୍ୟାଦା ।

ଏହାପରେ ରାଣୀ ଘୋଡ଼ାଟି ପାଇଁ ବିପୁଳ ଜାଗିର, ଉଚ୍ଚ ରାଜପଦ ଏବଂ ରାଜ-ସମ୍ମାନ ସବୁ ହରେଇଲେ । ଏହା ସଙ୍ଗେ ସଙ୍ଗେ ସେ ନିଜର ଭବିଷ୍ୟତ ମଧ୍ୟ କଣ୍ଟକମୟ କରିଦେଲେ । ଏହି ସମୟଠାରୁ ଆରମ୍ଭ କରି ଶେଷ ନିଶ୍ୱାସ ନେବାପର୍ଯ୍ୟନ୍ତ ରାଜା ଚମ୍ପତରାୟଙ୍କୁ ଆଉ ଶାନ୍ତି ମିଳିଲା ନାହିଁ ।

(୭)

ରାଜା ଚମ୍ପତରାୟ ପୁଣି ଓରଚ୍ଛା ଦୁର୍ଗକୁ ପ୍ରତ୍ୟାବର୍ତ୍ତନ କଲେ । ରାଜଗାଦି ଏବଂ ଜାଗିର ହାତରୁ ଖସିଯିବାରୁ ସେ ଅତ୍ୟନ୍ତ ଦୁଃଖିତ ଥିଲେ । କିନ୍ତୁ ସାରନ୍ଧାଙ୍କର ସ୍ୱଭାବ ସହିତ ସେ ଖୁବ୍ ଭଲଭାବରେ ପରିଚିତ ଥିବାରୁ ଏହାର କିଛି ପ୍ରତିବାଦ କରିନଥିଲେ । ଏପରି ସମୟରେ ତାଙ୍କର ପ୍ରତିବାଦ ରାଣୀ ସାରନ୍ଧାଙ୍କର ଆତ୍ମଗୌରବ ଉପରେ ଆଞ୍ଚ ଆଣିଥାନ୍ତା ।

କିଛି ଦିନ ସେ ସେଠାରେ ଶାନ୍ତିରେ କଟାଇଲେ; କିନ୍ତୁ ବାଦଶାହ ରାଣୀ ସାରନ୍ଧାଙ୍କର ପୂର୍ବର ସେହି କଟୂକ୍ତି ଭୁଲିନଥିଲେ । ସେ କ୍ଷମା ଦେବା ଶିଖି ନଥିଲେ । ଭାଇମାନଙ୍କଠାରୁ ନିଶ୍ଚିନ୍ତ ହେବା ପରେ ଆଉରଙ୍ଗଜେବ ଚମ୍ପତରାୟଙ୍କର ଗର୍ବ ଚୂର୍ଣ୍ଣ କରିବା ପାଇଁ ଏକ ବିରାଟ ସେନାବାହିନୀ ପଠେଇଲେ । ବାଇଶିଜଣ ଦକ୍ଷ ସେନାପତିଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କଲେ । ଶୁଭକରଣ ବୁନ୍ଦେଲା ବାଦଶାହଙ୍କର ସୁବେଦାର ଥିଲେ । ସେ ଚମ୍ପତରାୟଙ୍କର ବାଲ୍ୟ ବନ୍ଧୁ ଓ ସହପାଠୀ ଥିଲେ ମଧ୍ୟ ଚମ୍ପତରାୟଙ୍କୁ ପରାସ୍ତ କରିବା ପାଇଁ

Digitized by PPRACHIN, SOA

ସ୍ଥିର କଲେ । ଅନ୍ୟ କେତେଜଣ ବୁନ୍ଦେଲ ସରଦାର ମଧ୍ୟ ରାଜାଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ବାଦଶାହଙ୍କର ସୁବେଦାର ସାଙ୍ଗରେ ଆସି ମିଶିଲେ । ଏକ ଘମାଘୋଟ ଯୁଦ୍ଧ ହେଲା । ଭାଇମାନଙ୍କର ତଲୱାର ପୁଣି ରକ୍ତ ରଞ୍ଜିତ ହେଲା । ଏହି ଯୁଦ୍ଧରେ ରାଜା ବିଜୟ ଲାଭ କଲେ ମଧ୍ୟ ତାଙ୍କର ଶକ୍ତି ସବୁଦିନ ପାଇଁ କ୍ଷୀଣ ହୋଇଗଲା । ନିକଟବର୍ତ୍ତୀ ବୁନ୍ଦେଲ ରାଜା ଯେ ଚମ୍ପତରାୟଙ୍କର ବାହୁବଳ ଥିଲେ, ସେ ବାଦଶାହଙ୍କର ଶରଣାପନ୍ନ ହୋଇଗଲେ । କେତେଜଣ ରାଜା ସାହାଯ୍ୟ କଲେ ତ ଆଉ କେତେଜଣ ବିପଦ ସମୟରେ ମୁହଁ ଫେରେଇନେଲେ । ଏପରିକି ସମ୍ପର୍କୀୟ ଲୋକ ମଧ୍ୟ ଲୁଚି ରହିଲେ ।

ଏହିପରି ଜଟିଳ ପରିସ୍ଥିତିରେ ମଧ୍ୟ ଚମ୍ପତରାୟ ଅଧୈର୍ଯ୍ୟ ଓ ଭୀତତ୍ରସ୍ତ ହୋଇନଥିଲେ । ସେ ଓରଛା ଦୁର୍ଗ ଛାଡ଼ିଦେଇ ତିନିବର୍ଷ ଧରି ବୁନ୍ଦେଲଖଣ୍ଡର ଘଞ୍ଚ ଜଙ୍ଗଲ ମଧ୍ୟରେ ଲୁଚି ଲୁଚି ବୁଲିଲେ । ବାଦଶାହଙ୍କର ସେନାଗଣ ଶିକାରୀ ଜନ୍ତୁ ଖୋଜିବା ଭଳି ଚମ୍ପତରାୟଙ୍କୁ ସବୁଆଡ଼େ ଖୋଜି ବୁଲୁଥିଲେ । ସାରନ୍ଧା ସବୁବେଳେ ସ୍ୱାମୀଙ୍କ ନିକଟରେ ରହି ତାଙ୍କୁ ସାହସ ଓ ଧୈର୍ଯ୍ୟ ଦେଉଥିଲେ । ଗୁରୁତର ବିପତ୍ତି ସମୟରେ ମନୁଷ୍ୟ ଯେତେବେଳେ ଧୈର୍ଯ୍ୟ ଏବଂ ସମସ୍ତ ଆଶା ହରାଇବସେ—ଆତ୍ମ-ରକ୍ଷାର ମନ୍ତ୍ର ତାକୁ ସମ୍ଭାଳି ରଖେ । ତିନିବର୍ଷ ପରେ ବାଦଶାହଙ୍କ ସୁବେଦାରମାନେ ଆଲମଗୀର୍‌ଙ୍କୁ ସୂଚନା ଦେଲେ ଯେ ଚମ୍ପତରାୟଙ୍କୁ ତାଙ୍କ ଛଡ଼ା ଆଉ କେହି ଶିକାର କରିପାରିବେନାହିଁ । ବାଦଶାହ ଆଦେଶ ଦେଲେ ଚତୁର୍ଦ୍ଦିଗରେ ଘେରିରହିଥିବା ସୈନ୍ୟମାନଙ୍କୁ ହଟାଇ ଆଣିବାପାଇଁ । ରାଜା ଭାବିଲେ, ଯାହା ହେଉ ସଙ୍କଟରୁ ଉଦ୍ଧାର ମିଳିଲା । କିନ୍ତୁ ତାଙ୍କର ସେହି ଭ୍ରମଧାରଣା ଖୁବ୍ ଶୀଘ୍ର ଦୂର ହୋଇଗଲା ।

Digitized by PPRACHIN, SOA

(୭)

ତିନି ସପ୍ତାହ ହେଲା ବାଦଶାହଙ୍କର ସେନା ଓରଚ୍ଛାକୁ ଚତୁର୍ଦ୍ଦିଗରୁ ଘେରିରହିଛନ୍ତି । ତୋପର ଗୋଳା ଦୁର୍ଗର ପ୍ରାଚୀରରେ ବହୁତ ଛିଦ୍ର ସୃଷ୍ଟି କରିସାରିଲାଣି । ଦୁର୍ଗ ଭିତରପଟରୁ କୋଡ଼ିଏ ହଜାର ଲୋକ ଘେରି ରହିଛନ୍ତି, କିନ୍ତୁ ସେଥିମଧ୍ୟରୁ ଅର୍ଦ୍ଧାଧିକ ସ୍ତ୍ରୀ ଏବଂ ବାଳକ । ପୁରୁଷମାନଙ୍କ ସଂଖ୍ୟା ଦିନକୁ ଦିନ କମିଯାଉଥାଏ । ଦୁର୍ଗ ବାହାରକୁ ଯିବା ଆସିବା କରିବା ପାଇଁ ମାର୍ଗ ମଧ୍ୟ ବନ୍ଦ ହୋଇଯାଇଥାଏ । ଖାଦ୍ୟ ସାମଗ୍ରୀ ମଧ୍ୟ କମିବାକୁ ଲାଗିଲାଣି । ପୁରୁଷ ଏବଂ ବାଳକମାନଙ୍କୁ ବଞ୍ଚେଇ ରଖିବା ପାଇଁ ସ୍ତ୍ରୀଲୋକମାନେ ଉପବାସ ରହୁଥାନ୍ତି । ଦୁର୍ଗରକ୍ଷକମାନେ ହତାଶ ହୋଇପଡ଼ିଲେଣି । ସମଗ୍ର ସ୍ତ୍ରୀଜାତି ସୂର୍ଯ୍ୟ ଦେବତାଙ୍କ ଆରାଧନା କରି ଶତ୍ରୁମାନଙ୍କୁ ଅଭିଶାପ ଦେଉଥାନ୍ତି । ବାଳକମାନେ କ୍ରୋଧରେ ଅସ୍ଥିର ହୋଇ ପ୍ରାଚୀର ମଧ୍ୟରୁ ଶ୍ରେଷ୍ଠ ପଥରଖଣ୍ଡ ଶତ୍ରୁସୈନ୍ୟଙ୍କ ଉପରକୁ ପକାଉଥାନ୍ତି, ଯାହା ଦୁର୍ଗର ପ୍ରାଚୀର ମଧ୍ୟ ଅତିକ୍ରମ କରି ଯିବା କଷ୍ଟକର । ରାଜା ଚମ୍ପତରାୟ ସ୍ୱୟଂ ଜ୍ୱରରେ ପୀଡ଼ିତ । ସେ କେତେଦିନ ହେଲା ଶଯ୍ୟାଶାୟୀ ହୋଇପଡ଼ିଛନ୍ତି । ତାଙ୍କୁ ଦେଖି ଦୁର୍ଗର ଲୋକମାନେ ସାନ୍ତ୍ୱନା ପାଉଥିଲେ; କିନ୍ତୁ ସେ ବେମାର ପଡ଼ିଯିବାରୁ ଦୁର୍ଗରେ ନୈରାଶ୍ୟ ଘୋଟିଗଲା ।

ରାଜା ସାରନ୍ଧାଙ୍କୁ କହିଲେ—ଆଜି ଶତ୍ରୁ ନିଶ୍ଚୟ ଦୁର୍ଗ ମଧ୍ୟକୁ ପଶି ଆସିବ ।

ସାରନ୍ଧା—ଭଗବାନଙ୍କ ଦୟା ହେଲେ ମତେ ସେପରି ଦିନ ଦେଖିବାକୁ ପଡ଼ିବନାହିଁ ।

ରାଜା—ଏହି ଅନାଥ ସ୍ତ୍ରୀ ଏବଂ ବାଳକମାନଙ୍କ ପାଇଁ ମୁଁ ଚିନ୍ତିତ ହୋଇପଡ଼ିଛି । ଗହମ ସାଙ୍ଗରେ ପୋକ ପରି ଏମାନେ ମଧ୍ୟ

Digitized by PPRACHIN, SOA

ପେଶି ହୋଇଯିବେ ।

ସାରନ୍ଧା—ଆମେମାନେ ଦୁର୍ଗ ଭିତରୁ ପଳେଇଗଲେ କିପରି ହୁଅନ୍ତା ?

ରାଜା—ଏହି ଅନାଥମାନଙ୍କୁ ଏଠାରେ ଛାଡ଼ି ?

ସାରନ୍ଧା—ଏହିପରି ସମୟରେ ଏମାନଙ୍କୁ ଛାଡ଼ିଦେଲେ ଭଲ ହେବ । ଆମର ଅନୁପସ୍ଥିତିରେ ଶତ୍ରୁ ଏମାନଙ୍କୁ ହୁଏତ ଟିକିଏ ଦୟା ଦେଖାଇପାରନ୍ତି ।

ରାଜା—ନା, ମୁଁ ଏମାନଙ୍କୁ ଛାଡ଼ି ଯାଇପାରିବିନାହିଁ । ଯେଉଁ-ମାନେ ଆମର ସେବାରେ ସେମାନଙ୍କ ଜୀବନ ଉତ୍ସର୍ଗ କରି ଦେଇ-ଛନ୍ତି, ତାଙ୍କର ସ୍ତ୍ରୀ ଏବଂ ପିଲାମାନଙ୍କୁ କଦାପି ଛାଡ଼ି ପାରିବି ନାହିଁ ।

ସାରନ୍ଧା—କିନ୍ତୁ ଏଠାରେ ରହି ଆମେ ସେମାନଙ୍କୁ କିଛି ସାହାଯ୍ୟ ମଧ୍ୟ କରିପାରିବାନାହିଁ ।

ରାଜା—ସେମାନଙ୍କ ସହିତ ମିଶି ଜୀବନ ଦେଇପାରିବା । ସେମାନଙ୍କୁ ରକ୍ଷା କରିବା ପାଇଁ ମୋ ଜୀବନକୁ ପାଣି ଛଡ଼ାଇ ଲଢ଼ିବି । ସେମାନଙ୍କ ଜୀବନ ପାଇଁ ବାଦଶାହର ସେନାପତିମାନଙ୍କୁ ଅନୁରୋଧ କରିବି, କାରାଗାରରେ କଷ୍ଟ ସହିବି—କିନ୍ତୁ ଏପରି ସଙ୍କଟଜନକ ପରିସ୍ଥିତିରେ ସେମାନଙ୍କୁ ଛାଡ଼ି ପାରିବି ନାହିଁ ।

ସାରନ୍ଧା ଅତ୍ୟନ୍ତ ଲଜ୍ଜିତ ହୋଇ ମୁଣ୍ଡ ତଳକୁ ନୁଆଇଁଦେଲେ ଏବଂ ଭାବିବାକୁ ଲାଗିଲେ—ପ୍ରକୃତରେ ପ୍ରିୟ ସାଥୀମାନଙ୍କୁ ଶତ୍ରୁ କବଳରେ ଛାଡ଼ି ନିଜ ଜୀବନ ବଞ୍ଚାଇ ପଳେଇବା ଘୋର ନୀଚତା । ମୁଁ କାହିଁକି ଏପରି ସ୍ୱାର୍ଥପର ହୋଇଗଲି ? କିନ୍ତୁ ହଠାତ୍ ତାଙ୍କ ମୁଣ୍ଡରେ ଗୋଟିଏ ବୁଦ୍ଧି ପଶିଲା । ସେ କହିଲେ—ଯଦି ଆପଣଙ୍କର ବିଶ୍ୱାସ ହୋଇଯିବ ଯେ ଏହି ଲୋକମାନଙ୍କ ପ୍ରତି କିଛି ଅନ୍ୟାୟ କରାଯିବନି ତେବେ ଆପଣ ଯିବାପାଇଁ ପ୍ରସ୍ତୁତ ହେବେ କି ?

Digitized by PPRACHIN, SOA

ରାଜା—(ଶଙ୍କାକରି) କପରି ବିଶ୍ୱାସ ହେବ ?

ସାରନ୍ଧା—ବାଦ୍‌ଶାହ ସେନାପତିଙ୍କର ପ୍ରତିଜ୍ଞା-ପତ୍ର...

ରାଜା—ହଁ, ତେବେ ମୁଁ ଖୁସିରେ ଚାଲିଯିବି ।

ସାରନ୍ଧା ଭାବନା-ସାଗରରେ ବୁଡ଼ିରହିଲେ । ବାଦଶାହଙ୍କ ସେନାପତିଙ୍କ ଦ୍ୱାରା କପରି ପ୍ରତିଜ୍ଞା କରାଯିବ ? କିଏ ଏହି ପ୍ରସ୍ତାବ ନେଇ ତାଙ୍କ ପାଖକୁ ଯିବ ଏବଂ ସେ ନିର୍ଦ୍ଦୟୀ ମଧ୍ୟ ପ୍ରତିଜ୍ଞା ନକରି ପାରନ୍ତି—କାରଣ ସେ ବିଜୟଲାଭ କରିବେ ବୋଲି ସୁନିଶ୍ଚିତ । ଏପରି କଠିନ କାମକୁ ସିଦ୍ଧ କରିବା ପାଇଁ ମୋ ପାଖରେ ସେପରି କୁଶଳୀ, ବାକ୍‌ପଟୁ ଓ ଚତୁର ବ୍ୟକ୍ତି କିଏ ଅଛି ? ଛତ୍ରଶାଳ ଚେଷ୍ଟା କଲେ ଏହା କରିପାରିବ । ତା ପାଖରେ ଏସବୁ ଗୁଣ ଅଛି ।

ରାଣୀ ମନେ ମନେ ଏହା ସ୍ଥିର କରି ଛତ୍ରଶାଳକୁ ଡକାଇ ପଠାଇଲେ । ସେ ତାଙ୍କର ଚାରିପୁତ୍ରଙ୍କ ମଧ୍ୟରେ ଅଧିକ ବୁଦ୍ଧିମାନ୍ ଏବଂ ସାହସୀ ଥିଲା । ରାଣୀ ତାକୁ ସବୁଠାରୁ ବେଶି ଭଲପାଉ-ଥିଲେ । ଛତ୍ରଶାଳ ଯେତେବେଳେ ଆସି ରାଣୀଙ୍କୁ ପ୍ରଣାମ କଲା, ସେତେବେଳେ ତାଙ୍କର କମଳ-ନୟନ ସଜଳ ହୋଇଗଲା ଏବଂ ତାଙ୍କ ଛାତିରୁ ଏକ ଦୀର୍ଘନିଃଶ୍ୱାସ ବାହାରିଗଲା ।

ଛତ୍ରଶାଳ ପଚାରିଲା—ମାତା, କଣ ଆଦେଶ ଅଛି କୁହନ୍ତୁ ?

ରାଣୀ—ବର୍ତ୍ତମାନ ଲଢ଼େଇ କପରି ଚାଲିଛି ?

ଛତ୍ରଶାଳ—ଆମର ପଚାଶଜଣ ଯୋଦ୍ଧାଙ୍କର ପ୍ରାଣ ଗଲାଣି ।

ରାଣୀ—ବୁନ୍ଦେଲାର ଇଜ୍ଜତ ବର୍ତ୍ତମାନ ଭଗବାନଙ୍କ ଦୟା ଉପରେ ନିର୍ଭର କରେ ।

ଛତ୍ରଶାଳ—ଆମେ ଆଜି ରାତିରେ ଅଚାନକ ଆକ୍ରମଣ କରିବା ।

Digitized by PPRACHIN, SOA

ତାପରେ ରାଣୀ ସଂକ୍ଷେପରେ ତାଙ୍କର ପ୍ରସ୍ତାବ ଛତ୍ରଶାଲଙ୍କ ଆଗରେ ଉପସ୍ଥାପନ କଲେ ଏବଂ କହିଲେ—କାହାକୁ ଏ ଦାୟିତ୍ୱ ସମର୍ପଣ କରିବା ?

ଛତ୍ରଶାଲ—ମୋତେ ।

—"ତୁମେ ଏହା ପୂରା କରିପାରିବ ?"

—'ହଁ ମୋର ପୂର୍ଣ୍ଣ ବିଶ୍ୱାସ ଅଛି' ।

—ଆଚ୍ଛା ଯାଅ, ଭଗବାନ ତୁମର ମନସ୍କାମନା ପୂରଣ କରନ୍ତୁ ।

ଛତ୍ରଶାଲ ଯେତେବେଳେ ଯିବାପାଇଁ ବାହାରିଲେ ରାଣୀ ଆବେଗରେ ତାଙ୍କୁ କୁଣ୍ଢାଇ ପକାଇଲେ ଏବଂ ଆକାଶ ଆଡ଼କୁ ଦୁଇହାତ ଟେକି ପ୍ରାର୍ଥନା କରି କହିଲେ—ହେ ପ୍ରଭୁ, ମୋର ତରୁଣ ସୁପୁତ୍ରକୁ ବୁନ୍ଦେଲର ସମ୍ମାନ ପାଇଁ ଅର୍ପଣ କରିଦେଲି ! ବର୍ତ୍ତମାନ ତୁମେହିଁ କେବଳ ସେହି ସମ୍ମାନ ରକ୍ଷା କରିପାରିବ । ମୁଁ ବଡ଼ ମୂଲ୍ୟବାନ୍ ପଦାର୍ଥ ଅର୍ପଣ କରିଛି—ଏହା ଗ୍ରହଣ କରନ୍ତୁ ।

(୮)

ତା'ପରଦିନ ସକାଳୁ ସାରନ୍ଧା ସ୍ନାନ କରି ଥାଳରେ ପୂଜା ସାମଗ୍ରୀ ଧରି ମନ୍ଦିରକୁ ବାହାରିଲେ । ତାଙ୍କର ମୁଖ ମଳିନ ପଡ଼ି-ଯାଇଥିଲା ଏବଂ ଆଖି ତଳେ କଳାଦାଗ ସ୍ପଷ୍ଟ ହୋଇଉଠିଥିଲା । ସେ ଯେତେବେଳେ ମନ୍ଦିର ଦ୍ୱାରରେ ପହଞ୍ଚିଲେ ବାହାରୁ ଏକ ଶର ଆସି ତାଙ୍କ ପୂଜା ଥାଳରେ ପଡ଼ିଲା । ଶର ମୂନରେ କାଗଜ ଖଣ୍ଡେ ଗୁଡ଼ାହୋଇଥିଲା । ସାରନ୍ଧା ଥାଳଟି ପୂଜା ମଣ୍ଡପରେ ଥୋଇ କାଗଜ ଖଣ୍ଡିକ ଖୋଲି ଦେଖିବା ସଙ୍ଗେ ସଙ୍ଗେ ତାଙ୍କ ମୁଖ ଆନନ୍ଦରେ ଉଜ୍ଜ୍ୱଳ ହୋଇଉଠିଲା । କିନ୍ତୁ ସେହି ଆନନ୍ଦ କ୍ଷଣିକ ପାଇଁ ମାତ୍ର । ସେ ବେଦନ କରି କହିଲେ—ହାୟ ! ଏହି

Digitized by PPRACHIN, SOA

କାଗଜ ଖଣ୍ଡିକ ପାଇଁ ମୁଁ ମୋର ପ୍ରିୟ ପୁତ୍ରକୁ ହରେଇଛୁ। ସାମାନ୍ୟ ଏଇ କାଗଜ ଖଣ୍ଡକ ପାଇଁ ଏତେ ମୂଲ୍ୟ କିଏ କେବେ ନେଇଥିବ ?

ମନ୍ଦିରରୁ ଫେରି ସାରନ୍ଧା ରାଜା ଚମ୍ପତରାୟଙ୍କ ପାଖକୁ ଗଲେ ଏବଂ କହିଲେ—ସ୍ୱାମୀ, ଆପଣ ଦେଇଥିବା ପ୍ରତିଜ୍ଞା ବର୍ତ୍ତମାନ ପୂରଣ କରନ୍ତୁ ।

ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ 'ତୁମର ପ୍ରତିଜ୍ଞା ପୂରଣ କରିଦେଲ ?' ରାଣୀ ସେହି ପ୍ରତିଜ୍ଞାପତ୍ରଟି ରାଜାଙ୍କୁ ବଢ଼ାଇଦେଲେ । ଚମ୍ପତରାୟ ତାହା ଦେଖି ଅତ୍ୟନ୍ତ ଗୌରବାନ୍ୱିତ ମନେକଲେ ଏବଂ କହିଲେ—ବର୍ତ୍ତମାନ ମୁଁ ଯିବାପାଇଁ ପ୍ରସ୍ତୁତ ଅଛି । ଈଶ୍ୱରଙ୍କ ଦୟା ହେଲେ ପୁଣି ଶତ୍ରୁଙ୍କ ସଙ୍ଗେ ମୁକାବିଲା କରିବି । କିନ୍ତୁ ସାରନ୍ଧା, ସତ କହ, ଏହି ପତ୍ର ବଦଳରେ ତୁମକୁ କଣ ଦେବାକୁ ପଡ଼ିଲା ।

ରାଣୀ କୁଣ୍ଠିତ ସ୍ୱରରେ କହିଲେ—ବହୁତ କିଛି—ଗୋଟିଏ ଯୁବକ ପୁତ୍ର ।

ରାଜା ଚମକିଉଠି ପଚାରିଲେ—କିଏ ? ଅଙ୍ଗଦରାୟ ?

ରାଣୀ—ନା…

ରାଜା—ରତନସାହ ?

ରାଣୀ—ନା…

ରାଜା—ଛତ୍ରଶାଲ ?

ରାଣୀ—ହଁ…

ଏକ ଶରବିଦ୍ଧ ପକ୍ଷୀ ଯେପରି କିଛି କ୍ଷଣ ଡେଣା ପିଟି ଫଡ଼ଫଡ଼ ହୋଇ ଶେଷରେ କ୍ଳାନ୍ତ ହୋଇ ପଡ଼ିଯାଏ, ସେହିପରି ଚମ୍ପତରାୟ ପଲଙ୍କରୁ ଉଠିପଡ଼ିଲେ ଏବଂ ପରେ ପରେ ଅଚେତ ହୋଇ

Digitized by PPRACHIN, SOA

ପଡ଼ିଗଲେ । ଛତ୍ରଶାଲ ତାଙ୍କର ସବୁଠାରୁ ବେଶି ପ୍ରିୟ ଥିଲେ । ସେ ତାଙ୍କୁ ନେଇ ଭବିଷ୍ୟତରେ ସମସ୍ତ ସ୍ୱପ୍ନ ଦେଖିଥିଲେ । ଯେତେବେଳେ ତାଙ୍କର ଚେତା ଫେରିଲା ସେ କହିଲେ, 'ସାରନ୍ଧା, ତୁମେ ଭଲ କଲନାହିଁ ।'

(୯)

ଘନ ଅନ୍ଧକାର ରାତି । ରାଣୀ ସାରନ୍ଧା ଘୋଡ଼ାରେ ବସି ଓ ଚମ୍ପତରାୟଙ୍କୁ ପାଲିଙ୍କିରେ ବସାଇ ଦୁର୍ଗର ଗୁପ୍ତଦ୍ୱାର ଦେଇ ବାହାରିଗଲେ । ବହୁତ ବର୍ଷ ପୂର୍ବେ ଏପରି ଏକ ଅନ୍ଧକାର ଦୁଃଖମୟ ରାତିରେ ସାରନ୍ଧା ଶୀତଳାଦେବୀଙ୍କୁ କହିଥିଲେ ନିଷ୍ଠୁର କଥା କହିଥିଲେ । ଶୀତଳାଦେବୀ ସେତେବେଳେ ଯେଉଁ ଭବିଷ୍ୟଦାଣୀ କରିଥିଲେ ତାହା ଆଜି ପୂରିହେଲା । ସାରନ୍ଧା ଯେଉଁ ପ୍ରତ୍ୟୁତ୍ତର ଦେଇଥିଲେ ତାହା ମଧ୍ୟ କଣ ପୂରଣ ହେବ ?

ମଧ୍ୟାହ୍ନ ସମୟ । ସୂର୍ଯ୍ୟଦେବତା ମୁଣ୍ଡ ଉପରେ ରହି ଅଗ୍ନି ବର୍ଷା କରୁଥିଲେ । ପ୍ରବଳ ଝଞ୍ଜାରେ ବନ ପର୍ବତ ଉତ୍ତପ୍ତ ହୋଇଉଠିଥିଲା । ଦେହ ପୋଡ଼ିଗଲା ଭଳି କଷ୍ଟ ହେଉଥାଏ । ରାଣୀ ସାରନ୍ଧା ଘୋଡ଼ାରେ ବସି ଚମ୍ପତରାୟଙ୍କ ସାଙ୍ଗରେ ପଶ୍ଚିମ ଆଡ଼କୁ ଚାଲିଥିଲେ । ଓରଛା ଦଶକୋଶ ପଛରେ ରହିଯାଇଥିଲା । ରାଜା ପାଲିଙ୍କି ଭିତରେ ଅଚେତ ହୋଇ ପଡ଼ିଥିଲେ । ପାଲିଙ୍କି ବାହକମାନେ ଝାଳରେ ଜୁଡ଼ୁବୁଡ଼ୁ ହୋଇଯାଇଥିଲେ । ପାଲିଙ୍କି ପଛେ ପଛେ ପାଞ୍ଚଜଣ ଘୋଡ଼ାସବାର ଆସୁଥିଲେ । ଶୋଷରେ ସମସ୍ତଙ୍କ ତଣ୍ଟି ଶୁଖିଯାଉଥିଲା ଏବଂ ଅବସ୍ଥା ସାଙ୍ଘାତିକ ହୋଇ ପଡ଼ିଥିଲା । ସେମାନଙ୍କର ଦୃଷ୍ଟି ସର୍ବଦା କୌଣସି ବୃକ୍ଷର ଛାଇ କିମ୍ବା ଜଳର ଅନୁସନ୍ଧାନରେ ଚତୁର୍ଦ୍ଦିଗକୁ ଘୂରି ବୁଲୁଥିଲା ।

ସାରନ୍ଧା ହଠାତ୍ ବୁଲିପଡ଼ି ଦେଖିଲେ — ଦଳେ ଘୋଡ଼ାସବାର ପଛରେ ଆସୁଛନ୍ତି । ସେ ବିପଦର ଆଭାସ ବାରିଲେ । ସେମାନେ

Digitized by PPRACHIN, SOA

ନିଶ୍ଚୟ ଶତ୍ରୁସୈନ୍ୟ ହୋଇଥିବେ । ପୁଣି ଭାବିଲେ—ବୋଧହୁଏ ରାଜକୁମାର ତାଙ୍କର ସେନା ଧରି ସାହାଯ୍ୟ କରିବାପାଇଁ ଆସୁଛନ୍ତି । ଏପରି ଦୁର୍ଦ୍ଦିନ ଏବଂ ନୈରାଶ୍ୟରେ ମଧ୍ୟ ଆଶାର ଆଲୋକ କିଛିକ୍ଷଣ ପାଇଁ ଜଳିଉଠିଥିଲା । ସେ କିଛି ସମୟ ଆଶା ଓ ନିରାଶାର ଦ୍ୱନ୍ଦ୍ୱ ମଧ୍ୟରେ ଅପେକ୍ଷା କଲେ । କ୍ରମେ ସେହି ସିପାହୀଦଳ ନିକଟବର୍ତ୍ତୀ ହେବାରୁ ରାଣୀ ସେମାନଙ୍କୁ ଚିହ୍ନିପାରି କାତର ହୋଇଉଠିଲେ । ତାଙ୍କ ଶରୀର ଉପରେ କମ୍ପିବାକୁ ଲାଗିଲା । ସେମାନେ ବାଦଶାହଙ୍କ ସେନା ଥିଲେ ।

ସାରନ୍ଧା ବାହକମାନଙ୍କୁ କହିଲେ---ପାଲିଙ୍କି ଅଟକାଅ ' ବୁନ୍ଦେଲ ସିପାହୀମାନେ ନିଜନିଜର ତଲୱାର ନେଇ ପ୍ରସ୍ତୁତ ହୋଇଗଲେ । ରାଜାଙ୍କ ଅବସ୍ଥା ସେତେବେଳକୁ ଅତ୍ୟନ୍ତ ଶୋଚନୀୟ । କିନ୍ତୁ ଲିଭିଆସୁଥିବା ଦୀପଶିଖା ଯେପରି ହଠାତ୍ ପ୍ରଜ୍ୱଳିତ ହୋଇଉଠେ, ଏହି ସଙ୍କଟମୟ ପରିସ୍ଥିତି ବିଷୟରେ ଜ୍ଞାନ ହେବା ମାତ୍ରେ ତାଙ୍କର ସେହି ଜ୍ୱରପ୍ରପୀଡ଼ିତ ଶରୀରରେ ପୁଣି ଶକ୍ତି ଜାଗି ଉଠିଲା । ପାଲିଙ୍କିର ପର୍ଦ୍ଦା ଉଠାଇ ସେ ବାହାରକୁ ବାହାରି ଆସିଲେ । ହାତରେ ଧନୁଶର ଧରିଲେ । କିନ୍ତୁ ସେହି ଧନୁଶର ଯାହା ଦିନେ ଇନ୍ଦ୍ରଙ୍କର ବଜ୍ର ସଦୃଶ ଶକ୍ତିମାନ୍ ଥିଲା, ତାକୁ କରାୟତ୍ତ କରିବା ତାଙ୍କ ପକ୍ଷେ ସମ୍ଭବ ହେଉନଥିଲା । ତାଙ୍କର ମୁଣ୍ଡ ବୁଲେଇଦେଲା, ଗୋଡ଼ ଥରିଉଠିଲା ଏବଂ ସେ ତଳେ ପଡ଼ିଗଲେ । ଭାବୀ ଅମଙ୍ଗଳର ସୂଚନା ମିଳିଗଲା । ରାଜା ଚମ୍ପତରାୟ ନିଜକୁ ସମ୍ଭାଳିନେଇ କିଛିକ୍ଷଣ ପାଇଁ ଉଠି ଠିଆହେଲେ---ମାତ୍ର ପୁଣି ପଡ଼ିଗଲେ । ସାରନ୍ଧା ତାଙ୍କୁ ସମ୍ଭାଳି ନେଇ ବସେଇବା ପାଇଁ ଚେଷ୍ଟା କଲେ ଏବଂ କାନ୍ଦି କାନ୍ଦି କେବଳ ତାଙ୍କୁ ଏତିକି କହି ପାରିଲେ—ସ୍ୱାମୀ ! ତାଙ୍କ ମୁହଁରୁ ଆଉ କିଛି କଥା ବାହାରିଲା ନାହିଁ । ମର୍ଯ୍ୟାଦା ରକ୍ଷାପାଇଁ ଲଢ଼ୁଥିବା ସାରନ୍ଧା

Digitized by PPRACHIN, SOA

ବର୍ତ୍ତମାନ ଜଣେ ସାଧାରଣ ନାରୀ ସଦୃଶ ଶକ୍ତିହୀନ ହୋଇପଡ଼ିଥିଲେ । କିନ୍ତୁ ଅନ୍ୟ ଦୃଷ୍ଟିରୁ ଦେଖିବାକୁ ଗଲେ ଏହି ଦୁର୍ବଳତା ସ୍ତ୍ରୀ ଜାତିରହିଁ ଶୋଭା ।

ଚମ୍ପତରାୟ କହିଲେ—"ସାରନ୍ଧା, ଦେଖ ଆମର ଆଉ ଜଣେ ବୀର ଧରାଶାୟୀ ହେଲା । ଯେଉଁ ବିପତ୍ତିକୁ ଆଜୀବନ ଡରିଆସୁଥିଲି ଶେଷ ସମୟରେ ମତେ ତାହାର ସମ୍ମୁଖୀନ ହେବାକୁ ପଡ଼ିଲା । ମୋର ଆଖି ଆଗରେ ଶତ୍ରୁମାନେ ତୁମର କୋମଳ ଶରୀରରେ ହାତ ଦେବେ, ଏହି ଦୁଃଖ ସହିବା ଅପେକ୍ଷା ମୃତ୍ୟୁ ସ୍ୱାଗତଯୋଗ୍ୟ ।" ଏହା କହୁ କହୁ ତାଙ୍କାମୁଣ୍ଡରେ ଗୋଟାଏ ବୁଦ୍ଧି ପଶିଲା । ସେ ନିଜର ତଲୱାର ଆଡ଼କୁ ହାତ ବଢ଼ାଇଲେ, କିନ୍ତୁ ଦୁର୍ବଳତା ଯୋଗୁଁ ଅସମର୍ଥ ହେଲେ । ଅସହାୟ ହୋଇ ସେ ସାରନ୍ଧାଙ୍କୁ କହିଲେ—ପ୍ରିୟେ, ତୁମେ ଅନେକ ଥର ମୋର ମର୍ଯ୍ୟାଦା ରକ୍ଷା କରିଛ ।

ଏହା ଶୁଣିବା ମାତ୍ରେ ସାରନ୍ଧାଙ୍କର ଝାଉଁଳି ପଡ଼ିଥିବା ମୁଖମଣ୍ଡଳ ସତେଜ ହୋଇ ଉଠିଲା । ଆଖିର ଲୁହ ଶୁଖିଗଲା । ସ୍ୱାମୀଙ୍କୁ କିଛି ସାହାଯ୍ୟ କରିପାରିବା ଆଶା ତାଙ୍କ ହୃଦୟକୁ ଦୃଢ଼ୀଭୂତ କରିଦେଲା । ସେ ରାଜାଙ୍କର ବିଶ୍ୱାସ ଜନ୍ମାଇବାପାଇଁ କହିଲେ—ଭଗବାନ ଇଚ୍ଛାକଲେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ମର୍ଯ୍ୟାଦା ରକ୍ଷା କରିବି ।

ରାଣୀ ଭାବିଲେ ବୋଧହୁଏ ରାଜା ତାଙ୍କୁ ପ୍ରାଣବଳି ଦେବାପାଇଁ ସଙ୍କେତ ଦେଉଛନ୍ତି ।

ଚମ୍ପତରାୟ କହିଲେ—ତୁମେ କେବେହେଲେ ମୋର କଥା ଅମାନ୍ୟ କରିନାହିଁ ।

ସାରନ୍ଧା—ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମଧ୍ୟ ଅମାନ୍ୟ କରିବି ନାହିଁ ।

ରାଜା—ଏହା ମୋର ଅନ୍ତିମଇଚ୍ଛା, ଅସ୍ୱୀକାର କରିବନାହିଁ ।

Digitized by PPRACHIN, SOA

ସାରନ୍ଧା ତଲ୍‌ଓ୍ବାର ବାହାର କରି ତାଙ୍କ ବକ୍ଷସ୍ଥଳରେ ରଖି କହିଲେ—ଏହା କେବଳ ଆପଣଙ୍କର ଆଜ୍ଞା ନୁହେଁ 'ମୋର ମଧ୍ୟ ଏହା ହାର୍ଦ୍ଦିକ ଇଚ୍ଛା ଯେ ମୁଁ ମରିଲା ବେଳକୁ ମୋର ମସ୍ତକ ଯେପରି ଆପଣଙ୍କର ପଦଯୁଗଳ ଉପରେ ରହେ ।

ଚମ୍ପତରାୟ—ତୁମେ ଠିକ୍ ବୁଝିପାରିଲନାହିଁ । ତୁମେ କଣ ଚାହଁ ଯେ ଶତ୍ରୁଙ୍କଦ୍ୱାରା କାରାରୁଦ୍ଧ ହୋଇ ମୁଁ ଦିଲ୍ଲୀରେ ହାସ୍ୟାସ୍ପଦ ହୁଏ ?

ରାଣୀ ଜିଜ୍ଞାସୁ ଦୃଷ୍ଟିରେ ରାଜାଙ୍କୁ ଚାହିଁଲେ । ସେ ତାଙ୍କର କଥା ବୁଝିପାରିଲେ ନାହିଁ ।

ରାଜା—ମୁଁ ତୁମଠାରୁ ଗୋଟାଏ ପ୍ରତିଶ୍ରୁତି ଚାହେଁ ।

ରାଣୀ—ମନଖୋଲି ପ୍ରକାଶ କରନ୍ତୁ ।

ରାଜା—ଏହା ମୋର ଅନ୍ତିମ ପ୍ରାର୍ଥନା । ଯାହା କହିବି କରିବ ?

ରାଣୀ—ନିଶ୍ଚୟ ପାଳନ କରିବି ।

ରାଜା—ଦେଖ, କଥା ଦେଇଛ—ମନା କରିବ ନାହିଁ ।

ରାଣୀ—(ଡରି ଡରି କହିଲେ) ଆପଣଙ୍କ ଆଦେଶକୁ ଅପେକ୍ଷା କରିଛି ।

ରାଜା—ତୁମର ସେଇ ଖଣ୍ଡାଟି ମୋ ଛାତିରେ ଭୂଷିଦିଅ ।

ରାଣୀଙ୍କ ହୃଦୟରେ ବଜ୍ରାଘାତ ହେଲା । ସେ କାନ୍ଦିଉଠି କହିଲେ—ସ୍ୱାମୀ ! ତାପରେ ସେ ଆଉ କିଛି କହିପାରିଲେ ନାହିଁ ।

ରାଜା—ବଞ୍ଚିରହି ଶତ୍ରୁଦ୍ୱାରା ବନ୍ଦୀହେବା ମୁଁ ଚାହେଁନାହିଁ ।

ରାଣୀ—ମୁଁ କିପରି ତାହା କରିପାରିବି ?

ପଞ୍ଚମ ଏବଂ ଶେଷ ସିପାହୀ ଭୂପତିତ ହେଲା । ରାଜା ବିରକ୍ତ ହୋଇ କହିଲେ—ସାମାନ୍ୟ ଜୀବନ ପାଇଁ ମର୍ଯ୍ୟାଦାର ଅଭିମାନକୁ ଆଜି କଣ ଜଳାଞ୍ଜଳି ଦେବ ?

Digitized by PPRACHIN, SOA

ବାଦଶାହାଙ୍କ ସେନାମାନେ ରାଜାଙ୍କଆଡ଼କୁ ଆଗେଇ-ଆସିଲେ । ରାଜା ନୈରାଶ୍ୟପୂର୍ଣ୍ଣ ଦୃଷ୍ଟିରେ ରାଣୀଙ୍କ ଆଡ଼କୁ ଚାହିଁଲେ । ରାଣୀ ସେହିପରି ଅନିଶ୍ଚିତତା ମଧ୍ୟରେ କିଛିକ୍ଷଣ ଠିଆ ହୋଇ ରହିଲେ । ବିପଦ ସମୟରେ ମନୁଷ୍ୟ ହଠାତ୍ ବଳଶାଳୀ ହୋଇଉଠେ । ସିପାହୀମାନେ ରାଜାଙ୍କୁ ଧରିବା ପାଇଁ ନିକଟବର୍ତ୍ତୀ ହୋଇ ଆସିବା ଦେଖି, ରାଣୀ ସାରନ୍ଧା ବିଦ୍ୟୁତ୍ ବେଗରେ ଛୁଟି ଆସି ଖଣ୍ଡାରେ ରାଜାଙ୍କ ଗ୍ରୀବା ବନ୍ଧ କଲେ । ପ୍ରେମ-ନଉକା କ୍ଷଣକ ମଧ୍ୟରେ ପ୍ରେମ-ସାଗରରେ ବୁଡ଼ିଗଲା । ରାଜାଙ୍କ ଗ୍ରୀବାରୁ ରକ୍ତ ସ୍ରୋତ ଛୁଟୁଥିଲା—କିନ୍ତୁ ମୁଖମଣ୍ଡଳ ପ୍ରସନ୍ନ ଦିଶୁଥିଲା ।

ଯେଉଁ ସ୍ତ୍ରୀ ଦିନେ ନିଜ ସ୍ୱାମୀ ପାଇଁ ପ୍ରାଣ ବିସର୍ଜନ କରିବାକୁ ପ୍ରସ୍ତୁତ ଥିଲା, ଆଜି ସେ ତାଙ୍କର ପ୍ରାଣ-ଘାତିନୀ ହେଲା ! କଠିନ ସେ ହୃଦୟ ! ଯେଉଁ ହୃଦୟକୁ ଆଲିଙ୍ଗନ କରି ଯୌବନ ସୁଖମୟ ହୋଇଥିଲା—ଯାହା ତାଙ୍କର ସମସ୍ତ ଅଭିଳାଷର କେନ୍ଦ୍ରବିନ୍ଦୁ ଥିଲା, ଯେଉଁ ହୃଦୟ ତାଙ୍କର ସମସ୍ତ ଅଭିମାନ ଦୂର କରିଥିଲା—ସେହି ହୃଦୟରେ ସ୍ତ୍ରୀ କଠିନ ତଲୱାର ବନ୍ଧ କଲା ? ଅନ୍ୟ କୌଣସି ନାରୀଦ୍ୱାରା କଣ ଏପରି କାର୍ଯ୍ୟ ସମ୍ଭବ ହେବ ?

ବାଃ ! ଆତ୍ମାଭିମାନର କି ବିଷାଦମୟ ପରିଣତି ହେଲା ? ଉଦୟପୁର ଏବଂ ମାରୱାଡ଼ର ଇତିହାସରେ ମଧ୍ୟ ଏପରି ଆତ୍ମ-ମର୍ଯ୍ୟାଦାପୂର୍ଣ୍ଣ ଦୃଷ୍ଟାନ୍ତ ବିରଳ ।

ବାଦଶାହାଙ୍କ ସିପାହୀମାନେ ସାରନ୍ଧାଙ୍କର ଏପରି ସାହସ ଏବଂ ଧୈର୍ଯ୍ୟ ଦେଖି ଚକିତ ହୋଇଗଲେ । ସେନାପତି ଆଗକୁ ଆସି କହିଲେ—ରାଣୀ ସାହେବା, ଖୁଦାଙ୍କୁ ସାକ୍ଷୀ କରି କହୁଛୁ ଆମେ ସମସ୍ତେ ଆପଣଙ୍କର ଭୃତ୍ୟ । ଆପଣ ହୁକୁମ କରନ୍ତୁ—ଆମେ ଅବଶ୍ୟ ପାଳନ କରିବୁ ।

Digitized by PPRACHIN, SOA

ସାରନ୍ଧା କହିଲେ—ଆମ ପୁତ୍ରମାନଙ୍କ ମଧ୍ୟରୁ ଯଦି କେହି ଜୀବିତ ଥାନ୍ତି ତେବେ ଏହି ଦୁଇଟି ମୃତ ଶରୀର ତାଙ୍କୁ ସମର୍ପଣ କରିଦେବ ।

ଏହା କହି ସାରି ସେହି ତଲୱାରରେ ରାଣୀ ନିଜ ବକ୍ଷକୁ ବିଦ୍ଧ କଲେ । ଯେତେବେଳେ ସେ ଅଚେତ ହୋଇ ଭୂମିରେ ପଡ଼ିଲେ, ତାଙ୍କର ମସ୍ତକ ରାଜା ଚମ୍ପତରାୟଙ୍କ ଛାତି ଉପରେ ପଡ଼ିଥିଲା ।

Digitized by PPRACHIN, SOA

ଭୁଲର ମୂଲ୍ୟ

(୧)

ଆଜିକାଲି ବଡ଼ ବଡ଼ ସହରମାନଙ୍କରେ ଧାଈ, ନର୍ସ ଏବଂ ଲେଡ଼ି ଡାକ୍ତରମାନେ ରହିଲେଣି । କିନ୍ତୁ ମଫସଲ ଅଞ୍ଚଳରେ ପ୍ରସବଗୃହରେ ଆଜି ସୁଦ୍ଧା ମେହେନ୍ତରମାନଙ୍କର ପ୍ରଭୁତ୍ୱ ଚାଲିଛି ଏବଂ ନିକଟଭବିଷ୍ୟତରେ କୌଣସି ପରିବର୍ତ୍ତନର ମଧ୍ୟ ଆଶା ନାହିଁ । ବାବୁ ମହେଶନାଥ ତାଙ୍କ ଗାଁର ଜମିଦାର । ସେ ଶିକ୍ଷିତ ଥିଲେ ଏବଂ ପ୍ରସବଗୃହଗୁଡ଼ିକର ଉନ୍ନତିର ଆବଶ୍ୟକତା ଅନୁଭବ କରୁଥିଲେ । କିନ୍ତୁ ଏଥିରେ ଯେଉଁ ବାଧାମାନ ଉପୁଜୁଥିଲା । ତାର ସମାଧାନ ହୋଇ ପାରୁନଥିଲା । କୌଣସି ନର୍ସ ମଫସଲ ଅଞ୍ଚଳକୁ ଯିବାକୁ ରାଜିହେଲେନାହିଁ । ବହୁତ କୁହାବୋଲା ପରେ ଯେତେବେଳେ ରାଜିହେଲେ, ଏତେ ବେଶି ଦରମା ମାଗିଲେ ଯେ ବାବୁସାହେବ ଅନ୍ୟ କୌଣସି ଉପାୟ ନ ଦେଖି ମୁଣ୍ଡ ତଳକୁ ପୋତି ଚାଲି ଆସିବା ପାଇଁ ବାଧ୍ୟ ହେଲେ । ଲେଡ଼ି ଡାକ୍ତରଙ୍କ ପାଖକୁ ଯିବାକୁ ସାହସ ହେଲା ନାହିଁ । ଡାକ୍ତରଙ୍କର ଫିସ୍ ଦେବା ପାଇଁ ବୋଧହୁଏ ତାଙ୍କର ଅଧା ସମ୍ପତ୍ତି ବିକିବାକୁ ପଡ଼ିଥାନ୍ତା । ତେଣୁ ତିନିଟି କନ୍ୟା ସନ୍ତାନ ପରେ ଯେତେବେଳେ ଚତୁର୍ଥଟି ପୁତ୍ର ଜନ୍ମ ହେଲା ସେତେବେଳେ ମଧ୍ୟ ସେହି ଗୁଦଡ଼ି ଓ ତାର ସ୍ତ୍ରୀ ପାଖରେ ଥିଲେ । ପିଲାମାନେ ସାଧାରଣତଃ ରାତିରେ ଜନ୍ମ ହୁଅନ୍ତି । ହଠାତ୍ ରାତି ଅଧରେ ଜଗୁଆଳଟା ଏତେ ଜୋର୍‌ରେ ଗୁଦଡ଼ିର କବାଟରେ ଡାକପକାଇଲା ଯେ ପଡ଼ିଶାଘର ଲୋକଙ୍କର ନିଦ ମଧ୍ୟ ଭାଙ୍ଗିଗଲା । ଝିଅ ହୋଇଥିଲେ ସିନା ନରମ ସ୍ୱରରେ ଡାକଥାଆନ୍ତା !

ମାସେ ଆଗରୁ ଗୁଦଡ଼ ଘରେ ଏଇଥିପାଇଁ ପ୍ରସ୍ତୁତ ଚାଲିଥିଲା । ଖାଲି ଏତିକି ଭୟ ଥିଲା ଯେ, ଯଦି ପୁଣି ଝିଅଟିଏ ହୁଏ ତେବେ ସେହି ଧରିବନ୍ଧା ନିୟମ ଅନୁସାରେ ଟଙ୍କାଟିଏ ଏବଂ ଶାଢ଼ୀ ଖଣ୍ଡେ ମିଳିବ । ଏହି ବିଷୟ ନେଇ ସ୍ୱାମୀ-ସ୍ତ୍ରୀ ମଧ୍ୟରେ କେତେଥର ଝଗଡ଼ା ଲାଗିସାରିଥିଲା ଏବଂ ସର୍ତ୍ତ ମଧ୍ୟ ହୋଇସାରିଥିଲା । ସ୍ତ୍ରୀଟି କହୁଥିଲା—ଏଥର ଯଦି ପୁଅଟିଏ ନହେଲା ତେବେ ସତରେ ମୁଁ ଆଉ ମୁହଁ ଦେଖାଇବି ନାହିଁ । ସମସ୍ତ ଲକ୍ଷଣ ପୁଅର ସୂଚନା ଦେଉଛି । ଆଉ ଗୁଦଡ଼ କହୁଥିଲା—ରହି ଦେଖିବୁ, ନିଶ୍ଚୟ ଝିଅଟିଏ ହିଁ ହେବ । ପୁଅ ହେଲେ ମୁଁ ନିଶ କାଟିଦେବି, ହଁ ହଁ ନିଶ କାଟିଦେବି । ଗୁଦଡ଼ ଭାବୁଥିଲା ବୋଧହୁଏ ଏହିପରି ନିଜ ସ୍ତ୍ରୀ ମନରେ ପୁତ୍ର କାମନାକୁ ବଳବତ୍ତର କରି ସେ ପୁଅର ଆଗମନର ରାସ୍ତା ପରିଷ୍କାର କରୁଛି ।

ତେଣୁ ସେତେବେଳେ ଭୁଙ୍ଗୀ କହିଲା—"ଏବେ ନିଶ କାଟ୍ ! କହୁନଥିଲି ପୁଅ ହେବ ! ଜିଦ୍ ଧରିଥିଲୁ, ମୋ କଥା ଶୁଣୁନଥିଲୁ । ମୁଁ ତୋର ସବୁ ନିଶ ସଫା କରିଦେବି—ଟିକିଏ ମଧ୍ୟ ଛାଡ଼ିବିନାହିଁ ।"

ଗୁଦଡ଼ କହିଲା—"ହଉ ହେଲା କାଟିଦବୁ । ନିଶ କଣ ଆଉ ଥରେ କଅଁଳିଯିବନାହିଁ କି ? ଦୁଇଦିନ ପରେ ଦେଖିବୁ ରହି ପୂର୍ବ ଭଳି ହୋଇଯିବ । କିନ୍ତୁ କହିରଖୁଛି ଯାହା କିଛି ମିଳିବ ସେଥିରୁ ଅଧା ମୋର ।"

ଭୁଙ୍ଗୀ ତାକୁ ଖଡେଇଦେଇ ତାର ଡିନିମାସର ପୁଅକୁ ଗୁଦଡ଼ କୋଳରେ ଦେଇ ସିପାହୀ ସାଙ୍ଗରେ ବାହାରିପଡ଼ିଲା । ଗୁଦଡ଼ ଦୂରରୁ ଡାକଚକେଇଲା—ଆଲେ ଟିକିଏ ଶୁଣିଯା; କୁଆଡ଼େ ଦଉଡ଼ୁଛୁ ? ମୁଁ ମଧ୍ୟ ଟିକିଏ ସଙ୍ଗୋଳିବାପାଇଁ ଯିବି । ପୁଅକୁ କିଏ ସମ୍ଭାଳିବ ?" ଭୁଙ୍ଗୀ ଯାଉଯାଉ କହିଲା—'ତାକୁ ସେଇ ତଳେ ଶୁଆଇଦେଇଥିବୁ । ମୁଁ ଆସି କ୍ଷୀର ପିଆଇଦେବି ।"

Digitized by PPRACHIN, SOA

(୨)

ଏଥର ମହେଶନାଥଙ୍କ ଘରେ ଢ୍ରୁଙ୍ଗୀକୁ ବହୁତ ଭଲ ଚର୍ଚ୍ଚା କଲେ । ସକାଳେ ପିଇବା ପାଇଁ ସୁସ୍ୱାଦୁ ସରବତ୍, ଦିପହରରେ ପୁରି ଆଉ ହାଲୁଆ, ଉପରଓଳ ଏବଂ ରାତିକୁ ମଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଭୋଜନ ମିଳୁଥିଲା । ଗୁଦଡ଼ିକୁ ମଧ ପେଟପୂରା ଖାଇବାକୁ ମିଳୁଥିଲା । ପୂରା ଦିନଟାରେ ଢ୍ରୁଙ୍ଗୀ ତା ପିଲାକୁ କେବଳ ଥରେ ଅବା ଦୁଇଥର ଦୁଧ ପିଇବାକୁ ଦେଇପାରୁଥିଲା । ତା ପିଲା ଭାଗ୍ୟକୁ କେବଳ ବଳକା ମା'କ୍ଷୀର ଟିକେ ପିଉଥିଲା । ଢ୍ରୁଙ୍ଗୀର ସବୁ କ୍ଷୀର ଜମିଦାର ବାବୁଙ୍କର ଭାଗ୍ୟବାନ୍ ପୁଅ ପିଉଥିଲା । ବାରଦିନ ପର୍ଯ୍ୟନ୍ତ ଏପରି ଚାଲିଥିଲା । ମାଲିକାଣୀ ବହୁତ ସୁସ୍ଥ ସବଳ ଥିଲେ । କିନ୍ତୁ ଦୁର୍ଭାଗ୍ୟକୁ ଏଥର ତାଙ୍କଠାରେ କ୍ଷୀର ହେଲାନାହିଁ । ଅନ୍ୟ ତିନି ଝିଅଙ୍କ ବେଳକୁ ଏତେ କ୍ଷୀର ହୁଏ ଯେ ପିଲାମାନଙ୍କୁ ବଦ-ହଜମି ଧରିନଏ । ଢ୍ରୁଙ୍ଗୀ ଧାଇ କାମ କରୁଥିଲା ଏବଂ କ୍ଷୀର ମଧ ପିଆଉଥିଲା । ମାଲିକାଣୀ କହୁଥିଲେ—ଢ୍ରୁଙ୍ଗୀ, ଆମର ପିଲାମାନଙ୍କୁ ପାଳିଦେଲେ ବଞ୍ଚିଥିବା ପର୍ଯ୍ୟନ୍ତ ବସି ଖାଉଥିବୁ । ପାଞ୍ଚଗୁଣ୍ଠ ଜମି ତୋ ନାଁରେ କରିଦେବି । ନାତି-ଅଣନାତି ପର୍ଯ୍ୟନ୍ତ ବସି ଖାଉଥିବେ ।

ସେପଟେ ଢ୍ରୁଙ୍ଗୀର ଗେହ୍ଲା ପୁଅ ବାହାର କ୍ଷୀର ହଜମ କରି ନପାରି ବାନ୍ତି କରିଦିଏ । ସେ ଦିନକୁଦିନ ଦୁର୍ବଳ ହେବାକୁ-ଲାଗିଲା । ଢ୍ରୁଙ୍ଗୀ କହେ—ବୋହୂମା, ପୁଅର ବାଳ ଦେଇଲେ ମୋପାଇଁ ହାତକୁ କଙ୍କଣ କରିଦେବ, ଆଗରୁ କହିଦେଉଛି ।

ବୋହୂ କହନ୍ତି—ହଁ ହଁ ଲୋ, ଚୂଡ଼ି କରିଦେବେ—ଏତେ ଡରଉଛୁ କାହିଁକି ? କଣ ରୂପାର କରିବୁ ନା ସୁନାର ।

—ଭଲ ରୂପାର ଖଡ଼ୁ ପିନ୍ଧି ମୁଁ କାହାକୁ ମୁହଁ ଦେଖେଇ-ପାରିବି—ସମସ୍ତେ ହସିବେନି ?

Digitized by PPRACHIN, SOA

—ହଉ ହେଲା ସୁନାର ନେବୁ ।

—ଆଚ୍ଛା, ପୁଅର ବାହାଘରକୁ ବେକପାଇଁ ହ୍ରେନଟ ଏବଂ ତାଙ୍କ ପାଇଁ ହାତର ବଳା ନେବ ।

—ଭଗବାନଙ୍କ ଦୟା ହେଲେ ସେଦିନ ଆସିଲେ ସବୁ ନେବୁ ।

ମାଲିକାଣୀଙ୍କ ପରେ ଘରେ ଭୁଙ୍ଗୀର ରାଜୁତି ଚାଲିଥିଲା । ଘରେ କାମ କରୁଥିବା ସମସ୍ତେ—ଗଉଡ଼ୁଣୀ, ଜମାଦାର, ଚାକର ଇତ୍ୟାଦି ତାର ପ୍ରତିପତ୍ତି ସହି ଚଳୁଥିଲେ—ଏପରିକି ନିଜେ ବୋହୂରାଣୀ ମଧ ବେଳେବେଳେ ତା ଆଗରେ ଦବି ଯାଉଥିଲେ । ଥରେ ସେ ମହେଶନାଥଙ୍କୁ ମଧ ଧମକେଇଦେଇଥିଲା । ସେ ହସରେ କଥାଟା ଉଡ଼େଇଦେଇଥିଲେ । ମେହେନ୍ତରାଣୀ କଥା ପଡ଼ିଥିଲା । ମହେଶନାଥ କହିଲେ—ଯାହା ହେଇଯାଉ ପଛେ, ମେହେନ୍ତରାଣୀଗୁଡ଼ାକ ଆଉ ମଣିଷ ହୋଇ ପାରିବେ ନାହିଁ ।

ଏହା ଶୁଣି ଭୁଙ୍ଗୀ କହିଲା—ବାବୁ, ଏଇ ମେହେନ୍ତରଗୁଡ଼ାକ କେତେ ବଡ଼ ବଡ଼ଆଙ୍କୁ ମଣିଷ କରନ୍ତି—ତାଙ୍କୁ ଆଉ କିଏ କଣ ମଣିଷ କରିବ ?

ଅନ୍ୟ କୌଣସି ସମୟରେ ଏପରି କଥା କହିଥିଲେ ଭୁଙ୍ଗୀର ଅବସ୍ଥା ଅସମ୍ଭାଳ ହୁଅନ୍ତାଣି । କିନ୍ତୁ ଆଜି ବାବୁ ଜୋର୍‌ରେ ହସି ଉଠି କହିଲେ—ଭୁଙ୍ଗୀ ବହୁତ ଚାଲାକ୍ କଥା କହେ !

(୩)

ଭୁଙ୍ଗୀର ଜମିଦାରଙ୍କ ଘରେ କେବଳ ବର୍ଷେ ପାଇଁ ରାଜତ୍ୱ ଚାଲିଲା । ବ୍ରାହ୍ମଣମାନେ ମେହେନ୍ତରାଣୀଠାରୁ ନବଜାତ ପୁତ୍ର କ୍ଷୀର ପିଇବା ଦେଖି ଆପତ୍ତି କଲେ । ମୋଟାରାମ ଶାସ୍ତ୍ରୀ ପ୍ରାୟଶ୍ଚିତ୍ତ କରିବାପାଇଁ ମଧ ପ୍ରସ୍ତାବ ଦେଲେ । କ୍ଷୀର ପିଇବାଟା ତ ବନ୍ଦ ହୋଇଗଲା, କିନ୍ତୁ ପ୍ରାୟଶ୍ଚିତ୍ତ କଥାଟା ମହେଶନାଥ

Digitized by PPRACHIN, SOA

ହସ୍ତରେ ଉଡ଼େଇଦେଲେ । ସେ ବିରକ୍ତ ହୋଇ କହିଲେ— ପ୍ରାୟଶ୍ଚିତ୍ତ କାହିଁକି ? ଆଜି ପର୍ଯ୍ୟନ୍ତ ସେ ମେହେନ୍ତରାଣୀର ରକ୍ତ ପିଇ ବଞ୍ଚିଲା—ଏବେ କିପରି ସେ ଅଛୁଆଁ ହୋଇଗଲା ବାଃ, ଏହା କଣ ଆପଣଙ୍କର ଉଚିତ ବିଚାର ?

ଶାସ୍ତ୍ରୀ କ୍ରୋଧଜର୍ଜରିତ ହୋଇ କହିଲେ—ଏହା ସତ୍ୟ ଯେ କାଲି ପର୍ଯ୍ୟନ୍ତ ସେ ତାର ରକ୍ତ ପିଇ ବଞ୍ଚିଲା । କିନ୍ତୁ କାଲିର କଥା କାଲି ଗଲାଣି, ଆଜିର କଥା ବୁଝିନ୍ତୁ । ପୁରୀ ଜଗନ୍ନାଥ ଧାମରେ ଛୁଆଁ-ଅଛୁଆଁ ସମସ୍ତେ ଏକାଠି ବସି ଖାଆନ୍ତି, କିନ୍ତୁ ଏଠାରେ ଆଉ ତାହା ହୋଇ ପାରିବ ନାହିଁ । ବେମାର ପଡ଼ିଲେ ଆମେ ମଧ ବସ୍ତ୍ର ପରିଧାନ କରି ଭୋଜନ କରୁ, ଖେଚେଡ଼ି ମଧ ଖାଇଦେଉ । କିନ୍ତୁ ଭଲ ହୋଇଗଲା ପରେ ପୁଣି ନିୟମ ପାଳନ କରିବାକୁ ପଡ଼େ । ବିପଦ ବେଳର କଥା ଅଲଗା । ଅବସ୍ଥା ବଦଳି ଗଲେ ପୁଣି ଗୋଟାଏ ମାତ୍ର ନିୟମତ ଅଛି !

—ତାହାହେଲେ ଏହାର ମାନେ ହେଉଛି ଧର୍ମ ବଦଳୁଥିବ—ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଧର୍ମ ।

—ଆଉ ନୁହେଁ ତ କଣ ! ରାଜାଙ୍କର ଗୋଟେ ପ୍ରକାରର ଧର୍ମ । ପ୍ରଜାମାନଙ୍କର ଧର୍ମ ଅଲଗା । ଧନୀ ଓ ଦରିଦ୍ରମାନଙ୍କର ଧର୍ମ ମଧ ସେହିପରି ପୃଥକ୍ ଅଟେ । ରାଜା ମହାରାଜାମାନେ ଯାହା ଇଚ୍ଛା ଖାଇବେ, ଯାହା ସାଥିରେ ଚାହିଁବେ ଖାଇପାରିବେ, ନିଜ ଇଚ୍ଛା ମୁତାବକ ବିବାହ କରିବେ, ସେମାନଙ୍କ ପାଇଁ କୌଣସି ବାଧା ନାହିଁ । ଯେତେ ପ୍ରକାରର ବାଧା ଓ ନିୟମ କେବଳ ଏହି ମଧବିତ୍ତ ଶ୍ରେଣୀଙ୍କ ପାଇଁ ।

ପ୍ରାୟଶ୍ଚିତ୍ତ ଆଉ ହୋଇ ପାରିଲାନାହିଁ । କିନ୍ତୁ ଭୁଙ୍ଗୀ ତା ପଦାଙ୍କରେ ଆଉ ତିଷ୍ଠି ରହି ପାରିଲା ନାହିଁ । ଦାନ ଦକ୍ଷିଣା ଇତ୍ୟାଦି ତାକୁ ଏତେ ମିଳିଲା ଯେ ସେ ଏକେଲା ବୋହିନେଇ

Digitized by PPRACHIN, SOA

ପାରିଲା ନାହିଁ । ତା ସାଙ୍ଗେ ସାଙ୍ଗେ ସୁନାର ଖଡ଼ୁ ମଧ୍ୟ ମିଳିଲା ଶ। କେବଳ ଲୋକ ଦେଖା ପାଇଁ ନୁହେଁ—ପ୍ରକୃତରେ ଗୋଟିଏ ବର୍ଷବର୍ଷେ ଦୁଇଟି ସୁନ୍ଦର ଶାଢ଼ୀ ମିଳିଲା ।

(୪)

ସେ ବର୍ଷ ପ୍ଲେଗ୍ ରୋଗ ପ୍ରବଳ ବେଗରେ ବ୍ୟାପିଲା । ପ୍ରଥମ ଥରରେ ହିଁ ଗୁଦଡ଼ ଆରପୁରକୁ ଚାଲିଗଲା । ଭୁଙ୍ଗୀ ଏକେଲା ରହିଯାଇଥିଲେ ମଧ୍ୟ ଘରକରଣା ପୂର୍ବଭଳି ଚାଲୁଥିଲା । ଲୋକ-ମାନେ ଧରିନେଇଥିଲେ ଯେ ସ୍ୱାମୀକୁ ହରାଇ ଭୁଙ୍ଗୀର ଅବସ୍ଥା ବର୍ତ୍ତମାନ ଶୋଚନୀୟ ହୋଇ ପଡ଼ିବ । ତାର ଜାତିଲୋକେ ଅନେକ ବୁଝାବୁଝି କଲେ, କେତେ ବଡ଼ବଡ଼ିଆ ଲୋକେ ବୁଝାଇଲେ—କିନ୍ତୁ ଭୁଙ୍ଗୀ ଘରୁ କୁଆଡ଼େ ବାହାରିଲା ନାହିଁ । ଏହିପରି ପାଞ୍ଚବର୍ଷ ବିତିଗଲା ଏବଂ ତାର ପୁଅ ମଙ୍ଗଳ ସବୁବେଳେ ଦୁର୍ବଳ ଓ ରୋଗିଣା ରହିଲେ ମଧ୍ୟ ଦଉଡ଼ିବା ଆରମ୍ଭ କରି ଦେଇ-ଥିଲା । ଜମିଦାରଙ୍କ ପୁଅ ସୁରେଶ ପାଖରେ ସେ ଅତି ଦୁର୍ବଳ ଦେଖାଯାଉଥିଲା ।

ଦିନେ ଭୁଙ୍ଗୀ ମହେଶନାଥଙ୍କ ଘରର ନଳା ସଫା କରୁଥିଲା । ମାସ ମାସ ଧରି ଆବର୍ଜନା ଜମିରହୁଥିବାରୁ ପାଣି ଯାଇ ନପାରି ଅଗଣାରେ ଜମିରହୁଥିଲା । ସେ ଗୋଟିଏ ଲମ୍ବା ବାଉଁଶ ନଳା ଭିତରେ ଭର୍ତ୍ତିକରି ଜୋର୍‌ରେ ହଲାଉଥିଲା । ତାର ପୂରା ଡାହାଣ ହାତଟି ନଳା ଭିତରେ ପଶିଯାଇଥାଏ । ହଠାତ୍ ଏକ ବିକଟ ଚିତ୍କାର କରି ସେ ହାତଟି ବାହାରକୁ ଟାଣି ଆଣିଲା ଏବଂ ସେହି ସମୟରେ ଏକ କଳା ସାପ ନଳାମୁହଁରୁ ବାହାରି ପଳାଇଲା । ଲୋକମାନେ ଦଉଡ଼ି ଆସି ସାପଟିକୁ ମାରିଦେଲେ ସିନା—କିନ୍ତୁ ଭୁଙ୍ଗୀକୁ ବଞ୍ଚାଇ ପାରିଲେ ନାହିଁ । ଭାବିଲେ ପାଣି ସାପଟାଏ

Digitized by PPRACHIN, SOA

ବୋଧହୁଏ, ବିଷାକ୍ତ ହୋଇନଥିବ । ତେଣୁ ପ୍ରଥମେ ଅବହେଳା କରିଦେଲେ । ଯେତେବେଳେ ଦେହ ସାରା ବିଷ ଖେଳିଗଲା ଏବଂ ଦେହ ଥରିଉଠିଲା, ସେତେବେଳେ ଯାଇ ଜାଣିପାରିଲେ ସେଇଟା ଭୟଙ୍କର ବିଷାକ୍ତ ସାପ ଥିଲା ।

ମଙ୍ଗଳ ଅନାଥ ହୋଇଗଲା । ଧନଯାକ ମହେଶ ବାବୁଙ୍କ ଦୁଆର ପାଖରେ ବୁଲୁଥାଏ । ଖାଇବା ପିଇବାରେ ତାର କୌଣସି ଅଭାବ ନଥାଏ । କାରଣ ମହେଶ ବାବୁଙ୍କ ଘରେ ଯେତିକ ଅଇଁଠା ଜିନିଷ ଫୋପଡ଼ାହୁଏ, ସେଥିରେ ହୁଏତ ତାପରି ପାଞ୍ଚଟା ପିଲା ସେମାନଙ୍କର ପେଟ ପୂରେଇ ପାରିବେ । ଅବଶ୍ୟ ତାକୁ ବାଧେ, ଯେତେବେଳେ ତାକୁ ଏକ ମାଟି ସରାରେ ଖାଇବା ପାଇଁ ଦିଆଯାଏ । ସେ ଭାବେ ସମସ୍ତେ ଭଲ ବାସନରେ ଖାଇବେ— କିନ୍ତୁ ତା ପାଇଁ କାହିଁକି ଏ ମାଟିର ସରା ?

ସାଧାରଣତଃ ସେ ଏହି ଭେଦଭାବ ବିଷୟରେ ବୁଝିପାରେନାହିଁ ; କିନ୍ତୁ ଗାଁର ପିଲାମାନେ ତାକୁ ଚିଡ଼ାଇ ଖୁବ୍ ଅପମାନ ଦେଉଥିଲେ । ତାକୁ କେହି ସାଙ୍ଗରେ ଖେଳାଉନଥିଲେ । ଏପରିକି ସେ ଯେଉଁ ପାଲିଖଣ୍ଡିକରେ ଶୁଏ ତାକୁ ମଧ୍ୟ କେହି ଛୁଉଁନଥିଲେ । ଘର ସାମନାରେ ଗୋଟିଏ ନିମ୍ବ ଗଛ ଥିଲା—ମଙ୍ଗଳ ତାତଳେ ଉଠା-ବସା କରେ । ଖଣ୍ଡେ ଛିଣ୍ଡା ଅଖା, ମାଟିର ଦୁଇଟି ସରା ଏବଂ ସୁରେଶ ବାବୁଙ୍କର ଗୋଟିଏ ପୁରୁଣା ଧୋତି, ତାର ଆସବାବ ମଧ୍ୟରେ ଥିଲା । ଖରା ବର୍ଷା, ଶୀତ ସବୁରିତୁ ସେ ସେହିପରି କଟାଏ । ହତଭାଗା ମଙ୍ଗଳ, ଖରାଦିନର ଝାଞ୍ଜି ପବନ, ଶୀତଋତୁର ହାଡ଼-ଥରା ଶୀତ ଏବଂ ମୂଷଳଧାରାର ବର୍ଷା ସହି ମଧ୍ୟ ବଞ୍ଚିଥିଲା ଓ ପୂର୍ବ-ଠାରୁ ବଳି ଅଧିକ ସ୍ୱାସ୍ଥ୍ୟବାନ୍ ହୋଇ ଯାଇଥିଲା । ବାସ୍, ତାର ଆପଣାର ହୋଇ ସେଇ ଗାଁରେ କେବଳ ଗୋଟିଏ କୁକୁର ଥିଲା,

Digitized by PPRACHIN, SOA

ଯେ କି ମଙ୍ଗଳର ଦୁଃଖରେ ଦୁଃଖୀ ହୋଇ ତାର ଶରଣାଗତ ହୋଇଥିଲା । ଦୁଇଜଣଯାକ ଏକ ପ୍ରକାର ଖାଉଥିଲେ, ଗୋଟିଏ ଶେଯରେ ଶୋଉଥିଲେ, ଏବଂ ଦୁହେଁ ପରସ୍ପରର ସ୍ୱଭାବ ଭଲ-ଭାବରେ ଜାଣିଯାଇଥିଲେ । ଦୁଇଜଣଙ୍କ ମଧ୍ୟରେ କେବେହେଲେ କଳିଗୋଳ ହେଉନଥିଲା ।

ଗାଁର ଧର୍ମପରାୟଣ ଲୋକେ ବାବୁଙ୍କର ଏହି ଉଦାରତା ଦେଖି ଆଶ୍ଚର୍ଯ୍ୟ ହେଉଥିଲେ । ଦ୍ୱାରର ଠିକ୍ ସାମନାରେ ପଗ୍ଭଣ ହାତ ଦୂରତା ମଧ୍ୟରେ, ମଙ୍ଗଳର ପଡ଼ିରହିବାଟା ସେମାନଙ୍କୁ ଧର୍ମ-ବିରୁଦ୍ଧତା ବୋଲି ଜଣାପଡ଼ୁଥିଲା । ଏପରି ଅବସ୍ଥା ରହିଲେ ଅଳ୍ପ ଦିନ ମଧ୍ୟରେ ଧର୍ମ ନାଶ ହେଲା ବୋଲି ଜାଣ । ନୀଚଜାତି ଲୋକମାନେ ମଧ୍ୟ ଈଶ୍ୱରଙ୍କ ସୃଷ୍ଟି, ତାହା ଆମେ ଜାଣିଛୁ । ସେମାନଙ୍କ ପ୍ରତି ଆମେ କୌଣସି ପ୍ରକାର ଅନ୍ୟାୟ କରିବା ଉଚିତ ନୁହେଁ—ସେଇଟା କିଏ ନଜାଣିଛି ? ଭଗବାନଙ୍କର ଅନ୍ୟ ନାମ ପତିତପାବନ । କିନ୍ତୁ ସମାଜରେ ରହିଲେ ତ ମର୍ଯ୍ୟାଦା ଜଗି ଚଳିବାକୁ ପଡ଼ିବ ? ସେହି ଦ୍ୱାର ଡେଇଁବାକୁ ସଙ୍କୋଚ ଲାଗୁଛି—ତେବେ ଗାଁର ଯେ ମାଲିକ, ତେଣୁ ଯିବାକୁ ହେବ । ନହେଲେ ସେଠାକୁ ଯିବା ପାଇଁ ପ୍ରକୃତରେ ଘୃଣା ଲାଗୁଛି ।

ମଙ୍ଗଳ ଓ ଟମିର ଗଭୀର ବନ୍ଧୁତା ଥିଲା । ମଙ୍ଗଳ କହେ—ଭାଇ ଟମି, ଦେଖ୍ ତୁ ଆଉ ଟିକିଏ ଘୁଞ୍ଚିକରି ଶୁଅ । ମୋ ପାଇଁ ଶୋଇବାକୁ ଜାଗା ନାହିଁ । ତୁ ପୂରା ଜାଗା ମାଡ଼ିବସିଛୁ ।

ତାହା ଶୁଣି ଟମି କୁଁ କୁଁ କରେ, ଲାଙ୍ଗୁଡ଼ ହଲାଏ ଏବଂ ଘୁଞ୍ଚିଯିବା ବଦଳରେ ଆହୁରି ପାଖକୁ ଲାଗିଆସେ । ମଙ୍ଗଳର ମୁହଁ ଗ୍ଭଟିବାକୁ ଲାଗେ ।

ପ୍ରତିଦିନ ସନ୍ଧ୍ୟାରେ ମଙ୍ଗଳ ତା ଘରଆଡ଼େ ଯାଇ ବୁଲି ଆସେ ଏବଂ ପୂର୍ବ କଥା ମନେପକାଇ ଟିକିଏ କାନ୍ଦେ । ପ୍ରଥମ ବର୍ଷ

Digitized by PPRACHIN, SOA

ଘରର ଛପର ଉପୁଡ଼ିଗଲା, ଦକ୍ଷିଣପୂର୍ବର୍ଷ ଗୋଟେ କାନ୍ଥ ପଡ଼ିଗଲା । ବର୍ତ୍ତମାନ କେବଳ ଅଧାଭଙ୍ଗା କେତେଟା କାନ୍ଥ ରହିଯାଇଥିଲା । ଏହିତକ କେବଳ ତାର ଆଦରର ସମ୍ପତ୍ତି ହୋଇ ଥିଲା । ପୂର୍ବର ସ୍ମୃତି, ସେହି ଆକର୍ଷଣ, ତାକୁ ବାରମ୍ବାର ସେହି ଧ୍ୱସ୍ତ ଜାଗାଟିକୁ ଟାଣିନେଉଥିଲା ଏବଂ ଟମି ସର୍ବଦା ତା ପଛେ ପଛେ ଯାଉଥିଲା । ସେଠାକୁ ଯାଇ ମଙ୍ଗଳ ସେହି ଭଙ୍ଗା କାନ୍ଥ ଉପରେ ବସି ଅଶାନ୍ତର ସ୍ମୃତି ଏବଂ ଆଗାମୀ କାଳର ସ୍ୱପ୍ନରେ ବିଭୋର ହୋଇଗଲାବେଳେ, ଟମି ବାରମ୍ବାର ଡେଇଁ ମଙ୍ଗଳର କୋଳରେ ବସିବାପାଇଁ ଅସଫଳ ଚେଷ୍ଟା କରୁଥାଏ ।

(୪)

ଦିନେ କେତେ ଜଣ ପିଲା ଖେଳୁଥିଲେ । ମଙ୍ଗଳ ସେହି-ସମୟରେ ସେଠାରେ ପହଞ୍ଚି ଟିକଏ ଦୂରେଇ ଠିଆହେଲା । ତାକୁ ଦେଖି ବୋଧହୁଏ ସୁରେଶର ମନରେ ଦୟା ଆସିଲା କମ୍ବା ଖେଳର ପୂରା ଯୋଡ଼ ହେଉନଥିଲା । ଯାହାହେଉ, ସେ କହିଲା ଯେ ସେଦିନ ମଙ୍ଗଳ ମଧ୍ୟ ତାଙ୍କ ସାଙ୍ଗରେ ଖେଳିବ । କିଏ ଅବା ଏଠାକୁ ଦେଖିବାକୁ ଆସିବ ? ସେ ପଚାରିଲା—କଣରେ ମଙ୍ଗଳ ଖେଳିବୁ ?

ମଙ୍ଗଳ କହିଲା—ନାହିଁ ଭାଇ, ଯଦି ବାବୁ ଦେଖି ଦିଅନ୍ତି ତ ତେବେ ପିଠିରୁ ଗ୍ଲାଲ ଉତାରିଦେବେ । ତୁମର କିଛି ଚିନ୍ତା ନାହିଁ, କାରଣ ତୁମେ ଅଲଗା ହେଇଯିବ ।

ସୁରେଶ କହିଲା—ଆରେ ଏଠାକୁ କିଏ ଦେଖିବା ପାଇଁ ଆସୁଛି ? ଚାଲ୍ ଆମେମାନେ ସମସ୍ତେ ମିଶି ଖେଳିବା । ତୁ ଘୋଡ଼ା ହେବୁ, ଆମେ ତୋ ଉପରେ ବସିଲେ ତୁ ଦୌଡ଼ିବୁ ।

ମଙ୍ଗଳ ଡର ଡର ପଚାରିଲା—ଆଚ୍ଛା କହିଲ, ମୁଁ କଣ

Digitized by PPRACHIN, SOA

ସବୁବେଳେ ଘୋଡ଼ା ହେଉଥିବ ନାଁ ମତେ ମଧ୍ୟ କାଏ ପିଠିରେ ବସେଇବ ?

ଏହି କଥାଟି ପୂର୍ବରୁ କେହି ବିଚାର କରିନଥିଲେ । କିଛି କ୍ଷଣ ଭାବି ସୁରେଶ କହିଲା—ଭାବିଲୁ ତତେ କିଏ ପିଠି ଉପରେ ବସେଇବ ? ଯାହା ହେଲେ ବି ତୋର ଶ୍ରେଷ୍ଠ ଜାତି ।

ମଙ୍ଗଳ ରାଗିଗଲା । କହିଲା—ମୁଁ କଣ କହୁଛି ମୋର ଉଚ୍ଚ ଜାତି ବୋଲି ? କିନ୍ତୁ ତତେ ମୋ ମା କ୍ଷୀର ଦେଇ ବଢ଼େଇଛି । ମତେ ଯଦି ତମେମାନେ ପିଠିରେ ବସାଇବ ନାହିଁ ମୁଁ ଘୋଡ଼ା ହେବି ନାହିଁ । ତମେମାନେ ବହୁତ ଚାଲାକ୍ । ତୁମେ ସବୁ ମଜ୍ଜାରେ ବୁଲିବ, ଆଉ ମୁଁ ଘୋଡ଼ା ହୋଇ ରହିଥିବି ।

ସୁରେଶ ଧମକାଇ କହିଲା, "ତତେ ଘୋଡ଼ା ହେବାକୁ ପଡ଼ିବ ।" ସେ ମଙ୍ଗଳକୁ ଧରିବା ପାଇଁ ତା ପଛରେ ଦଉଡ଼ିଲା । ମଙ୍ଗଳ ଦଉଡ଼ିଲା—ଆଉ ସୁରେଶ ତା ପଛରେ ଗୋଡ଼େଇଲା । ମଙ୍ଗଳ ଆହୁରି ଜୋର୍‌ରେ ଦଉଡ଼ିବାକୁ ଲାଗିଲା । ସୁରେଶ ତାକୁ ଧରିବାକୁ ବହୁତ ଚେଷ୍ଟା କଲା । କିନ୍ତୁ ସୁରେଶ ବେଶି ବେଶି ଖାଇ ମୋଟା ହୋଇଯାଇଥିଲା । ଜୋର୍‌ରେ ଦଉଡ଼ିବାରୁ ସେ ଅଣନିଶ୍ୱାସୀ ହୋଇପଡ଼ିଲା ।

ସୁରେଶ ଶେଷରେ ଠିଆହୋଇଯାଇ କହିଲା—"ଜଲ୍‌ଦି ଆସି ଘୋଡ଼ା ହେଇଯା ମଙ୍ଗଳ, ନହେଲେ ପରେ ହାବୁଡ଼ରେ ପଡ଼ିଗଲେ ବହୁତ ମାଡ଼ ଖାଇବୁ ।"

—ତମେ ମଧ୍ୟ ଘୋଡ଼ା ହେବ ତ ?

—ହଉ ହେଲା, ଆମେ ମଧ୍ୟ ଘୋଡ଼ା ହେବୁ ।

—ତମେମାନେ ଖସି ପଳାଇବ । ତମେ ପ୍ରଥମେ ଘୋଡ଼ା ହୁଅ । ମୁଁ ଟିକିଏ ବସି ସାରିଲା ପରେ ମୁଁ ପୁଣି ଘୋଡ଼ା ହେବି ।

Digitized by PPRACHIN, SOA

ସୁରେଶ ଭାବିଥିଲା ମଙ୍ଗଳକୁ କୌଣସିମତେ ଭୁଲେଇଦେବ । କିନ୍ତୁ ମଙ୍ଗଳର କଥା ଶୁଣି କହିଲା—ସେ ବଦ୍‌ମାସକୁ ଦେଖୁଛୁ—ସେଇଟା ସତରେ ହାଡ଼ଟାଏ ।

ତିନିଜଣ ପିଲା ମଙ୍ଗଳକୁ ଘେରିଗଲେ ଆଉ ତାକୁ ଜବରଦସ୍ତି ଘୋଡ଼ା କରିଦେଲେ । ସୁରେଶ ଚଟାପଟ୍ ତା ପିଠି ଉପରେ ଆସନ ଜମାଇଦେଲା, ଆଉ ଟିକ୍‌ଟିକ୍ ଶବ୍ଦ କରି କହିଲା—ଚାଲ୍ ଘୋଡ଼ା ଚାଲ୍ ।

ମଙ୍ଗଳ କିଛି ଦୂର ଗଲା, କିନ୍ତୁ ସେହି ବୋଝରେ ତାର ଅଣ୍ଟା ଭାଙ୍ଗି ପଡ଼ିଲା ଭଳି ଲାଗୁଥାଏ । ସେ ଆସ୍ତେ କରି ତା ପିଠି ତଳକୁ କଲା ଏବଂ ସୁରେଶର ଦୁଇ ଜଙ୍ଘ ମଧ୍ୟରୁ ଖସି ଆସିଲା । ସୁରେଶ ମହାଶୟ ଲଥ୍‌କରି ତଳେ ପଡ଼ିଗଲେ ଏବଂ ପରେ ପରେ କାନ୍ଦ ଆରମ୍ଭ କରିଦେଲେ ।

ମା' ଶୁଣି ପାରିଲେ ସୁରେଶ କେଉଁଠାରେ କାନ୍ଦୁଛି । ପୁଅ ଯେତେ ଦୂରରେ କାନ୍ଦିଲେ ମଧ୍ୟ ତାଙ୍କ କାନରେ ନିଶ୍ଚୟ ସେହି ଧ୍ୱନି ଆସି ବାଜେ । ତାର କାନ୍ଦ ମଧ୍ୟ ସେହିପରି ସମସ୍ତଙ୍କଠାରୁ ଅଲଗା ଥିଲା । ମା ଘରର ଚାକରାଣୀକୁ ଡାକି କହିଲେ—ଦେଖିଲୁ, ସୁରେଶ କେଉଁଠି କାନ୍ଦୁଛି । ବୁଝିଲୁ ତାକୁ କିଏ ସେ ମାରିଲା ?

ସେହି ସମୟରେ ସୁରେଶ ଆସି ଆଖି ମଳି ମଳି ସେଠାରେ ପହଞ୍ଚିଲା । ଥରେ କାନ୍ଦିବାର ସୁଯୋଗ ମିଳିଗଲେ ସେ ମା'ଙ୍କ ନିକଟରେ ଅଭିଯୋଗ ନ କରି ଛାଡ଼େନାହିଁ । ମା' କିଛି ମିଠେଇ ଧରେଇଦେଇ ତାର ଲୁହ ପୋଛିଦିଅନ୍ତି । ସୁରେଶକୁ ସେତେ-ବେଳକୁ ଆଠବର୍ଷ—ଅତି ଜିଦ୍‌ଖୋର ସ୍ୱଭାବ । ଅତ୍ୟଧିକ ଖାଦ୍ୟ ତାର ଶରୀରକୁ ଯେପରି ସ୍ଥୂଳକାୟ କରିଥିଲା, ସେପରି ସମସ୍ତଙ୍କ ଅତ୍ୟଧିକ ସ୍ନେହ ପାଇ ତାର ବୁଦ୍ଧିର ମଧ୍ୟ ସେହି ଅବସ୍ଥା ହୋଇଥିଲା ।

Digitized by PPRACHIN, SOA

ସୁରେଶକୁ ମା' ପଚାରିଲେ—ତୁ କାହିଁକି କାନ୍ଦୁଛୁରେ ବାପା—ତତେ କିଏ ମାରିଛି ? ସୁରେଶ କାନ୍ଦି କାନ୍ଦି କହିଲା—ମଙ୍ଗଳ ଛୁଇଁଦେଲା । ମା' ଏହା ବିଶ୍ୱାସ କରିପାରିଲେ ନାହିଁ । ମଙ୍ଗଳ ଏତେ ନିରୀହ ଥିଲା ଯେ ତାଠାରୁ କେବେ ହେଲେ କୌଣସି ଦୁଷ୍ଟାମିର ଆଶଙ୍କା ନ ଥିଲା । କିନ୍ତୁ ଯେତେବେଳେ ସୁରେଶ ରାଣ ପକାଇଲା ସେମାନେ ବିଶ୍ୱାସ କରିବାକୁ ବାଧ୍ୟ ହେଲେ । ମା' ମଙ୍ଗଳକୁ ଡକାଇ ପଠାଇଲେ ଏବଂ ସେ ଆସିବା ପରେ ତାକୁ ଗାଳି ଦେଇ କହିଲେ—କଣ କରେ ମଙ୍ଗଳ—ଏବେ ଦୁଷ୍ଟାମି ଆରମ୍ଭ କଲୁଣି ? ମୁଁ ତତେ କହିଥିଲି, ସୁରେଶକୁ କେବେହେଲେ ଛୁଇଁବୁନି—ମନେ ଅଛି ନା ନାହିଁ—କହ !

—ମଙ୍ଗଳ ଧୀର ସ୍ୱରରେ କହିଲା—ମନେ କାହିଁକି ନାହିଁ ?

—ତାହାହେଲେ ତାକୁ କାହିଁକି ଛୁଇଁଲୁ ?

—ମୁଁ ଛୁଇଁନାହିଁ ?

—ତୁ ଛୁଇଁନାହୁଁ ? ତାହାହେଲେ ସେ କାନ୍ଦୁଥିଲା କାହିଁକି ?

—ପଡ଼ିଗଲେ—ତେଣୁ କାନ୍ଦିଲେ ।

ଗୋରର ମୁହଁ ଚାଣ ! ମାଲିକାଣି ରାଗରେ ଦାନ୍ତ କଡ଼ମଡ଼ କଲେ । ମଙ୍ଗଳକୁ ମାରିଥିଲେ ତାଙ୍କୁ ସଙ୍ଗେସଙ୍ଗେ ଗାଧୋଇବାକୁ ପଡ଼ିଥାନ୍ତା । ବାଡ଼ିରେ ମାରିଥିଲେ ବି ଛୁଆଁର ବିଦ୍ୟୁତ ପ୍ରବାହ ବାଡ଼ିଦେଇ ତାଙ୍କ ଶରୀରରେ ପ୍ରବେଶ କରିଥାନ୍ତା । ସେଥିପାଇଁ ମନ ଭର୍ତ୍ତିକରି କେବଳ ଗାଳିଦେଇ ପାରିଲେ ଏବଂ ହୁକୁମ୍ ଦେଲେ ସଙ୍ଗେ ସଙ୍ଗେ ସେ ଜାଗା ଗୁଡ଼ ରୁଳିଯିବାପାଇଁ । ଧମକ୍ ଦେଇ କହିଲେ—"ଯଦି ଆଉ କେବେ ତୋର ମୁହଁ ଦେଖିବି ତେବେ ତୋ ରକ୍ତ ପିଇଯିବି । ଏଠାରେ ବସି ମାଗଣାରେ ଖାଇ ଖାଇ ଦୁଷ୍ଟବୁଦ୍ଧି ତୋ ମୁଣ୍ଡରେ ପଶିଲାଣି"—ଏହିପରି କେତେକଥା ।

Digitized by PPRACHIN, SOA

· ଲଜ୍ଜାଯୋଗୁ ନୁହେଁ ବରଂ ମଙ୍ଗଳ ଉପୁଖିତ ହୋଇ-ଯାଇଥିଲା । ସେ ଚୁପ୍‌ଚୁପ୍ ତାର ସବୁଟି ଉଠାଇଲା । ଅଖା ଖଣ୍ଡିକ କାଖରେ ଜାକ ଧୋତିଟିକୁ କାନ୍ଧ ଉପରେ ପକାଇଲା ଏବଂ ସେଠାରୁ କାନ୍ଦ କାନ୍ଦ ଚାଲିଗଲା । ସେ ଠିକ୍ କଲା ସେଠାକୁ ଆଉ କେବେ ହେଲେ ଆସିବ ନାହିଁ । ଏପରି ବଞ୍ଚି ରହିବା ଅପେକ୍ଷା ଭୋକରେ ମରିଯିବା ଭଲ । ବର୍ତ୍ତମାନ ଗାଁରେ ଅନ୍ୟ କୌଣସି ଜାଗାରେ ସେ ଆଶ୍ରୟ ନେବ—ମାଟ ଜାତର ଲୋକକୁ କିଏ ବା ଆଶ୍ରୟ ଦେବ ? ସେ ତାର ସେହି ଭଙ୍ଗାରୁଜା ଘରଆଡ଼କୁ ଚାଲିଲା— ଯେଉଁଠାରେ ଅଶାନ୍ତର ସ୍ମୃତି ତାକୁ ଶାନ୍ତି ଦେଉଥିଲା । ସେ ଖୁବ୍ ଜୋର୍‌ରେ କାନ୍ଦିବାକୁ ଲାଗିଲା । ସେହି ସମୟରେ ଝମି ତାକୁ ଖୋଜି ଖୋଜି ଆସି ସେଠାରେ ପହଞ୍ଚିଲା ଏବଂ ଦୁଇଜଣଯାକ ପୁଣି ସେମାନଙ୍କର ବ୍ୟଥା ଭୁଲିଗଲେ ।

(୭)

କିନ୍ତୁ ଯେମିତି ଆସ୍ତେ ଆସ୍ତେ ସୂର୍ଯ୍ୟ ବୁଡ଼ିଆସେ, ମଙ୍ଗଳର ଦୁଃଖ ମଧ୍ୟ ଉଭେଇଯାଏ । ପିଲାବେଳୁ ତାକୁ ନିର୍ଯ୍ୟାତିତ କରି ଆସିଥିବା ସେହି ଭୋକ ଆସ୍ତେ ଆସ୍ତେ ବଳବାନ୍ ହୋଇଉଠେ । ଆଖି ଦୁଇଟି ଆପଣା ଛାଏଁ ସେହି ମାଟି ସରାଆଡ଼କୁ ଚାଲିଯାଏ । ସେ ସେଠାରେ ଥିଲେ ସୁରେଶର ଅଇଁଠା ମିଠେଇ ଏତେବେଳକୁ ମିଳିସାରନ୍ତାଣି । ଏଠାରେ ବସି କଣ ଧୂଳି ଗୁଡ଼ିବ ? ସେ ଝମିକୁ ପଚାରିଲା—ଝମି କଣ ଖାଇବୁ ? ମୁଁ ଉପାସରେ ଶୋଇଯିବି ।

ଝମି କୁଁ-କୁଁ କରି ବୋଧହୁଏ ଜଣାଇ ଦେଲା—ଏପରି ଅପମାନ ତ ଜୀବନଯାକ ସହିବାକୁ ପଡ଼ିବ । ଏଥିରେ ସାହସ ହରେଇଲେ କପରି ହେବ ? ମୋ କଥା ଦେଖୁନୁ, କେତେବେଳେ କିଏ ବାଡ଼ରେ ପାହାରେ ପିଟିଦେଲେ, ଜୋର୍‌ରେ ପାଟି କରି

Digitized by PPRACHIN, SOA

ଉଠୁଛି, କିନ୍ତୁ କିଛି ସମୟ ପରେ ଲଙ୍ଗୁଡ଼ ହଲେଇ ଯାଙ୍କ ତା ପାଖରେ ପହଞ୍ଚିଯାଉଛି । ଆମେ ଦୁଇଜଣଯାକ କଣ ଏଇଥି-ପାଇଁ ସୃଷ୍ଟି ହୋଇଛେ ?

ମଙ୍ଗଳ କହିଲା—ତାହାହେଲେ ତୁ ଯା; ଯାହା ମିଳିବ ଖାଇଦେବୁ । ମୋ ଚିନ୍ତା କରିବୁ ନାହିଁ ।

ଝିମି ତା ନିଜ ଭାଷାରେ କହିଲା—ଏକୁଟିଆ ଯିବନାହିଁ, ତତେ ସାଥିରେ ନେଇକରି ଯିବ ।

—ମୁଁ ଯିବ ନାହିଁ ।—

—ଭୋକରେ ମରିଯିବୁ ।

—ତୁ ଆଉ କଣ ବଞ୍ଚି ରହିବୁ ?

—ମୋର କେହି କାନ୍ଦିବାକୁ ନାହିଁ ।

—ମୋ ଦଶା ମଧ୍ୟ ସେହିପରି ଭାଇ, ଦିନେ ଯେଉଁ କୁଣ୍ଢାକୁ ଭଲପାଉଥିଲି, ସେ କୃତଘ୍ନତା କଲା—ବର୍ତ୍ତମାନ ସେ କାଳିଆ କୁକୁର ସାଙ୍ଗରେ ରହୁଛି । ଭଲ ହେଲା ତା ଛୁଆଗୁଡ଼ାକୁ ସାଙ୍ଗରେ ନେଇଗଲା, ନହେଲେ ମୋ ଜୀବନ ସଙ୍କଟାପନ୍ନ ହୋଇପଡ଼ଥାନ୍ତା । ପାଞ୍ଚପାଞ୍ଚଟା ପିଲାଙ୍କୁ କିଏସେ ପାଳିବ ?

କିଛି କ୍ଷଣ ପରେ ମଙ୍ଗଳର ଭୋକ ତାକୁ ଏକ ନୂଆ ଉପାୟ ବତାଇଦେଲା । ସେ କହିଲା—"ମାଲିକାଣୀ ଆମକୁ ଖୋଜୁଥିବେ—ନା କଣ ଝିମି !"

"ଆଜି ନୁହେଁ ତ କଣ ? ମାଲିକ ଆଉ ସୁରେଶ ଖାଇ-ସାରିବେଣି । ଗୃହକର୍ତ୍ତ୍ରୀ ତାଙ୍କ ଥାଳିର ବଳକା ଜିନିଷ ସବୁ ଅଲଗା କରିସାରି ଆମକୁ ଡାକପକାଉଥିବ । ବଡ଼ବାବୁ ଆଉ ସୁରେଶ ଥାଳିରେ ଘିଅ ବହୁତ ରହିଥାଏ, ଆଉ ସେ ମିଠା ମିଠା ଜିନିଷଟା—ହଁ ଲହୁଣୀ—ସବୁତକ ନେଇ ଅଳିଆ ଗଦାରେ ପକାଇଦେବେ ।"

Digitized by PPRACHIN, SOA

"ଦେଖିବା, ଆମକୁ ଖୋଜିବା ପାଇଁ କିଏ ଆସୁଛି କି ?"

"ଖୋଜିବାକୁ କିଏ ଆସିବ—ତୁ କଣ ଗୋଟିଏ ପୁରୋହିତ କି ? ଥରେ "ମଙ୍ଗଳ—ମଙ୍ଗଳ ବୋଲି ଡାକିବ, ବାସ୍, ତାପରେ ଥାଳି ନେଇ ସେହି ନଳାରେ ଅଜାଡ଼ିଦେବ।"

"ଆଚ୍ଛା, ତାହାହେଲେ ଚାଲ ଯିବା । ମୁଁ କିନ୍ତୁ ଲୁଚି କରି ରହିଥିବି । ଯଦି ମୋତେ କିଏ ନଡାକିବ ତେବେ ମୁଁ ଫେରି ଆସିବି—ଏତିକି ଜାଣି ଥା ।"

ଦୁଇଜଣ ସେଠାରୁ ଆସି ମହେଶନାଥଙ୍କ ଘର ପାଖରେ ଅନ୍ଧାରରେ ଲୁଚି ରହିଲେ । କିନ୍ତୁ ଝିମି ଆଉ ସମ୍ଭାଳି ପାରିଲା ନାହିଁ । ସେ ଧୀରେ ଧୀରେ ନାଳ ଦେଇ ଘର ଭିତରକୁ ପଶିଗଲା । ଦେଖିଲା ମହେଶନାଥ ଆଉ ସୁରେଶ ଦୁଇଜଣଯାକ ଥାଳି ପାଖରେ ବସି ସାରିଲେଣି । ସେ ବାରଣ୍ଡାରେ ନୀରବରେ ବସି ରହିଲା । କିନ୍ତୁ କାଳେ କିଏ ବାଡ଼ିରେ ପାହାରେ ପକାଇବ ବୋଲି ଡରୁଥିଲା ।

ଘରର ଚାକରମାନେ କଥାବାର୍ତ୍ତା ହେଉଥିଲେ । ଜଣେ କହିଲା—ଆଜି ମଙ୍ଗୁଳୁଟା କାହିଁ ଦିଶୁନି ତ ! ମାଲିକାଣୀ ଗାଳି ଦେଇଥିଲେ । ବୋଧହୁଏ ସେଥିପାଇଁ କୁଆଡ଼େ ପଳାଇ ଯାଇଛି । ଦ୍ୱିତୀୟ ଜଣକ କହିଲା—ଭଲହେଲା, ବାହାର କରି ଦିଆ ହେଲା । ସକାଳୁ-ସକାଳୁ ଗୋଟିଏ ମେହେନ୍ତରର ମୁହଁ ଦେଖିବାକୁ ପଡୁଥିଲା ।

ମଙ୍ଗଳ ଆଉ ଟିକିଏ ଅନ୍ଧାରକୁ ଘୁଞ୍ଚିଗଲା । ତାହାର ଆଶା କ୍ଷୀଣ ହୋଇଆସିଲା ।

ମହେଶନାଥ ଖାଇସାରି ଉଠିଲେ । ଚାକର ହାତ ଧୂଆଇ ଦେଲା । ବର୍ତ୍ତମାନ ହୁକ୍କା ଟାଣିବେ ଏବଂ ତାପରେ ଶୋଇ ଯିବେ । ସୁରେଶ ତା ମା ପାଖରେ ବସି କାହାଣୀ ଶୁଣୁ ଶୁଣୁ

Digitized by PPRACHIN, SOA

ଶୋଇପଡ଼ବ । ଗରବ ମଙ୍ଗଳ କଥା କିଏ ଚିନ୍ତା କରୁଛି ? ଏବେତ ଡେର ହୋଇଗଲାଣି, କେହି ଭୁଲରେ ଥରେ ହେଲେ ମଧ୍ୟ ତାକୁ ଡାକଲେ ନାହିଁ । କିଛି ସମୟ ପର୍ଯ୍ୟନ୍ତ ସେ ସେଠାରେ ହତାଶ ହୋଇ ଠିଆରହିଲା । ତାପରେ ଏକ ଦୀର୍ଘ ନିଃଶ୍ୱାସ ଛାଡ଼ି ଫିବାକୁ ବାହାରିଲାବେଳକୁ ଦେଖିଲା ଟୁକରଟା ପତରରେ ଅଇଁଠା କିଣିଷ ଧରି ଯାଉଛି । ମଙ୍ଗଳ ନିଜକୁ ଆଉ ସମ୍ଭାଳି ପାରିଲା ନାହିଁ । ଅନ୍ଧାରରୁ ବାହାରିଆସିଲା । ସେ ଗଉଡ଼ିପିଲା କହିଲା—ଆରେ ତୁ ଏଠାରେ ଥିଲୁ ? ଆମେ ଭାବିଲୁ ତୁ କୁଆଡ଼େ ପଳେଇଲୁ । ନେ ଖାଇଦେ—ମୁଁ ଫୋପାଡ଼ିବା ପାଇଁ ନେଇଯାଉଥିଲି ।

ମଙ୍ଗଳ ଅତି ବ୍ୟାକୁଳ ହୋଇ କହିଲା—ମୁଁ ବହୁତ ବେଳ ହେଲା ଏଠାରେ ଠିଆହୋଇଥିଲି ।

—କହିଲୁ ନାହିଁ କାହିଁକି ?

—ଡର ଲାଗିଲା ।

—ହଉ ନେ ଖାଇଦେ ।

ସେ ଚନ୍ଦଟାକୁ ଉପରକୁ ଟେକି ମଙ୍ଗଳର ହାତରେ ପକେଇ ଦେଲା । ମଙ୍ଗଳ ତାକୁ ଏକ କୃତଜ୍ଞତାପୂର୍ଣ୍ଣ ଦୃଷ୍ଟିରେ ଅନାଇ ରହିଲା । ଟମି ମଧ୍ୟ ଭିତରୁ ବାହାରି ଆସିଲା । ଦୁଇଜଣ ସେଠାରେ ସେହି ନିମଗଛ ତଳେ ବସି ସେଇ ଅଇଁଠାପତ୍ରରୁ ଖାଇବାକୁ ଲାଗିଲେ ।

ମଙ୍ଗଳ ଗୋଟେ ହାତରେ ଟମିର ମୁଣ୍ଡ ଆଉଁସି ଦେଉ ଦେଉ କହିଲା—ଦେଖ୍ ଭାଇ, ପେଟର ନିଆଁ କେଡ଼େ ଦୁଃଖ ଦିଏ । ଏଇ ଅଇଁଠା ରୁଟି ଦୁଇପଟ ନ ମିଳିଥିଲେ କଣ କରିଥାନ୍ତେ ?

ଟମି ତା ଲାଙ୍ଗୁଡ଼ ହଲାଇଦେଲା ।

"ସୁରେଶକୁ ମୋ ମା ପାଳିଥିଲା ।"

Digitized by PPRACHIN, SOA

ଟମି ପୁଣି ତା ଲାଙ୍ଗୁଡ଼ ହଲାଇଦେଲା ।

"ଲୋକମାନେ କହନ୍ତି ଦୁଧର ମୂଲ୍ୟ କେହି ଶୁଝି ପାରେନାହିଁ । ଆଜ ମୋତେ ଦୁଧର ମୂଲ୍ୟ ମିଳୁଛି ।"... ଏହି କଥାର ଉତ୍ତରରେ ଟମି ପୁଣି ତା ଲାଙ୍ଗୁଡ଼ ହଲାଇ ଦେଲା ।

Digitized by PPRACHIN, SOA